
ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି
The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ରବିବାର ୨୦ ଏପ୍ରିଲ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 20 APRIL 2025
Vol.No. 36 ■ No.103 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଖୁବ୍ ଶୀଘ୍ର ପ୍ରକାଶ ପାଇବ
ବିଷୁବ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...
website : sagarika.in.net


## ଭାରତ ଆସୁଛନ୍ତି ଏଲନ ମସ୍କ



ନୂଆଦିଲ୍ଲୀ, ୧୯/୪ : ଦୁନିଆର ସର୍ବଶ୍ରେଷ୍ଠ ଧନୀ ତଥା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନିକଟତର ଏଲନ ମସ୍କ ଭାରତ ଆସିବେ । ଏନେଇ ସେ ଶନିବାର ଦିନ ସୋସିଆଲ ମିଡିଆରେ ସୂଚନା ସେୟାର କରିଛନ୍ତି । ଗୋଟିଏ ଦିନ ପୂର୍ବରୁ ସେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହ ଆଲୋଚନା କରିଥିଲେ । ଏନେଇ କଥା ହେବା ବେଳେ ସେ ଚଳିତ ବର୍ଷ ଶେଷ ସୁଦ୍ଧା ଭାରତ ଆସିପାରନ୍ତି ବୋଲି କହିଛନ୍ତି । ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହ ଭାରତ-ଆମେରିକା ସହଯୋଗ ଉପରେ ଫୋନ ମାଧ୍ୟମରେ କଥା ହେବାର ଗୋଟିଏ ଦିନ ପରେ ସେ ସେ ସୋସିଆଲ ମିଡିଆ ସାଇଟ୍ ଏକ୍ସ ରେ ଲେଖିଛନ୍ତି କି, ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହ କଥା ହେବା ଏକ ସମ୍ମାନର କଥା। ମୁଁ ଚଳିତ ବର୍ଷ ଶେଷ ସୁଦ୍ଧା ଭାରତ ଗସ୍ତ କରିବାକୁ ଆଗ୍ରହୀ ଅଛି । ସେପଟେ ଏହି ଫୋନକଲ୍ ବାବଦରେ ପ୍ରଧାନମନ୍ତ୍ରୀ କହିଛନ୍ତି କି, ଆମ ଉଭୟଙ୍କ ମଧ୍ୟରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଛି । ଏହି ଆଲୋଚନାରେ ଟେକ୍ନୋଲୋଜି, ଇନୋଭେସନ କ୍ଷେତ୍ରରେ ମସ୍କଙ୍କ ସହଯୋଗ ସମ୍ଭାବନା ଉପରେ କଥା ହୋଇଛି ।

## ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେଲେ ନବୀନ



ଭୁବନେଶ୍ୱର, ୧୯/୪ (ନି.ପ୍ର): ଲଗାତାର୍ ନବମ ଥର ପାଇଁ ବିଜେଡିର ସୁପ୍ରିମୋ ହେଲେ ନବୀନ । ଶଙ୍ଖ ଭବନରେ ରାଜ୍ୟ ପରିଷଦ ବୈଠକରେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ନେଇ ଘୋଷଣା କରାଗଲା । କିନ୍ତୁ, ପାଓ୍ୱାର ପଲିଟିକ୍ସରେ ମାହିର ନବୀନଙ୍କ ପାଇଁ ଅପୋଜିସନ୍ ପଲିଟିକ୍ସ ବେଶ୍ ଆହ୍ୱାନପୂର୍ଣ୍ଣ ରହିବ । ଅସନ୍ତୁଷ୍ଟଙ୍କୁ ଥଇଥାନ, ବରିଷ୍ଠଙ୍କୁ ଦାୟିତ୍ୱ ଓ ୨୪ ନିର୍ବାଚନରେ ଫେଲ୍ ମାରିଥିବା ନେତାଙ୍କ ଭାଗ୍ୟ ନବୀନଙ୍କ ପାଇଁ ବଡ଼ ଚାଲେଞ୍ଜ ସୃଷ୍ଟି କରିଛି । ଆଗକୁ ରାଜ୍ୟ କମିଟି ଘୋଷଣା ହେବାକୁ ଥିବା ବେଳେ ଅସନ୍ତୁଷ୍ଟଙ୍କ ପାଇଁ ନବୀନଙ୍କ ମୁଣ୍ଡ ବିନ୍ଧା ବଢ଼ିପାରେ । ଆଜି ଶଙ୍ଖ ଭବନରେ ବସିଥିବା ରାଜ୍ୟ ପରିଷଦ ବୈଠକରେ ଆନୁଷ୍ଠାନିକ ଭାବେ ଏହି ଘୋଷଣା କରିଛନ୍ତି ଦଳର ନିର୍ବାଚନ ଅଧିକାରୀ ପ୍ରତାପ ଦେବ । ଅପରପକ୍ଷେ ଦାୟିତ୍ୱ ନେଉ ନେଉ ନବୀନ ନେତାଙ୍କୁ ଦେଖାଇଲେ ଆଇନା । ପଢାଇଲେ ପାଠ । କହିଲେ ରାଜ୍ୟ ସ୍ୱାର୍ଥ ପାଇଁ ଲଢେଇ ଜାରି ରହିବ । ଗତ ନିର୍ବାଚନରେ ମିଛ ପ୍ରଚାରକୁ ସୋସିଆଲ୍ ମିଡିଆରେ ଆମେ କାଉଣ୍ଟର କରିପାରିଲୁ ନାହିଁ ବୋଲି ଦଳ ପରାଜିତ ହେଲା ବୋଲି କହି ଦଳର ସୋସିଆଲ ମିଡିଆ ଟିମ୍ ଦାୟିତ୍ୱରେ ଥିବା ନେତାଙ୍କୁ ବି ଟାର୍ଗେଟ୍ କରିଛନ୍ତି ନବୀନ । ଅନ୍ୟପଟେ ନବୀନଙ୍କ ଆହ୍ୱାନ ଅନେକ କିଛି ସ୍ପଷ୍ଟତା ଆଣିଥିବା କହିଛନ୍ତି କିଛି ବରିଷ୍ଠ ନେତା । ଓ୍ୱକଫ୍ ବିଲ୍ ଓ ସୀମା ପୁନଃ ନିର୍ଦ୍ଧାରଣ ପ୍ରସଙ୍ଗରେ ଷ୍ଟାଲିନଙ୍କ ସଭାରେ ବିଜେଡି ଯୋଗଦେବା ପରେ ଦଳର ପ୍ରକୃତ ଆଭିମୁଖ୍ୟ ନେଇ ଅନେକ ବରିଷ୍ଠ ନେତା ପ୍ରଫୁଲ୍ଲ ମଲିକ ସ୍ପଷ୍ଟ ଭାବେ କହିଛନ୍ତି 'ବିଜେଡି ଷ୍ଟେଟ୍ କାଉନସିଲ୍ ମିଟିଂକୁ ତାଙ୍କୁ ପୂର୍ବରୁ ଡକାଯାଉଥିଲା, ହେଲେ ଏଥର ଡକାଯାଇନି ।'

▶▶ପୃଷ୍ଠା ୭

## ପ୍ରକାଶ ପାଇଲା ଜେଇଇ ମେନ୍ ସେସନ୍-୨ ରେଜଲ୍ଟ; ପ୍ରଥମ ରାଙ୍କରେ ଅଛନ୍ତି ଓଡ଼ିଆ ପୁଅ

ଭୁବନେଶ୍ୱର, ୧୯/୪ (ନି.ପ୍ର): ପ୍ରକାଶ ପାଇଲା ଜେଇ ମେନ୍ ସେସନ୍-୨ର ପରୀକ୍ଷା ଫଳ । ଗତକାଲି ମଧ୍ୟରାତ୍ରିରେ ଜେଇ ପରୀକ୍ଷା ଫଳ ଘୋଷଣା କରିଛି ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି । ଅଲ୍ ଇଣ୍ଡିଆ ରାଙ୍କ ଘୋଷଣା କରିଛି ଏନଟିଏ । ଅଲ୍ ଇଣ୍ଡିଆ ରାଙ୍କ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ଓଡ଼ିଶା ଭୁବନେଶ୍ୱରର ଓମ ପ୍ରକାଶ ବେହେରା । ସେ ରାଜସ୍ଥାନ କୋଟାରେ କୋଚିଂ ନେଉଥିଲେ । ତେବେ ୨୪ ଜଣ ଛାତ୍ରଛାତ୍ରୀ ଶତ ପ୍ରତିଶତ ସ୍କୋର ପାଇଥିବା ଏନଟିଏ ଘୋଷଣା କରିଛି । ୨୪ ଜଣ ଟପରଙ୍କ ମଧ୍ୟରେ ରାଜସ୍ଥାନ, ମହାରାଷ୍ଟ୍ର, ତେଲେଙ୍ଗାନା, ଉତ୍ତର ପ୍ରଦେଶ ଓ ପଶ୍ଚିମ ବଙ୍ଗର ଛାତ୍ର ଛାତ୍ର ରହିଛନ୍ତି । ଦୁଇ ଜଣ ଛାତ୍ରୀ ଏହି ୨୪ ଜଣଙ୍କ ମଧ୍ୟରେ ରହିଛନ୍ତି ।

## ରାଉରକେଲାରେ ପୁଲିସ ଓ ବସ୍ତି ବାସିନ୍ଦାଙ୍କ ଭିତରେ ଖଣ୍ଡଯୁଦ୍ଧ: ଜଣେ ମୃତ, ୬ ଆହତ

ରାଉରକେଲା, ୧୯/୪ (ନି.ପ୍ର): ପୋଲିସ ଜନତାଙ୍କ ମଧ୍ୟରେ ଖଣ୍ଡଯୁଦ୍ଧ । ରାଉରକେଲା ବନ୍ଧମୁଣ୍ଡାରେ ଆରଏସପିର ତୃତୀୟ ରେଳ ଲାଇନ ନିର୍ମାଣ ବେଳେ ପୋଲିସ ଆନ୍ଦୋଳନକାରୀ ମୁହାଁମୁହିଁ ହୋଇଛନ୍ତି । ଆନ୍ଦୋଳନ ବେଳେ ଜେସିବିରେ ଚାପିହୋଇ ଜଣେ ଯୁବକଙ୍କ ମୃତ୍ୟୁ ପରେ ଘଟଣାସ୍ଥଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା । ଉତ୍ୟକ୍ତ ଲୋକେ ପୋଲିସ ଉପରକୁ ଆକ୍ରମଣ କରିବା ସହ ଗାଡ଼ି ଭଙ୍ଗାରୁଜା କରିଥିଲେ । ପରେ ପରିସ୍ଥିତିକୁ ଦେଖି ଘଟଣାସ୍ଥଳରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଛି । ରାଉରକେଲା ବନ୍ଧମୁଣ୍ଡା ଅଞ୍ଚଳରେ ଦେଖିବାକୁ ମିଳିଛି ଏଭଳି ଅଭାବନୀୟ ଘଟଣା । ଆରଏସପି ପକ୍ଷରୁ ରେଲୱେ ଲାଇନ ନିର୍ମାଣ ବେଳେ ସ୍ଥାନୀୟ ଲୋକଙ୍କ ତୀବ୍ର ବିରୋଧ । ନୂଆ ରେଳ ଲାଇନ୍ ନିର୍ମାଣକୁ ବରକାନି ଅଞ୍ଚଳର ଲୋକ ବିରୋଧ ପ୍ରଦର୍ଶନ କରୁଥିଲେ । ଏତିକିବେଳେ ଜେସିବି ଆଗକୁ ଚାଲି ଆସିବାରୁ ଚାପି ହୋଇ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି । ମୃତ ଯୁବକଙ୍କ ନାଁ ଏତୁଆ ଏକା । ଯୁବକଙ୍କ ମୃତ୍ୟୁ ପରେ ଘଟଣାସ୍ଥଳରେ ପ୍ରକାଶ ପାଇଥିଲା ପ୍ରବଳ ଉତ୍ତେଜନା । ସ୍ଥିତି ନିୟନ୍ତ୍ରଣ ପାଇଁ ଆସିଥିଲେ ଅଧିକ ଫୋର୍ସ । ଆଉ ଏତିକି ବେଳେ ପୋଲିସ ଉପରେ ଆକ୍ରମଣ କରିଥିଲେ ଉତ୍ୟକ୍ତ ଲୋକେ । ପୋଲିସ ଗାଡ଼ି ଭଙ୍ଗାରୁଜା କରିବା ସହ ଦୁଇଟି ଭ୍ୟାନ୍ ପଲଟାଇ ଦେଇଛନ୍ତି । ନିର୍ମାଣ କାର୍ଯ୍ୟରେ ନିୟୋଜିତ ଜେସିବି ଏବଂ ଡମ୍ପର ବି ଭଙ୍ଗାରୁଜା କରିଛନ୍ତି । ମାରଣାସ୍ତ୍ରରେ ଆକ୍ରମଣ ଓ ଢେଲାପଥର ମାଡ଼ରେ ୮

▶▶ପୃଷ୍ଠା ୭

## ଏପ୍ରିଲ ୨୪ରେ ମିଳିବ ସୁଭଦ୍ରା ଟଙ୍କା

ଭୁବନେଶ୍ୱର, ୧୯/୪ (ନି.ପ୍ର): ଆସନ୍ତା ୨୪ ତାରିଖରେ ଯୋଗ୍ୟ ହିତାଧିକାରୀଙ୍କୁ 'ସୁଭଦ୍ରା' ଯୋଜନାର ଷଷ୍ଠ ପର୍ଯ୍ୟାୟ ଟଙ୍କା ଦିଆଯିବ। ଏନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି। ସେ କହିଛନ୍ତି, ମାର୍ଚ୍ଚ ୩୧ ସୁଦ୍ଧା ଆବେଦନ କରିଥିବା ଯୋଗ୍ୟ ନୂତନ ହିତାଧିକାରୀଙ୍କୁ ଏପ୍ରିଲ ୨୪ ତାରିଖରେ ସୁଭଦ୍ରା ଟଙ୍କା ମିଳିବ । ପୁରୀଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଏହି ଟଙ୍କା ପ୍ରଦାନ କରାଯିବ। ପଂଚାୟତିରାଜ ଦିବସରେ ୧ ଲକ୍ଷ ୭୦ ହଜାର ହିତାଧିକାରୀଙ୍କ ଆକାଉଂଟକୁ ଦୁଇଟି କିସ୍ତିର ଟଙ୍କା ଆସିବ। ସେମାନେ ଏକ ସମୟରେ ୧୦ ହଜାର ଟଙ୍କା ପାଇବେ।

## ମିଳିଲାନି ନିମନ୍ତ୍ରଣ: ଅସନ୍ତୋଷ ଝାଡ଼ିଲେ ପୁରୁଖା ନେତା



ଭୁବନେଶ୍ୱର, ୧୯/୪ (ନି.ପ୍ର): ନବୀନ ନବମ ଥର ପାଇଁ ନିର୍ଦ୍ୱନ୍ଦ୍ୱରେ ବିଜେଡି ସଭାପତି ନିର୍ବାଚିତ ହେଲେ। ତଥାପି ଦଳରେ ଥମିଲାନି ବିବାଦ । ଆଜି ଶଙ୍ଖପତିଙ୍କ ଅଭିଷେକ ଉତ୍ସବରେ ଅନେକ ଚିହ୍ନା ଓ ଟାଣୁଆ ଚେହେରାଙ୍କ ଅନୁପସ୍ଥିତିକୁ ନେଇ ନାନା ଚର୍ଚ୍ଚା । ଆଜିର କାର୍ଯ୍ୟକ୍ରମକୁ ଡକାଯାଇ ନଥିବାରୁ ଅନେକ ନେତା ଖୋଲାଖୋଲି ଅସନ୍ତୋଷ ଜାହିର କରିଥିବାବେଳେ, ଏହା ତାଙ୍କର ବ୍ୟକ୍ତିଗତ କାରଣ ଦର୍ଶାଇ ଚର୍ଚ୍ଚାରେ ପ୍ୟାଚ୍ ପକାଇଛନ୍ତି ଆଉ କିଛି ବରିଷ୍ଠ । ଆଜି ନବମ ଥର ପାଇଁ ବିଜେଡି ସଭାପତି ଭାବେ ଶଙ୍ଖ ଭବନରେ ନବୀନଙ୍କ ଅଭିଷେକ ଉତ୍ସବରେ ଦଳର ବହୁ ବରିଷ୍ଠ ନେତାଙ୍କ ଦେଖା ନମିଳିବା ଘଟଣାକୁ ନେଇ ଜୋର ଧରିଲା ଚର୍ଚ୍ଚା। । ଏମିତିକି ସବୁବେଳେ ଦଳ ପାଇଁ ଓକିଲାତି କରି ଆସୁଥିଲେ ବି ଆଜି ଦଳର ଏକ ବଡ଼ କାର୍ଯ୍ୟକ୍ରମରେ ଅନୁପସ୍ଥିତ ଥିବା ଏଭଳି ଟାଣୁଆ ନେତାଙ୍କ ସଂଖ୍ୟା ୧୦ରୁ ଅଧିକ । ସେହି ଲିଷ୍ଟରେ ଅଛନ୍ତି ପୂର୍ବତନ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପ୍ରଫୁଲ୍ଲ ମଲ୍ଲିକ, ଶଶିଭୂଷଣ ବେହେରାଙ୍କ ସହ ଭୂପିନ୍ଦର ସିଂ, ସନାତନ ମହାକୁଡ଼ ଓ ଶ୍ରୀମୟୀ ମିଶ୍ର । ସେହିଭଳି ଓ୍ୱକଫ୍ ବିଲ୍ ଭୋଟିଂ ବିବାଦ ପରଠୁ ସବୁଠୁ ଅଧିକ ଚର୍ଚ୍ଚାରେ ଥିବା ରାଜ୍ୟସଭା ସାଂସଦ ସସ୍ମିତ ପାତ୍ରଙ୍କ ସହ ଅନ୍ୟ ଦୁଇ ସାଂସଦ ନିରଞ୍ଜନ ବିଶି ଓ ସୁଲତା ଦେଓଙ୍କର ବି ଦେଖା ମିଳିନି । ତେବେ କେଉଁ ପରିସ୍ଥିତିରେ ବିଜେଡିର ଏକ ବିଶେଷ ମୁହୂର୍ତ୍ତକୁ ଏ ନେତାମାନେ ଆସଲେନି ? ସେ ଉତ୍ତର ଖୋଜା ଭିତରେ କିଛି ଅନୁପସ୍ଥିତ ନେତା କିନ୍ତୁ ରଖିଛନ୍ତି ଖୋଲାଖୋଲି ପ୍ରତିକ୍ରିୟା ।

▶▶ପୃଷ୍ଠା ୭

## ପୁଣି ଥରିଲା ଆଫଗାନିସ୍ତାନ : ରିକ୍ଟର ସ୍କେଲରେ ତୀବ୍ରତା ୫.୮, ଜାରିହେଲା ସତର୍କ ସୂଚନା



ନୂଆଦିଲ୍ଲୀ, ୧୯/୪ : ଆଫଗାନିସ୍ତାନରେ ଆଜି ମଧ୍ୟାହ୍ନ ସମୟରେ ୫.୮ ତୀବ୍ରତାର ଏକ ଭୂମିକମ୍ପ ଅନୁଭୂତ ହୋଇଛି । ଏନେଇ ଜାତୀୟ ଭୂମିକମ୍ପ ବିଜ୍ଞାନ କେନ୍ଦ୍ର ସୂଚନା ଦେଇଛି । ଏହି ଭୂମିକମ୍ପର କେନ୍ଦ୍ରସ୍ଥଳ ହିନ୍ଦୁକୁଶ ଅଞ୍ଚଳ ବୋଲି ଜଣାପଡିଛି । ସେହିପରି ଭାରତର ଆସାମ ଓ ଜାମ୍ମୁ-କାଶ୍ମୀରର ଶ୍ରୀନଗର ଏବଂ ଅନ୍ୟାନ୍ୟ ଅଞ୍ଚଳରେ ମଧ୍ୟ ଝଟକା ଅନୁଭୂତ ହୋଇଛି । ବର୍ତ୍ତମାନ ପର୍ଯ୍ୟନ୍ତ ଜୀବନହାନି କିମ୍ବା ସମ୍ପତ୍ତି କ୍ଷୟକ୍ଷତିର କୌଣସି ଖବର ମିଳିନାହିଁ।

## ଦିଲ୍ଲୀରେ ଭୁଶୁଡ଼ି ପଡ଼ିଲା କୋଠା: ୧୧ ମୃତ



ନୂଆଦିଲ୍ଲୀ, ୧୯/୪ : ଦିଲ୍ଲୀର ମୁସ୍ତାଫାବାଦ ଅଞ୍ଚଳର ଶକ୍ତି ବିହାରରେ ଶନିବାର (୧୯ ଏପ୍ରିଲ) ପ୍ରତ୍ୟୁଷରେ ଏକ ଚାରି ମହଲା କୋଠା ଭୁଶୁଡ଼ି ପଡ଼ିଛି। ଏହି ଦୁର୍ଘଟଣାରେ ଏପର୍ଯ୍ୟନ୍ତ ୧୧ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୨୨ ଜଣଙ୍କୁ ଭଗ୍ନାବଶେଷରୁ ଉଦ୍ଧାର କରାଯାଇଛି। କୋଠା ଭୁଶୁଡ଼ିବା ସମ୍ପର୍କରେ ଏକ ଭିଡିଓ ସାମ୍ନାକୁ ଆସିଛି । ଏହି ଘଟଣା ପରେ ଅଞ୍ଚଳର ଲୋକଙ୍କ ମଧ୍ୟରେ ଆତଙ୍କର ବାତାବରଣ ରହିଛି। ଦୋଷୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏମସିଡି ମେୟର ମହେଶ ଖିଚି ନିଗମ କମିଶନରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମୁସ୍ତାଫାବାଦ ଅଞ୍ଚଳରେ କୋଠା ଭୁଶୁଡ଼ିବା ଘଟଣା ପରେ ଘଟଣାସ୍ଥଳରେ ପହଞ୍ଚିଥିବା ସ୍ଥାନୀୟ ବିଧାୟକ ମୋହନ ସିଂହ ବିଷ୍ଟ ଦିଲ୍ଲୀ ସରକାରଙ୍କଠାରୁ ଦାୟୀ ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ସେ କହିଛନ୍ତି ଯେ ବିଧାନସଭାରେ ବେଆଇନ କୋଠା ପ୍ରସଙ୍ଗ ଅନେକ ଥର ଉଠାଯାଇଛି ।ମୁସ୍ତାଫାବାଦ ଅଞ୍ଚଳରେ କୋଠା ଭୁଶୁଡ଼ିବା ଘଟଣା ପରେ ଘଟଣାସ୍ଥଳରେ ପହଞ୍ଚିଥିବା ସ୍ଥାନୀୟ ବିଧାୟକ ମୋହନ ସିଂହ ବିଷ୍ଟ ଦିଲ୍ଲୀ ସରକାରଙ୍କଠାରୁ ଦାୟୀ ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ସେ କହିଛନ୍ତି ଯେ ବିଧାନସଭାରେ ବେଆଇନ କୋଠା ପ୍ରସଙ୍ଗ ଅନେକ ଥର ଉଠାଯାଇଛି। ସେ କହିଥିଲେ, 'ମୁଁ ନିର୍ବାଚନ ଜିତିବା ଦିନଠାରୁ, ମୋର ଏକମାତ୍ର ପ୍ରସଙ୍ଗ ହେଉଛି ବେଆଇନ କୋଠା ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା। ଯଦି ଶହ ଶହ ଲୋକ ୨୫ କିମ୍ବା ୫୦ ଗଜର କୋଠାରେ ରହୁଛନ୍ତି, ତେବେ ଏକ ଦୁର୍ଘଟଣା ନିଶ୍ଚିତ ଭାବରେ ଘଟିବ। ମୁଁ ଏ ବିଷୟରେ ଦିଲ୍ଲୀର ଏଲଜି, କମିଶନର ଏବଂ ପୋଲିସ କମିଶନରଙ୍କ ସହ କଥା ହୋଇଛି, କିନ୍ତୁ ଆଜି ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ।'

## ଅଶାନ୍ତ ବାଂଲାଦେଶ: ପୁଣି ୟୁନୁଶଙ୍କ ଦେଶରେ ହିନ୍ଦୁଙ୍କୁ ଟାର୍ଗେଟ




ନୂଆଦିଲ୍ଲୀ, ୧୯/୪ : ବାଂଲାଦେଶରେ ହିନ୍ଦୁ ସଂଖ୍ୟାଲଘୁଙ୍କ ବିରୁଦ୍ଧରେ ହିଂସା ବନ୍ଦ ହେବାର ନା ଧରୁନାହିଁ । ସାଧାରଣ ଲୋକ ହୁଅନ୍ତୁ ବା ନେତା ଇସଲାମ କଠୋରପନ୍ଥୀ ମାନେ କାହାକୁ ଛାଡୁନାହାନ୍ତି । ଏବେ ଉତ୍ତର ବାଂଲାଦେଶର ଦିନାଜପୁର ଜିଲ୍ଲାର ହିନ୍ଦୁ ସମ୍ପ୍ରଦାୟର ଜଣେ ପ୍ରମୁଖ ନେତାଙ୍କୁ ତାଙ୍କ ଘରୁ ଅପହରଣ କରାଯାଇ ନିର୍ମମ ଭାବରେ ପିଟିପିଟି ହତ୍ୟା କରାଯାଇଥିବା ଖବର ବାଂଲାଦେଶ ଓ ଭାରତରେ ଚାଂଚଲ୍ୟ ସୃଷ୍ଟି କରିଛି। ବାଂଲାଦେଶ ଗଣମାଧ୍ୟମରେ ଅନୁସାରେ ,ଢାକାରୁ ପ୍ରାୟ ୩୩୦ କିଲୋମିଟର ଉତ୍ତର-ପଶ୍ଚିମରେ ଦିନାଜପୁରର ବାସୁଦେବପୁର ଗ୍ରାମର ବାସିନ୍ଦା ଭାବେଶ । ସଂଖ୍ୟାଲଘୁଙ୍କ ବିରୁଦ୍ଧରେ ହିଂସାର ଆଉ ଏକ ଘଟଣାରେ, ଦିନାଜପୁରର ବିରାଲ ଉପଜିଲ୍ଲାରେ ଭାବେଶ ଚନ୍ଦ୍ର ରାୟ ହିନ୍ଦୁ ନେତାଙ୍କୁ ଅପହରଣ କରାଯାଇ ଆକ୍ରମଣ କରାଯାଇଥିଲା । ସ୍ଥାନୀୟ ଗଣମାଧ୍ୟମ ରିପୋର୍ଟ ଅନୁସାରେ ଭାବେଶ ହିନ୍ଦୁ ସମ୍ପ୍ରଦାୟର ଜଣେ ପ୍ରମୁଖ ନେତା ଥିଲେ ଏବଂ ବାଂଲାଦେଶ ପୂଜା ପରିଷଦର ବିରାଲର ଉପାଧ୍ୟକ୍ଷ

## ଆଗାମୀ ୬ ଦିନ ପାଇଁ ରାଜ୍ୟର ବିଭିନ୍ନ ଜିଲ୍ଲା ଗୁଡ଼ିକୁ ସତର୍କ ଘଣ୍ଟି



ଭୁବନେଶ୍ୱର, ୧୯/୪ (ନି.ପ୍ର): ଆଗାମୀ ୬ ଦିନ ପାଇଁ ପାଣିପାଗ ସ୍ଥିତି ପୂର୍ବାନୁମାନ କରି ପ୍ରେସରିଲିଜ୍ ଜାରି କରିଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର । ମଧ୍ୟାହ୍ନ/ସନ୍ଧ୍ୟା ସମୟରେ ରାଜ୍ୟର ଅନେକ ସ୍ଥାନରେ କୁଆପଥର ସହ ବିଜୁଳି ଓ କାଳବୈଶାଖୀର ସମ୍ଭାବନା ରହିଛି । ତେଣୁ ବିଭିନ୍ନ ଜିଲ୍ଲାକୁ ଏହି ସମୟରେ ସତର୍କ ରହିବାକୁ ପରାମର୍ଶ ଦେଇଛି ପାଣିପାଗ କେନ୍ଦ୍ର । ଆସନ୍ତାକାଲି ଅର୍ଥାତ୍ ୨୦ ତାରିଖ ପାଇଁ କିଛି ଜିଲ୍ଲାକୁ ଅରେଞ୍ଜ ଓ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି । ଅରେଞ୍ଜ ଓ୍ୱାର୍ଣ୍ଣିଂ ଜାରି କରାଯାଇଥିବା ଜିଲ୍ଲା ଗୁଡ଼ିକ ହେଉଛି-: ମୟୂରଭଞ୍ଜ, ବାଲେଶ୍ୱର, କେନ୍ଦୁଝର, ମାଲକାନଗିରି, କୋରାପୁଟ, ରାୟଗଡ଼ା, ନବରଙ୍ଗପୁର, ଗଞ୍ଜାମ ଓ ଗଜପତି ଜିଲ୍ଲା । ଏହିସବୁ ଜିଲ୍ଲା ଗୁଡ଼ିକର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ମଧ୍ୟାହ୍ନ/ସନ୍ଧ୍ୟା ସମୟରେ ଘଡ଼ଘଡ଼ି, କୁଆପଥର ସହ ଝଟକା ପବନ ( ୫୦-୬୦ ) କିଲୋମିଟର ପ୍ରତି ଘଣ୍ଟା ହେବାର ସମ୍ଭାବନା ରହିଛି । ସେହିପରି ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଥିବା ଜିଲ୍ଲା ଗୁଡ଼ିକ ହେଉଛି-: ସୁନ୍ଦରଗଡ଼, ଅନୁଗୁଳ, ଢେଙ୍କାନାଳ, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, ନୂଆପଡ଼ା, କଳାହାଣ୍ଡି ଓ କନ୍ଧମାଳ । ଏହିସବୁ ଜିଲ୍ଲା ଗୁଡ଼ିକର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ମଧ୍ୟାହ୍ନ/ସନ୍ଧ୍ୟା ସମୟରେ ଘଡ଼ଘଡ଼ି, କୁଆପଥର ସହ ଝଟକା ପବନ ( ୪୦-୫୦ ) କିଲୋମିଟର ପ୍ରତି ଘଣ୍ଟା ହେବାର ସମ୍ଭାବନା ରହିଛି । ଅନ୍ୟପଟେ ୟେଲୋ ଓ୍ୱାର୍ଣ୍ଣିଂ ଜାରି ହୋଇଥିବା କଟକ, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଓ ବଲାଙ୍ଗୀର ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘଡ଼ଘଡ଼ି, କୁଆପଥର ସହ ଝଟକା ପବନ ( ୩୦-୪୦ ) କିଲୋମିଟର ପ୍ରତି ଘଣ୍ଟା ହେବାର ସମ୍ଭାବନା ରହିଛି । ୨୧ ତାରିଖ ପାଇଁ ମଧ୍ୟ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି । ମାଲକାନଗିରି, କୋରାପୁଟ, ରାୟଗଡ଼ା, ନବରଙ୍ଗପୁର, ଗଞ୍ଜାମ ଓ ଗଜପତି ଜିଲ୍ଲା ଗୁଡ଼ିକର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ମଧ୍ୟାହ୍ନ/ସନ୍ଧ୍ୟା ସମୟରେ ଘଡ଼ଘଡ଼ି, କୁଆପଥର ସହ ଝଟକା ପବନ (୩୦-୪୦) କିଲୋମିଟର ପ୍ରତି ଘଣ୍ଟା ହେବାର ସମ୍ଭାବନା ରହିଛି । ସେହିପରି ୨୨ ଓ ୨୩ ତାରିଖରେ

▶▶ପୃଷ୍ଠା ୭

# ଦାଣ୍ଡବୋଷ ଏୟାରଷ୍ଟ୍ରିପ ବିସ୍ଥାପିତଙ୍କୁ ଭେଟିଲେ ପିସିସି ସଭାପତି

ଭୁବନେଶ୍ୱର, ୧୯/୪ (ନି.ପ୍ର): ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଦୁଇଦିନିଆ ମୟୁରଭଞ୍ଜ ଜିଲ୍ଲା ଗସ୍ତର ପ୍ରଥମ ଦିନରେ ମୟୁରଭଞ୍ଜ (ପଶ୍ଚିମ) ସାଂଗଠନିକ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ରାଇରଙ୍ଗପୁରର କଚେରୀ ପଡ଼ିଆ ଠାରେ ଆଦିବାସୀଙ୍କ ନ୍ୟାୟ ପାଇଁ ଅନୁଷ୍ଠିତ ବିଶାଳ ସାଧାରଣ ସଭାରେ ଯୋଗଦେଇଛନ୍ତି । ଆଦିବାସୀଙ୍କ ବିକାଶ ପାଇଁ ଡେଙ୍ଗୁରା ପିଟୁଥିବା ବିଜେପି ସରକାର ଗତ ୨୬ ମାର୍ଚ୍ଚ ଦିନ ରାଇରଙ୍ଗପୁର ବ୍ଲକର ପୁରୁଣାପାଣି ପଂଚାୟତର ୪୩ଜଣ ଆଦିବାସୀ ପରିବାରଙ୍କୁ ବୁଲଡଜର ଲଗାଇ ବାସଚ୍ୟୁତ କରିଦେଇଛନ୍ତି । ଦାଣ୍ଡବୋଷ ଏୟାରଷ୍ଟ୍ରିପ ସମ୍ପ୍ରସାରଣ ନାମରେ ପ୍ରଶାସନ ନିରୀହ ଆଦିବାସୀଙ୍କ ଉପରେ ଦାଉ ସାଧୁଛି ବୋଲି ସେ ଯୋଗଦେଇ କହିଥିଲେ। ଉକ୍ତ ପରିବାର ଗୁଡ଼ିକ ୪୦ ବର୍ଷରୁ ଅଧିକ ସମୟ ଧରି ଚାରଣଭୂମିରେ ରହୁଥିଲେ। ପ୍ରଶାସନ କୌଣସି ଉଦ୍ଦେଶ୍ୟ ପାଇଁ ଜମି ଅଧିଗ୍ରହଣ କରିବାପୂର୍ବରୁ ଅନୁସୂଚିତ ଅଂଚଳରେ ବାଧ୍ୟତାମୂଳକ ଗ୍ରାମସଭା କରିନଥିଲା। ବିସ୍ଥାପନ ପୂର୍ବରୁ ସେମାନଙ୍କୁ ପର୍ଯ୍ୟାପ୍ତ ସମୟ ଦିଆଯାଇନଥିଲା । ପ୍ରକୃତରେ ୩୦ ଦିନର ନୋଟିସ ଅବଧିରୁ ୮ ଦିନ ପରେ ଘରଭାଙ୍ଗି ଦିଆଯାଇଥିଲା। ଜିଲ୍ଲା ପ୍ରଶାସନର ଏଭଳି ଅମାନବୀୟ କାର୍ଯ୍ୟକୁ ଦୃଢ଼ ନିନ୍ଦା କରିଛନ୍ତି ଶ୍ରୀଯୁକ୍ତ ଦାସ । ସେ ଦାଣ୍ଡବୋଷରେ ଥିବା ପ୍ରଖ୍ୟାତ ସାନ୍ତାଳୀ ଭାଷାବିତ କିମ୍ବଦନ୍ତୀ ପୁରୁଷ ରଘୁନାଥ ମୁର୍ମୁଙ୍କ ସମାଧି ସ୍ଥଳରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଦାଣ୍ଡବୋଷକୁ ଏକ ଐତିହ୍ୟ ଗ୍ରାମ ଘୋଷଣା କରିବାକୁ ମଧ ଦାବି କରିଥିଲେ । ସମସ୍ତ କ୍ଷତିଗ୍ରସ୍ତ ଓ ବାସଚ୍ୟୁତ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ଦିଆଯିବାକୁ ଶ୍ରୀ ଦାସ ଦାବି କରିଛନ୍ତି । ଭାଙ୍ଗି ଦିଆଯାଇଥିବା ଘରଗୁଡ଼ିକୁ ସରକାରଙ୍କ ସହାୟତାରେ ପୁନଃନିର୍ମାଣ କରାଯାଉ । କୋର୍ଟ ଜ୍ଞାତସାରରେ ଗ୍ରାମସଭା ଆୟୋଜନ କରାଯାଇ ତାର ନିଷ୍ପତି ଅନୁଯାୟୀ ପରବର୍ତୀ ପଦକ୍ଷେପ ଗ୍ରହଣ କରାଯାଉ । ଯେଉଁ ଅଧିକାରୀମାନେ ଅମାନୁଷିକ ଭାବରେ ବିସ୍ଥାପିତ ଆଦିବାସୀଙ୍କ ଉପରେ ଯେଉଁ ଅତ୍ୟାଚାର କଲେ ସେମାନଙ୍କ ଉପରେ ପେଷା ଆଇନ ଓ ଗ୍ରାମସଭାକୁ ଅବମାନନା ପାଇଁ ଆଇନଗତ କାର୍ଯ୍ୟାନୁଷ୍ଠାନିଆଯାଉ ଏହି ଅବସରରେ ଶ୍ରୀ ଦାସ ରୁଙ୍ଗଟା ପ୍ରକଳ୍ପରୁ ବିସ୍ଥାପିତ ହେବାର ସମ୍ଭାବନା ଥିବା ଆନନ୍ଦପୁରର ଗ୍ରାମବାସୀଙ୍କ ଭେଟିଥିଲେ ଏବଂ ସେମାନଙ୍କର ଥଇଥାନ ଏବଂ ଆବାସ ପାଇଁ ଦୃଢ଼ ଦାବି କରିବେ ବୋଲି କହିଥିଲେ। ବିଶାଳ ସାଧାରଣ ସଭାକୁ ସମ୍ବୋଧିତ କରିବାପୂର୍ବରୁ ପିଚୁକୋଳି ଡାକବଙ୍ଗଳା ଠାରେ ରଘୁନାଥ ମୁର୍ମୁଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରି ବିସ୍ଥାପିତ ପରିବାରର ଲୋକମାନଙ୍କୁ ଭେଟିଥିଲେ। ଏହାପରେ ଇନ୍ଦିରା ଗାନ୍ଧୀଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରି ଜଗନ୍ନାଥ ମନ୍ଦିର ଦର୍ଶନ କରିବା ସହ ବଜାର ପରିକ୍ରମ କରିଥିଲେ । ଓ ମହାତ୍ମା ଗାନ୍ଧୀ ଏବଂ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରିଥିଲେ ଏବଂ ଏକ ଜନସମ୍ପର୍କ ପଦଯାତ୍ରାରେ ସଭାସ୍ଥଳକୁ ଯାଇଥିଲେ।

# ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ବାଲୁକାଶିଳ୍ପୀ ସୁଦର୍ଶନ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୯/୪ (ନି.ପ୍ର): ଅନ୍ତର୍ଜାତୀୟ ବାଲୁକାଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ୟୁନାଇଟେଡ କିଙ୍ଗଡମର ସମ୍ମାନଜନକ ସ୍ୟାଣ୍ଡ ମାଷ୍ଟର ଆୱାର୍ଡରେ ସମ୍ମାନିତ ହୋଇଥିବାରୁ ଶନିବାର ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ତାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ସୂଚନାଯୋଗ୍ୟ ଯେ, ସଂଯୁକ୍ତ ରାଷ୍ଟ୍ରର ଡୋରସେଟ୍ ଅଂଚଳର ୱେମାଉଥ ଠାରେ ଆୟୋଜିତ ଅନ୍ତର୍ଜାତୀୟ ବାଲୁକା କଳା ଉତ୍ସବରେ ଶ୍ରୀ ପଟ୍ଟନାୟକ ପ୍ରଥମ ଭାରତୀୟ ଭାବେ ଏହି ସମ୍ମାନ ପାଇଛନ୍ତି। ଶ୍ରୀ ପଟ୍ଟନାୟକ ମୁଖ୍ୟମନ୍ତ୍ରୀଙ୍କୁ ତାଙ୍କ ପଦକ, ସାର୍ଟିଫିକେଟ୍ ଓ ବାଲୁକା କଳାର ଫଟୋଚିତ୍ର ଦେଖାଇଥିଲେ। ମୁଖ୍ୟମନ୍ତ୍ରୀ ଖୁସିବ୍ୟକ୍ତ କରି ତାଙ୍କୁ ଓଡ଼ିଶାର ଆସେଟ୍ ବୋଲି କହିଥିଲେ ଏବଂ ଆଗାମୀ ଦିନରେ ଓଡ଼ିଶା ଓ ଦେଶ ପାଇଁ ଆହୁରି ଗୌରବ ଆଣିବେ ବୋଲି ଆଶା ପ୍ରକାଶ କରିଥିଲେ। ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକଙ୍କୁ ପୁଷ୍ପଗୁଚ୍ଛ ଓ ଉତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ସଫଳତା ପାଇଁ ଶ୍ରୀ ପଟ୍ଟନାୟକଙ୍କୁ ପୂର୍ବରୁ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ମଧ ଅଭିନନ୍ଦନ ଜଣାଇଛନ୍ତି।

# ପୋଷଣ ଅଭିଯାନରେ ଓଡ଼ିଶାର ପ୍ରମୁଖ ସଫଳତା

ଭୁବନେଶ୍ୱର, ୧୯/୪ (ନି.ପ୍ର): ପୋଷଣ ଅଭିଯାନରେ ଓଡ଼ିଶାକୁ ସଫଳତା ମିଳିଛି। ହିତାଧିକାରୀଙ୍କ ଆଧାର ଯାଂଚ ୯୯.୯୮% ପ୍ରତିଶତ ହୋଇଥିବା ବେଳେ ସର୍ବଭାରତୀୟ ସ୍ତରରେ ଲଗାତାର ଭାବରେ ଓଡ଼ିଶା ପ୍ରଥମ ସ୍ଥାନରେ ରହିଆସୁଛି । ୦-୬ ବର୍ଷର ଶିଶୁଙ୍କ ଅଭିବୃଦ୍ଧି ନିରୀକ୍ଷଣ ରେ ୯୯.୮୯% କରାଯାଇଛି। ଚଳିତ ପୋଷଣ ପକ୍ଷରେ ୩୦.୯୮ ଲକ୍ଷରୁ ଉର୍ଦ୍ଧ୍ୱ ସଚେତନତା କାର୍ଯ୍ୟକ୍ରମ ଆଜି ପର୍ଯନ୍ତ କରାଯାଇଛି । ଜନଆନ୍ଦୋଳନ ଓ ଗୋଷ୍ଠୀ ଭିତିକ କାର୍ଯ୍ୟକ୍ରମରେ ଏକ କୋଟି ୧୬ ଲକ୍ଷରୁ ଉର୍ଦ୍ଧ୍ୱ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ସମଗ୍ର ରାଜ୍ୟରେ ୮୪୦୦ ରୁ ଉର୍ଦ୍ଧ୍ୱ ଅଙ୍ଗନୱାଡ଼ି କେନ୍ଦ୍ର ଜ୍ଞାନକେନ୍ଦ୍ର ଭାବରେ କାର୍ଯ୍ୟ କରୁଛି। ସେଇପରି ସୁପୋଷିତ ଗ୍ରାମ ପଂଚାୟତ ଅଭିଯାନରେ ୬୭୪ ଗୋଟି ଗ୍ରାମ ପଂଚାୟତ ଯାଂଚ ପାଇଁ ବିବେଚିତ ହୋଇ ସର୍ବଭାରତୀୟ ସ୍ତରରେ ପ୍ରମୁଖ ରାଜ୍ୟ ଭିତରେ ଓଡ଼ିଶା ପ୍ରଥମରେ ଅଛି ।

# ବରିଷ୍ଠ ସାମ୍ବାଦିକ ରତିକାନ୍ତ ମହାନ୍ତିଙ୍କ ଅକାଳ ବିୟୋଗ

ଭୁବନେଶ୍ୱର, ୧୯/୪ (ନି.ପ୍ର): ଓଡ଼ିଶା ସାମ୍ବାଦିକ ଜଗତରେ ସୁପରିଚିତ, ନିଷ୍ଠାବାନ ବ୍ୟକ୍ତିତ୍ୱ ଓ ସଚ୍ଚୋଟ ସାମ୍ବାଦିକ ରତିକାନ୍ତ ମହାନ୍ତି ଆଉ ଇହଜଗତରେ ନାହାଁନ୍ତି। ମୃତ୍ୟୁ ବେଳକୁ ତାଙ୍କୁ ୭୦ ବର୍ଷ ବୟସ ହୋଇଥିଲା। ସ୍ୱର୍ଗତ ମହାନ୍ତି ଗତ କିଛିବର୍ଷ ଧରି କିଡ୍‌ନୀ ଜନିତ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ। ତେବେ ତାଙ୍କର ଅବସ୍ଥା ଗୁରୁତର ହେବାରୁ ଗତ ଦୁଇଦିନ ତଳେ ତାଙ୍କୁ ରାଜଧାନୀର ଏକ ଘରୋଇ ହସ୍ପିଟାଲରେ ଭର୍ତି କରାଯାଇଥିଲା। ଶନିବାର ପ୍ରତ୍ୟୁଷରେ ତାଙ୍କର ପରଲୋକ ଘଟିଛି। ସ୍ୱର୍ଗତ ମହାନ୍ତି ଦୀର୍ଘବର୍ଷ ଧରି ବିଭିନ୍ନ ସମ୍ବାଦପତ୍ର ଓ ଗଣମାଧ୍ୟମ ସଂସ୍ଥା ସହ ସକ୍ରିୟ ଭାବେ ଜଡ଼ିତ ରହିଥିଲେ ଏବଂ ଜଣେ ସମର୍ପିତ ଓ ନିଚ୍ଛକ ସାମ୍ବାଦିକ ଭାବେ ତାଙ୍କର ଲୋକପ୍ରିୟତା ସବୁ ମହଲରେ ରହିଥିଲା। ଦୈନିକ ସମ୍ବାଦପତ୍ର 'ଦିନଲିପି'ରୁ ସାମ୍ବାଦିକତା ଜୀବନ ଆରମ୍ଭ କରିଥିବା ସ୍ୱର୍ଗତ ମହାନ୍ତି ବିଭିନ୍ନ ସମୟରେ ନ୍ୟୁଜ୍ ଅଫ୍ ଦି ୱାର୍ଲ୍ଡ, ଏଜିଆନ ଏଜ୍, ପର୍ଯ୍ୟବେକ୍ଷକ ସମ୍ବାଦପତ୍ର ସହିତ ହିନ୍ଦୁସ୍ତାନ ସମାଚାର ଭଳି ସମ୍ବାଦ ସରବରାହ ସଂସ୍ଥାରେ ମଧ ସାମ୍ବାଦିକ ଭାବେ ଓତପ୍ରୋତଃ ଭାବେ ଜଡ଼ିତ ଥିଲେ। ନବେ ଦଶକରେ ସ୍ୱର୍ଗତ ମହାନ୍ତି ପାଇଥିବା ସରକାରୀ ବାସଗୃହକୁ ସେ ସ୍ୱେଚ୍ଛାକୃତ ଭାବେ ସରକାରଙ୍କୁ ଫେରାଇ ଦେଇଥିଲେ ଯେଉଁଥିପାଇଁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ତାଙ୍କୁ ଜଣେ ଆଦର୍ଶସ୍ଥାନୀୟ ସାମ୍ବାଦିକ ଭାବେ ବର୍ଣ୍ଣନା କରିଥିଲେ। ସ୍ୱର୍ଗତ ମହାନ୍ତିଙ୍କ ପରଲୋକ ଖବର ପ୍ରଚାରିତ ହେବା ପରେ ୟୁନିଟ୍-୩ସ୍ଥିତ ଖାରବେଳ ନଗର ବାସଭବନରେ ରାଜଧାନୀର ସାମ୍ବାଦିକମାନେ ପହଂଚିଥିଲେ। ମର ଶରୀର ହସ୍ପିଟାଲରୁ ଅଣାଯିବା ପରେ ତାଙ୍କ ବାସଭବନରେ ଶେଷ ଦର୍ଶନ ପାଇଁ ରଖାଯାଇଥିଲା। ସେଠାରେ ସାମ୍ବାଦିକ ମାନଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ନେତା ଓ ବିଧାୟକମାନେ ମର ଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ବିଧାୟକ ଅନନ୍ତ ନାରାୟଣ ଜେନା, ବାବୁ ସିଂ, ସୁଶାନ୍ତ ରାଉତ, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼େଇ, ଦେବୀ ପ୍ରସାଦ ମିଶ୍ର, ଅଶୋକ ଚନ୍ଦ୍ର ପଣ୍ଡା, ସଞ୍ଜୟ ଦାସବର୍ମା, ଅତନୁ ସବ୍ୟସାଚୀ ନାୟକ, ଡଃ ଅରୁଣ କୁମାର ସାହୁ, ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ମୁଖପାତ୍ର ଗୋଲକ ମହାପାତ୍ର, ଯତୀନ୍ଦ୍ର ମହାନ୍ତି, ସୁରଥ ବିଶ୍ୱାଳ, ସୁଦୀପ୍ତ ରାୟ, ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, କମ୍ୟୁନିଷ୍ଟ ନେତା ସୁରେଶ ପାଣିଗ୍ରାହୀ, ମହେନ୍ଦ୍ର ପରିଡ଼ା, ଉମାକାନ୍ତ ପଟ୍ଟନାୟକ, ଦିନଲିପିର ପରିଚାଳନା କର୍ତ୍ତୃପକ୍ଷ ଅମରେନ୍ଦ୍ର ଦାସ, ସ୍ଥାନୀୟ କର୍ପୋରେଟର ରଞ୍ଜୁଲତା ରାୟଙ୍କ ସମେତ ବିଭିନ୍ନ ଦଳର ନେତା ଓ କର୍ମୀ ସାମିଲ୍ ହୋଇ ଶେଷ ଦର୍ଶନ କରିଥିଲେ। ରାଜ୍ୟ ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ ଦାସ, ଓ ଯୁଗ୍ମ ନିର୍ଦ୍ଦେଶକ ବିଶ୍ୱଜିତ ଦାସ ଏବଂ ଭୁବନେଶ୍ୱର ଜିଲ୍ଲା ସୂଚନା ଅଧିକାରୀ ଜିତେନ୍ଦ୍ରୀୟ ଜେନା, ସ୍ୱର୍ଗତ ମହାନ୍ତିଙ୍କ ମର ଶରୀରରେ ପୁଷ୍ପଗୁଚ୍ଛ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଅନୁରୂପ ଭାବେ ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ, ଦିଲ୍ଲୀପ ବିଶୋୟୀ, ପ୍ରଭୁ କଲ୍ୟାଣ ମହାପାତ୍ର, ସନ୍ଦୀପ ମିଶ୍ର, ଦେବୀ ପଟ୍ଟନାୟକ, କେ. ରବି, ବୀରୁପାକ୍ଷ ତ୍ରିପାଠୀ, ସଞ୍ଜୟ ଦାସ, ସର୍ବେଶ୍ୱର ବର୍ଦ୍ଧନ, ଗୁରୁ କଲ୍ୟାଣ ମହାପାତ୍ର, ମହେଶ୍ୱର ରଥ, ବିପିନ ସିଂ, ପୁଲକ ଜେନା, ମାଧବାନନ୍ଦ ବେହୁରା, ଅଶୋକ ଦାସ, ଧୀରେନ୍ଦ୍ର ମିଶ୍ର, ବିବେକାନନ୍ଦ ଜେନା, ପ୍ରଦ୍ୟୁମ୍ନ କୁମାର ମହାନ୍ତି, ଶୁଭାଶିଷ ମହାନ୍ତ, ପବିତ୍ର ସେନାପତି, ଦେବକାନ୍ତ ମହାପାତ୍ର, ସିରାଜ ଅହମ୍ମଦ, ଉମେଶ ରାୟ, ଗିରିଜା ଦାଶ, ଜ୍ଞାନରଞ୍ଜନ ଦାସ, ସମନ୍ୱୟ ନନ୍ଦ, ଶିବାନନ୍ଦ ଦାସ, ଚିଦାନନ୍ଦ ଜେନା, ଲଳିତ ପଟ୍ଟନାୟକ, ଦୀପକ କର, ଦୁର୍ଗା ସାମନ୍ତରାୟ ପ୍ରମୁଖ ସ୍ୱର୍ଗତ ମହାନ୍ତିଙ୍କ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ୱର୍ଗତ ମହାନ୍ତିଙ୍କ ମରଶରୀରକୁ ପୁରୀ ସ୍ୱର୍ଗଦ୍ୱାରକୁ ନିଆଯାଇ ସେଠାରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ତାଙ୍କର ଦୁଇକନ୍ୟା ପୂଜା, ବନ୍ଦନା, ପରିବାର ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ।

# ଆଇନ ସଚେତନତା ଶିବିର

ଜୟପୁର, ୧୯/୪ (ନି.ପ୍ର): ଜିଲ୍ଲା ଆଇନ ସେବା ପ୍ରାଧିକରଣ କୋରାପୁଟ ଆନୁକୁଲ୍ୟରେ ଜିଲ୍ଲା ଜଜ ତଥା ଅଧ୍ୟକ୍ଷ ଜିଲ୍ଲା ଆଇନସେବା ପ୍ରାଧିକରଣଙ୍କ ତତ୍ତ୍ୱାବଧାନରେ ଏକମ୍ବା ଗ୍ରାମପଂଚାୟତରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ତଥା ବିଚାରପତି ସୁମନ ଜେନ ଯୋଗ ଦେଇଥିବା ବେଳେ ଡେପୁଟି ଲିଗାଲ ଓ ଡିଫେନ୍ସ କାଉନସେଲ ହରିଶ୍ଚନ୍ଦ୍ର ମୁଦୁଲି, ସମ୍ମୁଖ କାର୍ଯ୍ୟାଳୟ ରିଟେନର ତଥା ଆଇନଜୀବୀ ଦିବାକର ଗୌଡ ସମେତ ଏକମ୍ବା ଗ୍ରାମପଂଚାୟତର ସରପଂଚ ମତି ଗାଦେବା ଯୋଗ ଦେଦେଇଥିଲେ। ଉପସ୍ଥିତ ଅତିଥି ମାନେ ଏଫଆଇ ଆର, ଗିରଫଦାରି , ନୋଟିସ, ଭାରତୀୟ ନାଗରିକ ସୁରକ୍ଷା ସମ୍ବହିତା, ବେଲ ଅପିଲ ବିଷୟରେ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରାଇଥିଲେ।

# ଇଡି ଅଫିସ ଘେରାଉ କଲା ଯୁବ କଂଗ୍ରେସ

ଭୁବନେଶ୍ୱର, ୧୯/୪ (ନି.ପ୍ର): ନ୍ୟାସନାଲ ହେରାଲ୍ଡ ମାମଲାରେ ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ରଣଜିତ ପାତ୍ରଙ୍କ ନେତୃତ୍ୱରେ ଭୁବନେଶ୍ୱର ସ୍ଥିତ ଇଡି କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଶ୍ରୀ ପାତ୍ରଙ୍କ ନେତୃତ୍ୱରେ ଯୁବ କଂଗ୍ରେସର କର୍ମୀମାନେ ଏକ ରାଲିରେ ଯାଇ ଇଡି ଅଫିସ ସମ୍ମୁଖରେ ଥିବା ପୋଲିସ ବାରିକେଡ ଭାଙ୍ଗିଥିଲେ। ପୋଲିସ ଯୁବ କଂଗ୍ରେସ କର୍ମୀଙ୍କ ମଧ୍ୟରେ ପ୍ରାୟ ଦୁଇଘଂଟା ଧରି ଧସ୍ତାଧସ୍ତି ହୋଇଥିଲା। ଏହାପରେ ଯୁବ କଂଗ୍ରେସ କର୍ମୀମାନେ ଇଡି ଅଫିସ ସମ୍ମୁଖରେ ଧାରଣା ଦେଇଥିଲେ।
ଏହି ଅବସରରେ ରଣଜିତ ପାତ୍ର କହିଛନ୍ତି ଯେ ଇଡି ବିଜେପିର ଏକ ଛାମୁଆ ସଂଗଠନ ଭାବେ କାର୍ଯ୍ୟକରୁଛି। ଯେଉଁ ଅଣ କଂଗ୍ରେସ ଦଳର ନେତୃତ୍ୱ ବିଜେପିର ଭ୍ରଷ୍ଟାଚାର, ଦୁର୍ନୀତି, ଦରଦାମ ବୃଦ୍ଧି, ମହିଳା ନିର୍ଯ୍ୟାତନା, ଚାଷୀ ପ୍ରସଙ୍ଗ ଓ ବେକାରୀ ସମସ୍ୟା ଏବଂ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତି ପ୍ରସଙ୍ଗରେ ସଂସଦ ଭିତରେ ଏବଂ ବାହାରେ ଶାଣିତ ସ୍ୱର ଉତୋଳନ କରୁଛନ୍ତି ସେମାନଙ୍କ ବିରୁଦ୍ଧରେ ମୋଦି ସରକାର ଅଗଣତାନ୍ତ୍ରିକ ଭାବେ ଇଡିର କାର୍ଯ୍ୟାନୁଷ୍ଠାନ ପ୍ରୟୋଗ କରୁଛନ୍ତି। ଲୋକସଭାର ବିରୋଧ ଦଳର ନେତା ରାହୁଲ ଗାନ୍ଧୀ, ପୂର୍ବତନ କଂଗ୍ରେସ ଅଧ୍ୟକ୍ଷା ଶ୍ରୀମତୀ ସୋନିଆ ଗାନ୍ଧୀ ଏବଂ କଂଗ୍ରେସ ନେତୃତ୍ୱଙ୍କ ବିରୁଦ୍ଧରେ ଇଡି ଯେଉଁ ଚାର୍ଜସିଟ ଦାଖଲ କରିଛି ଏହା ଉଦ୍ଦେଶ୍ୟ ପ୍ରଣୋଦିତ ଏବଂ ରାଜନୈତିକ ପ୍ରତିହିଂସା ପରାୟଣତାର ନଗ୍ନ ନମୂନା । ନ୍ୟାସନାଲ ହେରାଲ୍ଡ ଏବଂ ୟଙ୍ଗ ଇଣ୍ଡିଅ ମାମଲା ବିଜେପିର ଏକ ଚକ୍ରାନ୍ତମୂଳକ ପ୍ରସଙ୍ଗ। ଏଥିରେ ଦୁର୍ନୀତି ବା ବା ଅର୍ଥ କାରବାରର ଚିହ୍ନବର୍ଣ୍ଣ ହିଁ ନାହିଁ। କେବଳ ରାହୁଲ ଗାନ୍ଧୀଙ୍କ ନେତୃତ୍ୱକୁ ସହି ନପାରି ପ୍ରଧାନମନ୍ତ୍ରୀ ମୋଦି ଏହି ଅଗଣତାନ୍ତ୍ରିକ କାର୍ଯ୍ୟ କରୁଛନ୍ତି।
ଯୁବ କଂଗ୍ରେସର ରାଷ୍ଟ୍ରୀୟ ପ୍ରଭାରୀ ମୁକେଶ ଦେଶମୁଖ କହିଥିଲେ ଯେ ଏ ଅନ୍ୟାୟ ବିରୁଦ୍ଧରେ ଯୁବ କଂଗ୍ରେସ ନୀରବ ରହିବ ନାହିଁ । ଯୁବ କଂଗ୍ରେସ ମୋଦି ସରକାରଙ୍କ ସେଚ୍ଛାଚାରିତା ସଂଗ୍ରାମ ଜାରି ରଖିବ। ନ୍ୟାସନାଲ ହେରାଲ୍ଡ ଯାହାକୁ ନେଇ ବିଜେପି ତୁନ୍ଦିତୋଫାନ କରୁଛି ତାହା ସ୍ୱାଧୀନତା ସଂଗ୍ରାମ ସମୟରେ ସ୍ୱାଧୀନତା ସଂଗ୍ରାମୀ ମାନଙ୍କର ସ୍ୱର ଭାବେ କାର୍ଯ୍ୟ କରୁଥୁଲା । ପୂର୍ବତନ ପ୍ରଧାନମନ୍ତ୍ରୀ ପଣ୍ଡିତ ନେହେରୁ ଏହାକୁ ସ୍ଥାପନ କରିଥିଲେ । ଆଜି ଦୁର୍ନୀତିରେ ବୁଡ଼ି ଯାଇଥିବା ଏବଂ ଦେଶର ଅଖଣ୍ଡତାକୁ ଭାଙ୍ଗୁଥିବା ମୋଦି ସରକାର ନ୍ୟାସନାଲ ହେରାଲ୍ଡ ଏବଂ ୟଙ୍ଗ ଇଣ୍ଡିଆ ପ୍ରସଙ୍ଗରେ ଜନସାଧାରଣଙ୍କୁ ବିଭ୍ରାନ୍ତ କରୁଛି । ବରିଷ୍ଠ କଂଗ୍ରେସ ନେତା ତଥା ବିଧାୟକ ତାରା ପ୍ରସାଦ ବାହିନୀପତି ଏହି କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଧାନମନ୍ତ୍ରୀ ମୋଦିଙ୍କର ହିଟଲରୀ ଶାସନର ତୀବ୍ର ନିନ୍ଦା କରିଥିଲେ ଓ ମୋଦି ଶାସନ ବ୍ରିଟିଶ ଶାସନ ଠାରୁ ଆହୁରି ଭୟଙ୍କର ବୋଲି କହିଥିଲେ। ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ ଦାଶ, ମନୋଜ ରାଉତ, ମନୋଜ ବିଶ୍ୱାଳ, ଅଭିଲାଷ ମାଣିଆ, ଉଦିତ ପ୍ରଧାନ, ସୁଦିପ ସାମଲ, ନିହାର ବେହେରା, ପ୍ରମୁଖ ଏହି ଘେରାଉ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

# ୨୦୨୫-୨୬ ଶିକ୍ଷା ବର୍ଷର ପ୍ରଥମ ଅଭିଭାବକ ଶିକ୍ଷକ ବୈଠକ ସାରା ରାଜ୍ୟରେ ଅନୁଷ୍ଠିତ

ଭୁବନେଶ୍ୱର, ୧୯/୪ (ନି.ପ୍ର): ଚଳିତ ଶିକ୍ଷାବର୍ଷ ୨୦୨୫-୨୬ର ପ୍ରଥମ ଅଭିଭାବକ, ଶିକ୍ଷକ/ ଶିକ୍ଷୟିତ୍ରୀ ତଥା ବିଦ୍ୟାଳୟ ପରିଚାଳନା / ବିଦ୍ୟାଳୟ ପରିଚାଳନା ଓ ଉନ୍ନୟନ କମିଟି ବୈଠକ ସାରା ରାଜ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବିଦ୍ୟାଳୟ ଶିକ୍ଷା ଏବଂ ଛାତ୍ରଛାତ୍ରୀମାନଙ୍କର ଗୁଣାତ୍ମକ ଶିକ୍ଷାର ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା । ବୈଠକରେ ଶିଶୁ ବାଟିକାରୁ ଦଶମ ଶ୍ରେଣୀ ଯାଏଁ ଶିକ୍ଷାର୍ଥୀଙ୍କ ଅଭିଭାବକ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନଙ୍କର ସମାପ୍ତି ସୂଚକ ଆକଳନ- ୨ ର ଉପଲବ୍ଧିକୁ ଅଭିଭାବକଙ୍କ ନିକଟରେ ଉପସ୍ଥାପନ କରାଯାଇଛି । ଶୈକ୍ଷିକ କ୍ୟାଲେଣ୍ଡର, ମାଗଣାରେ ପାଠ୍ୟପୁସ୍ତକ ଯୋଗାଣ, ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନା, ଅଧାରୁ ପାଠ ଛାଡୁଥିବା, ନାମ ଲେଖାଇ ନଥିବା, ବିଦ୍ୟାଳୟ ବାହାରେ ଥିବା ପିଲାଙ୍କ ସର୍ବେକ୍ଷଣ ଓ ସେମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବାକୁ ଅଭିଯାନ, ପିଲାଙ୍କ ଶିକ୍ଷଣ ଅଭିବୃଦ୍ଧି ନିମନ୍ତେ ଗ୍ରୀଷ୍ମ ଅବକାଶରେ ଗୃହକାର୍ଯ୍ୟ, ଅଂଶୁଘାତ ପ୍ରତି ସାବଧାନତା ଆଦି ବିଷୟରେ ବୈଠକରେ ଆଲୋଚନା କରାଯାଇଛି ।
ଏଠାରେ ପ୍ରକାଶ ଥାଉକି, ଅଭିଭାବକ ଶିକ୍ଷକ-ସମ୍ମିଳନୀ ରାଜ୍ୟବ୍ୟାପୀ ଗୋଟିଏ ଦିନରେ ଅନୁଷ୍ଠିତ ହୋଇଯାଇଛି । ଛାତ୍ରଛାତ୍ରୀ ତଥା ବିଦ୍ୟାଳୟର ଉନ୍ନତିକରଣ ପ୍ରକ୍ରିୟାରେ ଗୋଷ୍ଠୀ ଓ ଅଭିଭାବକମାନେ ସମ୍ମିଳିତ ଭାବେ କାର୍ଯ୍ୟ କରିବେ ବୋଲି ମତବ୍ୟକ୍ତ କରିଥିଲେ। ରାଜ୍ୟସରକାରଙ୍କ ତରଫରୁ ଆୟୋଜିତ ଏହି ସମ୍ମିଳନୀରେ ଶିକ୍ଷାର ଗୁଣାତ୍ମକ ବିକାଶ ପାଇଁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ଉପରେ ଅଭିଭାବକମାନେ ପ୍ରଶଂସା କରିଥିଲେ। ଉକ୍ତ ସମ୍ମିଳନୀକୁ ଶିକ୍ଷାବିଭାଗର ବିଭିନ୍ନ ଅଧିକାରୀମାନେ ଯୋଗଦାନ କରି ଏହାର ତଦାରଖ ଓ ପରିଦର୍ଶନ କରିଥିଲେ।
ଅଭିଭାବକମାନଙ୍କୁ ଶିକ୍ଷା ସମ୍ବନ୍ଧୀୟ ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନ କରାଇବା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରମୁଖ ଲକ୍ଷ୍ୟ। ଏହି ଲକ୍ଷ୍ୟକୁ ପୂରଣ କରିବା ପାଇଁ ଅଭିଭାବକ ଶିକ୍ଷକ / ଶିକ୍ଷୟିତ୍ରୀ ବୈଠକ ଓ ବିଦ୍ୟାଳୟ ପରିଚାଳନା କମିଟି / ବିଦ୍ୟାଳୟ ପରିଚାଳନା ଉନ୍ନୟନ କମିଟି ବୈଠକ କରାଯାଉଛି । ଏହି ବୈଠକ ଦ୍ୱାରା ଅଭିଭାବକମାନେ ସିଧାସଳଖ ବିଦ୍ୟାଳୟ ସହିତ ସମ୍ପୃକ୍ତ ହୋଇ ବିଦ୍ୟାଳୟର ବହୁବିଧ ବିକାଶ ପାଇଁ ବିଭିନ୍ନ ଆଲୋଚନାରେ ଅଂଶଗ୍ରହଣ କରିବା ପାଇଁ ସୁଯୋଗ ପାଇଥାନ୍ତି । ସୂଚନା ଥାଉକି, ଚଳିତ ଶିକ୍ଷା ବର୍ଷରେ ୪ ଗୋଟି ଅଭିଭାବକ ଶିକ୍ଷକ / ଶିକ୍ଷୟିତ୍ରୀ ବୈଠକ ଆୟୋଜନ କରାଯିବା ପାଇଁ ସ୍ଥିରୀକୃତ କରାଯାଇଛି ।

# ୮ମାସର ଦରମା ଦାବିରେ ବିଲଟ କର୍ମଚାରୀଙ୍କ ଧାରଣା ଆଲୋଚନା ପରେ ଧାରଣା ପ୍ରତ୍ୟାହୃତ ୩ଦିନ ପରେ ବିନିଯୋଗକାରୀ ଆସିଲେ ହେବ ସମାଧାନ

ଜୟପୁର, ୧୯/୪ (ନି.ପ୍ର): ବିଲଟ କର୍ମଚାରୀଙ୍କ ୮ମାସର ଦରମା ଦାବିରେ ଗତକାଲି ଠାରୁ ବାଲାରପୁର ଇଣ୍ଡଷ୍ଟ୍ରିଜ ଏମ୍ପ୍ଲଇଜ ୟୁନିଅନ ପକ୍ଷରୁ ଧାରଣା ଦିଆଯାଇଥିଲେ ହେଁ କିଛି ସୁଫଳ ମିଳି ନଥିବା ବେଳେ ସିଜିଏମ ଅଫିସ ଘେରାଉ କରାଯାଇଥିଲା। ସମସ୍ୟାର ସମାଧାନ ଲାଗି ପର୍ଯ୍ୟାୟ କ୍ରମେ ମିଲ କର୍ତ୍ତୃପକ୍ଷଙ୍କ ସହ ୪ଥର ଅଲୋଚନା ହୋଇଥିଲା। ଆସନ୍ତା ସୋମବାର ମଙ୍ଗଳବାର ମଧ୍ୟରେ ବିନିଯୋଗକାରୀ ଆସିବେ। ସେମାନେ ଆସିବା ପରେ କର୍ମଚାରୀଙ୍କ ସହ ଆଲୋଚନା କରାଯିବ। ସମସ୍ୟାର ରାସ୍ତା ବାହାରିବ। ଏଠି ଯେଉଁ ମ୍ୟାନେଜମେଣ୍ଟ୍ ଅଛନ୍ତି ସେମାନେ କିଛି କରି ପାରିବେ ନାହିଁ ବୋଲି ମିଲ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିଲେ। ପରେ କର୍ମଚାରୀମାନେ ଧାରଣା ପ୍ରତ୍ୟାହୃତ କରିଥିଲେ। ଯଦି ଆଗାମୀ ଦିନରେ ଦାବି ପୂରଣ କରାନଗଲେ ଜୋରଦାର ଧାରଣା ଦିଆଯିବ ବୋଲି ସଙ୍ଘ ପକ୍ଷରୁ ଚେତାବନୀ ଦିଆଯାଇଛି। ସଙ୍ଘର ସମ୍ପାଦକ ସରୋଜ ସୁଆର କହିଛନ୍ତି ବିଲଟ କର୍ତ୍ତୃପକ୍ଷ କର୍ମଚାରୀ ମାନଙ୍କ ୮ମାସର ଦରମା ବକେୟା ରଖିଛନ୍ତି। ବର୍ତମାନ ପୁଅ ଝିଅଙ୍କ ସ୍କୁଲରେ ନାମଲେଖା ଚାଲିଛି। ଦରମା ମିଳୁନଥିବାରୁ କର୍ମଚାରୀଙ୍କ ପିଲାମାନେ ସ୍କୁଲ ଫି ଦେଇପାରୁ ନାହାନ୍ତି। ଘରେ ନିତ୍ୟ ବ୍ୟବହାର୍ଯ୍ୟ କିଣିବା କଷ୍ଟକର ହୋଇପଡୁଛି, ରୋଗାକ୍ରାନ୍ତ ହେଲେ ଚିକିତ୍ସା କରିବାରେ ଅସୁବିଧା ହେଉଛି,ଏଥିଯୋଗୁ ଅତି କମରେ ୨ମାସର ଦରମା ଦେବାକୁ ମାର୍ଚ୍ଚ ୩୧ରେ ଅନୁରୋଧ କରାଯାଇଥିଲା। ମିଲ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଇ ନଥିଲେ କିମ୍ବା ୟୁନିଅନର କର୍ମକର୍ତାଙ୍କ ସହ ଆଲୋଚନା କରିନଥିଲେ। ଏଥିଲାଗି ୧୬ ତାରିଖରେ ପୁଣିଥରେ ଚିଠି କରାଯାଇଥିଲା। କୌଣସି ପଦକ୍ଷେପ ନିଆଯାଇ ନଥିବାରୁ ସିଜିଏମଙ୍କ କାର୍ଯ୍ୟାଳୟ ଆଗରେ କର୍ମଚାରୀ ମାନେ ଧାରଣାରେ ବସିଥିଲେ। ଧାରଣା ସ୍ଥଳକୁ ୟୁନିଟ ହେଡ୍ ଏସଏସ ପାଲ,ମାନବ ସମ୍ବଳ ଅଧିକାରୀ ରମେଶ ଯାଦବ ଓ ବିଲଟ କର୍ତ୍ତୃପକ୍ଷ ଆସି ଧାରଣ ପ୍ରତ୍ୟାହାର କରିବା ପାଇଁ ଅନୁରୋଧ କରିବା ସହ ଖୁବ ଶିଘ୍ର ସମସ୍ୟାର ସମାଧାନ କରାଯିବ ବୋଲି କହିଥିଲେ। ବିଲଟ କର୍ତ୍ତୃପକ୍ଷଙ୍କ କଥାକୁ ରଖି ଆସନ୍ତା ୨ରୁ ୩ଦିନ ଅପେକ୍ଷା କରିବେ। ଯଦି ଏହାର କିଛି ସମାଧାନ ନ ବାହାରେ ତେବେ ପରେ ପୁଣି ଥରେ କର୍ମଚାରୀ ମାନେ ଧାରଣା ଦେବେ ବୋଲି ଚେତାବନୀ ଦେବା ସହ ଧାରଣାର ଓହରିଯାଇଛନ୍ତି। ଏହି ଧାରଣାରେ ସଙ୍ଘର ସନ୍ଦୀପ ପଟ୍ଟନାୟକ, ବଂଶୀଧର ମହାଙ୍କୁଡ,ଶୀବ ପ୍ରସାଦ ପଣ୍ଡା,ପ୍ରଦୀପ ପାଣ୍ଡିଆ, ଅଲେଖ ପାତ୍ରଙ୍କ ସମେତ ଅନ୍ୟ କର୍ମଚାରୀ ମାନେ ଉପସ୍ଥିତ ଥିଲେ।

# ଚରମ୍ପା ନାରାୟଣ ଇଂଟର ନ୍ୟାସ୍‌ନାଲ ପବ୍ଲିକ ସ୍କୁଲର ଦ୍ୱିତୀୟ ବାର୍ଷିକ ଉତ୍ସବ

ଭଦ୍ରକ, ୧୯/୪ (ନି.ପ୍ର): ଚରମ୍ପା ପଥରଆଡ଼ି ସ୍ଥିତ ନାରାୟଣ ଇଂଟର ନ୍ୟାସ୍‌ନାଲ ପବ୍ଲିକ ସ୍କୁଲର ଦ୍ୱିତୀୟ ବାର୍ଷିକ ଉତ୍ସବ ଦିଲ୍ଲୀରଞ୍ଜନ ଖୁଂଟିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଉତ୍ସବରେ ମୁଖ୍ୟଅତିଥି ଭାବେ ଭଦ୍ରକ ଜିଲ୍ଲା ବରିଷ୍ଠ ନାଗରିକ ମହାସଂଘ ସମ୍ପାଦକ କୈଳାଶ ଚନ୍ଦ୍ର ମହାପାତ୍ର, ମୁଖ୍ୟବକ୍ତା ସାହିତ୍ୟିକ କଲ୍ଲୋଳ କୁମାର ଲେଙ୍କା, ବରେଣ୍ୟ ଅତିଥି ଭାବେ ସମାଜସେବୀ ଗୌରାଙ୍ଗ ସାମଲ ଓ ବରିଷ୍ଠ ଅଧିବକ୍ତା ପବନ କୁମାର ଶର୍ମା ମଂଚାସିନ ଥିଲେ। ମୁଖ୍ୟ ଅତିଥି ବକ୍ତବ୍ୟ ମାଧ୍ୟମରେ କୁନିକୁନି ପିଲାମାନଙ୍କୁ ବର୍ଣ୍ଣବୋଧର ସ୍ରଷ୍ଟା ମଧୁସୂଦନ ରାଓଙ୍କ ଠାରୁ ଆରମ୍ଭ କରି ସ୍ୱାମୀ ବିବେକାନନ୍ଦ ଓ ଶ୍ରୀମା ଶ୍ରୀ ଅରବିନ୍ଦଙ୍କ ନୀତି ଆଦର୍ଶର ମହନୀୟ ଗୁଣ, ପୁରାତନ କାଳ ଶିକ୍ଷାର ଅବତାରଣା କରିବା ସହ ପିଲାମାନଙ୍କର ବୌଦ୍ଧିକ ବିକାଶ ନିମନ୍ତେ ପାରମ୍ପରିକ ନାଚ ଗୀତ ସହ ସଂସ୍କାରି ହେବା ଉଚିତ ବୋଲି ମତ ପୋଷଣ କରିଥିଲେ। ଏହା ହୋଇପାରିଲେ ଉକ୍ତ ବିଦ୍ୟାଳୟର ପ୍ରତିଷ୍ଠାତା ଅଜୟ କୁମାର ନାୟକଙ୍କ ସ୍ୱପ୍ନ ସାକାର ହେବା ସଙ୍ଗେ ସଙ୍ଗେ ତାଙ୍କର ଦିବଂଗତ ବଡ଼ଭାଇ ସ୍ୱର୍ଗତ ନାରାୟଣ ଚନ୍ଦ୍ର ନାୟକଙ୍କ ନାମରେ ନାମିତ ଉକ୍ତ ସ୍କୁଲର ନାମ ଭଦ୍ରକ ଜିଲ୍ଲାର ସୁନାମ ଆଣି ପାରିବ ବୋଲି ମୁଖ୍ୟ ଅତିଥି ଶ୍ରୀଯୁକ୍ତ ମହାପାତ୍ର ପ୍ରକାଶ କରିଥିଲେ। ଉକ୍ତ ସ୍କୁଲଟି ଛୋଟ ଛୋଟ ପିଲାମାନଙ୍କୁ ନେଇ ଏଠାରେ ଶିକ୍ଷାଦାନ କରିଆସୁଥିଲେ ମଧ ଚଳିତ ବର୍ଷ ୨୦୨୫ମସିହା ଠାରୁ ରାଜ୍ୟସରକାରଙ୍କ ଗଣଶିକ୍ଷା ବିଭାଗର ବିଭାଗୀୟ ଅଧିକାରୀଙ୍କ ଓ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ କରିବାପାଇଁ ଅନୁମତି ପ୍ରଦାନ କରିଛନ୍ତି। ସରକାର ଶିକ୍ଷାଦାନ ପାଇଁ ଅନୁମତି ଦେଇଥିବାରୁ ଅଭିଭାବକ ମାନେ ଖୁସି ବ୍ୟକ୍ତ କରିଛନ୍ତି । ଏହାକୁ ଦୃଷ୍ଟିରେ ରଖି ପିଲାମାନଙ୍କର ବୃହତର ଶିକ୍ଷା ନିମନ୍ତେ ଚରମ୍ପା ରେଲୱେ ଷ୍ଟେସନ ସନ୍ନିକଟ ଥୋରଦା ଗ୍ରାମରେ ୩ ଏକର ପରିମିତ ଜମିରେ ବହୁତଳ ପ୍ରସାଦ କ୍ଲାସରୁମ ସହ କ୍ରୀଡ଼ାର ବିକାଶ ନିମନ୍ତେ ସ୍କୁଲର ସ୍ଥାୟୀ ସଭାପତି ମନରଞ୍ଜନ ଖୁଂଟିଆଙ୍କ କରକମଳରେ ଗତ ଶ୍ରୀପଂଚମୀ ଦିନ ଭିତିପ୍ରସ୍ତର ସ୍ଥାପନ କରାଯାଇଛି । ୨ ବର୍ଷ ମଧ୍ୟରେ ଉକ୍ତ ସ୍କୁଲଟି ପୂର୍ଣ୍ଣାଙ୍ଗ କରାଯାଇ ୨୦୨୭ଶିକ୍ଷାବର୍ଷରୁ ପିଲାମାନଙ୍କୁ ନେବାଆଣିବା ପାଇଁ ସ୍କୁଲ ବସ୍‌ର ବ୍ୟବସ୍ଥା ସହ ଏଠାରେ କମ୍ପ୍ୟୁଟରାଇଜ ସ୍ମାର୍ଟକ୍ଲାସ ଆରମ୍ଭ ହେବ ବୋଲି ସ୍କୁଲର ସମ୍ପାଦକ ଦିଲ୍ଲୀରଞ୍ଜନ ଖୁଂଟିଆ ବକ୍ତବ୍ୟ ରଖିଥିଲେ। ବାର୍ଷିକ ଉତ୍ସବରେ ସ୍କୁଲର ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ମାନ କରାଯାଇ ଏଥିରେ କୃତିତ୍ୱ ଅର୍ଜନ କରିଥବା ପିଲାମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

# ସନ୍ତୁଳିତ ରାଷ୍ଟ୍ରଗଠନ ପାଇଁ ୱାକଫ ବିଲରେ ସଂଶୋଧନ ଆବଶ୍ୟକତା ଥିଲା: ଦୁଷ୍ୟନ୍ତ ଗୌତମ

ଭୁବନେଶ୍ୱର, ୧୯/୪ (ନି.ପ୍ର): ଗରୀବଙ୍କ ହକ୍ କେବଳ ଗରୀବଙ୍କୁ ହିଁ ମିଳିବ। ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ "ସବକା ସାଥ୍, ସବକା ବିକାଶ, ସବକା ବିଶ୍ୱାସ, ସବକା ପ୍ରୟାସ"କୁ ପାଥେୟ କରି ଗରିବକଲ୍ୟାଣ ଯୋଜନାଗୁଡିକୁ କାର୍ଯ୍ୟକାରୀ କରାଯାଉଛି । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଦେଶର ସମସ୍ତ ଗରୀବବର୍ଗର ଉତ୍‌ଥାନ ପାଇଁ ପ୍ରଧାନମନ୍ତ୍ରୀ ମୋଦଜୀ ସଂକଳ୍ପ ନେଇଛନ୍ତି। ୨୦୨୫ ମସିହା ଏପ୍ରିଲ ୨ ଏକ ବଡ ଐତିହାସିକ ଦିନ ଅଟେ। ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ନେତୃତ୍ୱରେ ସଂସଦରେ ସଂଶୋଧିତ ୱାକଫ ବିଲ୍ ପାରିତ ହୋଇଛି। ଦେଶ ଓ ଲୋକଙ୍କ ହିତ ପାଇଁ ଏହି ବିଲ୍ ପାରିତ କରାଯାଇଛି। ଏହି ଐତିହାସିକ ନିଷ୍ପତିକୁ ଦେଶବାସୀ ସ୍ୱାଗତ କରିଛନ୍ତି। ଏହି ବିଲ୍ ପାରିତ ହେବା ଫଳରେ ୱାକଫ ଅନ୍ତର୍ଗତ ଦୁରୁପଯୋଗ ହେଉଥିବା ସମ୍ପତିକୁ ରକ୍ଷା କରାଯାଇ ପାରିବ। ୱାକଫ୍ ବିଲ୍ ପାରିତ ହେବା ଦ୍ୱାରା ଗରିବ ମୁସଲମାନ ଓ ମହିଳାମାନେ ଆଗକୁ ବଢିପାରିବେ। ଭାରତ ସରକାରଙ୍କ ଦ୍ୱାରା ଆଗତ କରାଯାଇଥିବା ଐତିହାସିକ ସଂଶୋଧିତ ୱାକଫ୍ ଅଧିନିୟମକୁ ନେଇ ଅନେକ ତର୍କ ବିତର୍କ ଚାଲିଛି । ଏହି ସଂଶୋଧିତ ଅଧିନିମୟମ ବଳରେ ମୁସଲମାନ ସମ୍ପ୍ରଦାୟର କୌଣସି କ୍ଷତି ନ ହୋଇ ବରଂ ଲାଭ ହେବ ଏବଂ ବିଶେଷ ଭାବେ ମୁସଲମାନ ସମ୍ପ୍ରଦାୟର ଗରୀବ ଓ ମହିଳାମାନେ ଲାଭାନ୍ୱିତ ହେବେ ବୋଲି ବିଜେପି ରାଷ୍ଟ୍ରୀୟ ସାଧାରଣ ସଂପାଦକ ଦୁଶ୍ୟନ୍ତ ଗୌତମ କହିଛନ୍ତି ।
ଶନିବାର ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ "ୱାକଫ ସୁଧାର ଜନଜାଗରଣ ଅଭିଯାନ କର୍ମଶାଳା"ରେ ଯୋଗଦେଇ ଶ୍ରୀ ଗୌତମ କହିଛନ୍ତି ଯେ, 'ୱାକଫ'ର ଅର୍ଥ ହେଉଛି 'ଦାନ' । ମାତ୍ର ଦାନ ସୂତ୍ରରେ ମିଳୁଥିବା ସଂପତିକୁ କୌଣସି ଦାତବ୍ୟ କାର୍ଯ୍ୟରେ ବ୍ୟବହାର କରା ନଯାଇ ବ୍ୟକ୍ତିଗତ ସ୍ୱାର୍ଥ ଚରିତାର୍ଥ ଉଦ୍ଦେଶ୍ୟରେ ବ୍ୟବହାର କରାଯାଉଥିଲା । ମୁସଲମାନ ସମ୍ପ୍ରଦାୟର ଲୋକମାନଙ୍କ ସ୍ୱାସ୍ଥ୍ୟ, ଶିକ୍ଷା, ଆର୍ଥିକ ସ୍ଥିତିରେ କୌଣସି ସୁଧାର ଆସୁନଥିଲା । ବିଶେଷ ଭାବେ ମୁସଲମାନ ସମ୍ପ୍ରଦାୟର ଗରୀବ ମା' ଓ ଭଉଣୀମାନଙ୍କୁ ବଂଚିତ ରଖାଯାଉଥିଲା । ଦେଶର ତୃତୀୟ ସର୍ବାଧିକ ଜମିର ମାଲିକାନା ଥିବା 'ୱାକଫ ବୋର୍ଡ'ର ସଂପତିକୁ ମାତ୍ର କେଇଜଣ ଉପଭୋଗ କରୁଥିବାବେଳେ ଗରୀବ ଏବଂ ମୁସଲମାନ ସମ୍ପ୍ରଦାୟର ମା' ଓ ଭଉଣୀମାନେ କେବଳ କଷ୍ଟ ଭୋଗୁଥିଲେ। କେବଳ କେତେଜଣ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତିବିଶେଷ 'ୱାକଫ' ସଂପତିକୁ ହଡପ କରିନେଉଥିଲେ । ଅନେକ ସ୍ଥାନରେ ୱାକଫ୍ ଜାଗାରେ ବଡ଼ ବଡ ହୋଟେଲ ଓ ମଲ୍ ଆଦି ତିଆରି ହୋଇଥିବା ନେଇ ଅନେକ ପ୍ରମାଣ ରହିଛି। 'ୱାକଫ' ସଂପତିର ଦୁରୁପଯୋଗକୁ ରୋକାଯାଇ ସନ୍ତୁଳିତ ରାଷ୍ଟ୍ରଗଠନ ପାଇଁ ୱାକଫ ବିଲ ସଂଶୋଧନ ନିହାତି ଆବଶ୍ୟକତା ଥିଲା ବୋଲି ଶ୍ରୀ ଗୌତମ କହିଛନ୍ତି ।
ଏହି ଅଧିନିୟମ ବଳରେ ଦୁରୁପଯୋଗ ହେଉଥିବା ସମ୍ପତିର ରକ୍ଷା କରାଯାଇପାରିବ। ଏହି ଅଧିନିୟମ ବଳରେ କୌଣସି ମସ୍‌ଜିଦ୍, ଦର୍‌ଘା କିମ୍ବା ଆସ୍ଥାସ୍ଥଳକୁ ଭଙ୍ଗାଯିବ ନାହିଁ। ମୁସ୍‌ଲମାନମାନଙ୍କ ନାମରେ ଥିବା କୌଣସି ସମ୍ପତିକୁ ଛୁଆଁ ଯିବ ନାହିଁ। ଯେଉଁମାନଙ୍କ ନାଁରେ ଯେଉଁ ସମ୍ପତି ରହିଛି, ସେମାନେ ହିଁ ତାହାର ମାଲିକ ରହିବେ । ଏହି ସଂଶୋଧିତ ଅଧିନିୟମ ବଳରେ ମୁସଲିମ୍ ସଂପ୍ରଦାୟର ବିଧବା ମହିଳାଙ୍କୁ ଘର ଓ ଗରିବଙ୍କୁ ରୋଜଗାର ମିଳିପାରିବ। ଏଥିସହ ଶିକ୍ଷା ଓ ସ୍ୱାସ୍ଥ୍ୟସେବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ଯେଉଁ ବିକାଶମୂଳକ କାର୍ଯ୍ୟ ପାଇଁ ଏହି ସମ୍ପତି ଦାନରେ ଦିଆଯାଇଥିଲା ତାହାକୁ ପାରଦର୍ଶିତାର ସହ ଚିହ୍ନଟ କରିବା ପାଇଁ ନୂତନ ଆଇନ୍‌ରେ ବ୍ୟବସ୍ଥା ରହିଛି। ପାରଦର୍ଶିତାର ସହ ୱାକଫ ବୋର୍ଡ ଗଠନ କରାଯାଇ ସେଥିରେ ସବୁଲୋକଙ୍କୁ ଯୋଡ଼ାଯିବ ଏବଂ ମୁସଲିମ୍ ସମ୍ପ୍ରଦାୟର ସାମୁହିକ ବିକାଶ କରାଯିବ ବୋଲି ଶ୍ରୀ ଗୌତମ କହିଛନ୍ତି ।
ମୁସଲିମ୍ ସମ୍ପ୍ରଦାୟର ବହୁ କ୍ଷତି ହେବ ବୋଲି କଂଗ୍ରେସ ଦଳ ଅପପ୍ରଚାର କରୁଛି, ଯାହାକି ସଂପୂର୍ଣ୍ଣ ଅମୂଳକ ଓ ବିଭ୍ରାନ୍ତକାରୀ । ବାସ୍ତବରେ ୱାକଫ୍ ବୋର୍ଡକୁ ଜମି ଲୁଣ୍ଠନର ଲାଇସେନ୍ସ ଦେଇଥିଲା କଂଗ୍ରେସ । ସାମୁହିକ, ସାଂସ୍କୃତିକ ଓ ଧାର୍ମିକ ସମ୍ପତି ଉପରେ ବି ୱାକଫ୍ ବୋର୍ଡ ଲୋଲୁପ ଦୃଷ୍ଟି ପକାଉଥିଲା । ଏନେଇ କେନ୍ଦ୍ରଠାରୁ ରାଜ୍ୟ ଏବଂ ମଣ୍ଡଳସ୍ତର ପର୍ଯ୍ୟନ୍ତ ଜନସଚେତନତା ସୃଷ୍ଟି କରାଯିବ। ଏଥିପାଇଁ ଜନଜାଗରଣ ଅଭିଯାନ ଆରମ୍ଭ କରାଯାଇଛି। ଆସନ୍ତା ୨୨ ଓ ୨୩ ତାରିଖ ଦିନ ଜିଲ୍ଲାସ୍ତରୀୟ କର୍ମଶାଳା ଆୟୋଜନ କରାଯାଇ ଏହି ସଂଶୋଧିତ ବିଲ୍ ବିଷୟରେ ସବୁ ଲୋକଙ୍କୁ ଅବଗତ କରାଯିବ ବୋଲି ଶ୍ରୀ ଗୌତମ କହିଛନ୍ତି ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୨୦ ଅପ୍ରେଲ ୨୦୨୫
email :
rabibarachayan2015@gmail.com

ରବିବାର ଚୟନ
.......ସୁଚୟନ ସୁଚୟନ ସୁଚୟନ.......
କଥା, କବିତା, ସୃଜନର ସୁରମ୍ୟ ସମ୍ଭାର

## ଧାରାବାହିକ ଉପନ୍ୟାସ

# ବୈଦେହୀ



ଡ.ଭାଗବତ ବେହେରା

ଭାଗ-୯୪

(ପୂର୍ବ ପ୍ରକାଶିତ ଉତ୍ତାରୁ...)



'ବୈଦେହୀ' ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ. ଭାଗବତ ବେହେରା ତାଙ୍କର 'ବୈଦେହୀ' ଉପନ୍ୟାସଟିକୁ ରଚନା କରିଛନ୍ତି । ଡ. ବେହେରାଙ୍କର 'ବୈଦେହୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

ନା ସୀତେ । ଏ ଖବର ପ୍ରଥମେ ମୋ ମାଆ ମାନଙ୍କୁ ଦେବାକୁ ପଡ଼ିବ । ରାଘବବଂଶର ରାଜା ଦଶରଥଙ୍କ ଜ୍ୟେଷ୍ଠପୁତ୍ର ବଧୂ ଆଜି ମାଆ ହେବାକୁ ଯାଉଛି । ଏ ଖବର ଶୁଣିଲେ ମୋ ମାତାମାନେ ଆନନ୍ଦରେ ଉଚ୍ଛୁଳି ପଡ଼ିବେ । ଏ ଖବର ମଧ୍ୟ ମିଥିଳାରେ ପହଞ୍ଚାଇ ଦେବାକୁ ହେବ । ସତରେ ସୀତେ ମୋ ଜୀବନ ଆଜି ଧନ୍ୟ ହୋଇଯାଇଛି । ବିବାହର ଦୀର୍ଘଦିନ ପରେ ରାମ ଆଜି ପିତା ହେବାକୁ ଯାଉଛି । ଏଥିପାଇଁ ମୁଁ ଅଯୋଧ୍ୟାରେ ଉତ୍ସବର ଆୟୋଜନ କରିବି । ମା' ମାନେ ମୋର କେତେ ନୀତିନିୟମ ପାଳନ କରିବେ । କେତେ ପୂଜାଆରାଧନା କରିବେ । ଚାଲ ସଖୀ ! ଆମେ ଏ ଖବର ଯାଇ ମାଆ ମାନଙ୍କୁ ଦେବା । ଆଜି ତୁମ ଉପରେ ମୁଁ ଅତ୍ୟନ୍ତ ପ୍ରୀତ ଦେବୀ । କୁହ ତୁମେ କ'ଣ ଚାହଁ ? ତୁମର ପ୍ରତ୍ୟେକ ଅଭିଳାଷ ମୁଁ ଆଜି ପୂର୍ଣ୍ଣ କରିବି ।

ସ୍ୱାମୀଙ୍କ ତୁଣ୍ଡରୁ ଏପରି ବଚନ ଶୁଣି ମୁଁ କହିଥିଲି ପ୍ରଭୁ ମୁଁ ଆପଣଙ୍କ ଠାରୁ କିଛି ଚାହେଁନା । ଆପଣ ମୋର ସମସ୍ତ ଅଭିଳାଷ ପୂର୍ଣ୍ଣ କରିଛନ୍ତି । କେବଳ ଗୋଟିଏ କାମନା

କୁହ କୁହ ଦେବୀ । ତୁମ ମନରେ କି କାମନା ରହିଛି ପ୍ରକାଶ କର ।

ମୁଁ କହିଥିଲି, ପ୍ରଭୁ ମୋର ଏହି ଅବସ୍ଥାରେ ମୁଁ କିଛିଦିନ ଆଧ୍ୟାତ୍ମଜ୍ଞାନ ଶ୍ରବଣ କଲେ ତାହା ମୋ ସନ୍ତାନ ଉପରେ ପ୍ରଭାବ ପକାଇବ । ମୋତେ ଯଦି କିଛିଦିନ ପାଇଁ କୌଣସି ସିଦ୍ଧ ମୁନି ଋଷିଙ୍କ ଆଶ୍ରମକୁ ଯଦି ପଠାଇ ଦିଅନ୍ତେ ।

ଏକଥା ଶୁଣି ସ୍ୱାମୀ ମୋର ଅତ୍ୟନ୍ତ ଆନନ୍ଦିତ ହୋଇ କହିଥିଲେ, ଦେବୀ ତୁମର ଚିନ୍ତାଧାରା ଅତ୍ୟନ୍ତ ସାଧୁ । ଏଭଳି ଅଭିଳାଷଟିଏ ମନରେ ପୋଷଣ କରିଥିବା ହେତୁ, ମୁଁ ତୁମକୁ ଅଶେଷ ଧନ୍ୟବାଦ ଦେଉଛି । ବାସ୍ତବରେ ତୁମେ କୌଣସି ସିଦ୍ଧ ମୁନି ଋଷିଙ୍କ ଆଶ୍ରମରେ କିଛିଦିନ ରହି ତାଙ୍କଠାରୁ ଧର୍ମବାଣୀ ଶ୍ରବଣ କଲେ ତୁମ ଗର୍ଭସ୍ଥ ସନ୍ତାନ ଉପଯୁକ୍ତ ଜ୍ଞାନ ପାଇପାରିବ । ତୁମେ ଚିନ୍ତା କରନାହିଁ ଦେବୀ । ମୁଁ ଲକ୍ଷ୍ମଣକୁ କହି ଏହି ଅଳ୍ପଦିନ ମଧ୍ୟରେ ତୁମକୁ କୌଣସି ସିଦ୍ଧ ତପସ୍ୱୀଙ୍କ ଆଶ୍ରମକୁ ପ୍ରେରଣ କରିବି ।

ସେଦିନ ରାତି ଦୁଇଘଡ଼ି ବେଳକୁ ଆମେ ଉଦ୍ୟାନରୁ ଫେରି ଆସିଥିଲୁ । ତାପରେ ରାଜ ଅନ୍ତଃପୁରରେ ଏ ବାର୍ତ୍ତା ପ୍ରଚାରିତ ହୋଇ ଯାଇଥିଲା । ମାଆ ମାନେ ମୋର ଜଣଜଣ କରି ଆସି ଆନନ୍ଦରେ ଅଧୀର ହୋଇ ମୋତେ କୋଳ କରି ପକାଇଥିଲେ । ତହିଁ ପରଦିନଠୁ ମୋ ଗର୍ଭସ୍ଥ ସନ୍ତାନ ପାଇଁ ଆରମ୍ଭ ହୋଇଗଲା ନାନା ପୂଜାବିଧି । ବ୍ରାହ୍ମଣଙ୍କୁ ଡକାଇ ମୋ ଜ୍ୟେଷ୍ଠ ଶାଶୁ ନାନା ପ୍ରକାର ପୂଜାର୍ଚ୍ଚନା କରିବାରେ ଲାଗିଥିଲେ । ମୋତେ କୌଣସି କାର୍ଯ୍ୟ କରିବାକୁ ଦିଆଗଲା ନାହିଁ । ମୋ ପାଇଁ ଅଧିକ ପାଞ୍ଚ ଦଶ ଦାସୀ ଖଞ୍ଜି ଦିଆଗଲା । ସେମାନେ ମୋର ସ୍ନାନ, ଭୋଜନ ଠାରୁ ଆରମ୍ଭ କରି ସମସ୍ତ କାର୍ଯ୍ୟର ଯତ୍ନ ନେଲେ । ପ୍ରଭୁ ମୋର ଦୈନିକ ରାଜକାର୍ଯ୍ୟରୁ ସମୟ ବାହାର କରି ମୋ କଥା ବୁଝିବାରେ ମନ ଦେଲେ । ଏକଥା ଶୁଣି ମୋ ପିତାମାତା ମିଥିଳାରୁ ଆସି ମୋତେ ଶୁଭେଚ୍ଛା ଜଣାଇଲେ । ଏମିତି ଏମିତି ଆନନ୍ଦରେ କିଛିଦିନ ବିତି ଯାଇଥିଲା । ମୁଁ ମନେମନେ ଭାବୁଥାଏ ଗର୍ଭରେ ଥିବା ଭ୍ରୁଣ ପ୍ରତି ଯଦି ଅଯୋଧ୍ୟାରେ ଏତେ ପୂଜାପାଠ, ଏତେ ଆୟୋଜନ ସେ ଭୂମିଷ୍ଠ ହେଲେ ଅଯୋଧ୍ୟାରେ କ'ଣ ନହେବ ? ଏହି ଆନନ୍ଦମୟ ପରିବେଶରେ ସୁଖନଦୀରେ ମୁଁ ସନ୍ତରଣ କରୁଥିବାବେଳେ ଦିନେ ମୋ ସ୍ୱାମୀ କହିଥିଲେ "ଦେବୀ ବୈଦେହୀ ତୁମର ଅଭିଳାଷ ମୁଁ ପୂର୍ଣ୍ଣ କରିବାକୁ ଯାଉଛି । ଲକ୍ଷ୍ମଣ କାଲି ତୁମକୁ ନେଇ ଏକ ଆଶ୍ରମରେ ପହଞ୍ଚାଇ ଦେଇ ଆସିବ ।" ଆଶ୍ରମ ଯିବାକଥା ଶୁଣି ମୁଁ ଅତ୍ୟନ୍ତ ହରଷିତ ହୋଇ କହିଥିଲି ସତରେ ପ୍ରଭୁ ଆମେ କ'ଣ କାଲି ଆଶ୍ରମ ଅଭିମୁଖେ ଯାତ୍ରା କରିବୁ ।

ମୋ କଥା ଶୁଣି ମୁହଁ ଶୁଖାଇ ପକାଇ ମୋ ସ୍ୱାମୀ କହିଥିଲେ ହଁ ସୀତେ, କାଲି ତୁମେ ଆଶ୍ରମ ଯାତ୍ରା କରିବ । ଲକ୍ଷ୍ମଣ ତୁମକୁ ନେଇ

ତାଙ୍କ ପାଟିର କଥାକୁ ସଂପୂର୍ଣ୍ଣ କରିବାକୁ ନଦେଇ ମୁଁ କହିଥିଲି ଆପଣ ଆମ ସହିତ ଯିବେନାହିଁ ପ୍ରଭୁ ।

ନା ସୀତେ ! ମୁଁ ତୁମ ସହିତ ଯିବି କେମିତି ? ଏଠାରେ ରାଜକାର୍ଯ୍ୟ ବୁଝିବ କିଏ ? ଲକ୍ଷ୍ମଣ ତୁମକୁ ନେଇ ଉପଯୁକ୍ତ ଆଶ୍ରମରେ ଛାଡ଼ିଦେଇ ଆସିବ । ତୁମେ ସେଠାରେ କିଛିଦିନ କଟାଇବା ପରେ ସେ ଯାଇ ତୁମକୁ ନେଇ ଆସିବ ।

ପତିଙ୍କ କଥାରେ ସମ୍ମତି ପ୍ରଦାନ କରିଥିଲି ମୁଁ । ତହିଁ ପରଦିନ ସକାଳ ସ୍ନାନମାର୍ଜନା ସାରି, ମୋ ଶାଶୁ ଗୁରୁଜନଙ୍କୁ ପ୍ରଣାମକରି ସ୍ୱାମୀଙ୍କ ପାଦଧୋଇ ଦେଇ କହିଥିଲି, ଆପଣଙ୍କର ଏ ପାଦୋଦକକୁ ମୁଁ ସାଂଗରେ ନେଇଯାଉଛି ପ୍ରଭୁ । ସେଠାରେ ଯେତେଦିନ ଥିବି ଆପଣଙ୍କ ଚରଣ ଉଦକ ମୋତେ ଆଉ ମିଳିବ ନାହିଁ । ଯେଉଁଦିନ ଏ ଉଦକ ସରିଯିବ, ସେହିଦିନ ମୁଁ ଆଶ୍ରମରୁ ଆସି ଅଯୋଧ୍ୟାରେ ପହଞ୍ଚି ଯାଇଥିବି ।

ମୋ କଥା ଶୁଣି ମୋ ସ୍ୱାମୀ କିଛି ନକହି ନିରବ ରହିଥିଲେ । ମୁଁ ଭାବିଥିଲି ମୁଁ କିଛିଦିନ ମୋ ପ୍ରଭୁଙ୍କୁ ଛାଡ଼ି ଚାଲିଯିବି ବୋଲି ସେ ମନଦୁଃଖରେ ଭାଂଗି ପଡ଼ିଛନ୍ତି । ତାଙ୍କୁ ବୁଝାଇ ମୁଁ କହିଥିଲି ମନ ଦୁଃଖ କରନ୍ତୁ ନାହିଁ ପ୍ରଭୁ । ଆପଣ ଯେଉଁଦିନ ମୋତେ ସୀତା ବୋଲି ଡାକିଦେବେ, ମୁଁ ଆସି ଆପଣଙ୍କ ପାଖରେ ପହଞ୍ଚି ଯାଇଥିବି । ଏହାପରେ ମୁଁ ମୋ ଦେହରୁ ସମସ୍ତ ସ୍ୱର୍ଣ୍ଣ ଅଳଙ୍କାର କାଢ଼ିଦେଇ ପୁଷ୍ପ ଅଳଙ୍କାର ପିନ୍ଧି ପକାଇଥିଲି । ଦାମୀ ପାଟଶାଢ଼ୀ ପରିହାର କରି ସାଧାରଣ ବସ୍ତ୍ରଟିଏ ପିନ୍ଧିଥିଲି । ମୋର ଏପରି ବେଶ ଦେଖି ସ୍ୱାମୀ ମୋର କହିଥିଲେ ଜାନକୀ ! ତୁମର ଏ କିପ୍ରକାର ବେଶ । ରାଜରାଣୀ ବେଶ ଛାଡ଼ି...

ମୁଁ କହିଥିଲି ସ୍ୱାମୀ ମୁଁ ଯେତେବେଳେ ଆଶ୍ରମକୁ ଯିବି ସେତେବେଳେ ରାଜରାଣୀ ବେଶରେ ଯିବା କ'ଣ ଉଚିତ ହେବ ? ସେଥିପାଇଁ ମୁଁ ସନ୍ନ୍ୟାସିନୀ ବେଶଧାରଣ କରିଛି ।

ମୋ କଥା ଶୁଣି ସ୍ୱାମୀ ମୋର ଶିରଚୁମ୍ବନ କରି କହିଥିଲେ, ଧନ୍ୟ ତୁମେ ଜାନକୀ । ଧନ୍ୟ ତୁମର ବିଚାରଧାରା । ଯାଅ ସୀତେ ଆଶ୍ରମରେ ଆଶ୍ରମବାସୀଙ୍କ ସହ ମିଶି ତପସ୍ୱିନୀର ଜୀବନ କିଛିଦିନ ବିତାଇ ଆସ ।

ଏତେବେଳକୁ ଲକ୍ଷ୍ମଣ ରଥ ସଜକରି ଆସି ଉପସ୍ଥିତ ହୋଇ ସାରିଥାନ୍ତି । ସମସ୍ତଙ୍କୁ ପ୍ରଣାମ ଜଣାଇ ରଥ ଉପରକୁ ପାଦ ଦେଇଥିଲି ମୁଁ । ଆଖି ପିଛୁଳାକେ ରଥ ଛୁଟି ଚାଲିଥିଲା ଆଗକୁ ଆଗକୁ । ଏହାପରର କଥା ତୁମେ ସବୁଜାଣ ପ୍ରୀତିଦା, ସୁଧାମୟୀ । ଲକ୍ଷ୍ମଣ ମୋତେ ଏଠାରେ ଛାଡ଼ିଯିବା ବେଳେ କହି ଯାଇଥିଲେ ଜନ ଅପବାଦକୁ ସହ୍ୟକରି ନପାରି ପ୍ରଭୁ ଶ୍ରୀରାମ ଆପଣଙ୍କୁ ତ୍ୟାଗ କରିଛନ୍ତି ଦେବୀ । ଲକ୍ଷ୍ମଣ ଫେରି ଯାଇଥିଲେ । ମୋର ଅସହାୟ କ୍ରନ୍ଦନ ଶୁଣି...

ତାପରର କଥା ଆମେ ଜାଣିଛୁ ଦେବୀ । ଆପଣ ଆଉ କାନ୍ଦନ୍ତୁ ନାହିଁ । ସେହିଦିନରୁ ଆପଣ ଏ ଆଶ୍ରମରେ ସାଜିଛନ୍ତି ତପସ୍ୱିନୀ, ଆଉ ଆମେ ସାଜିଛୁ ଆପଣଙ୍କର ସଖୀ ସହଚରୀ । ପ୍ରୀତିଦାର କଥା ଶୁଣି ସୀତାଦେବୀ କାନ୍ଦିକାନ୍ଦି ଅଥୟ ହୋଇ ପଡ଼ିଥିଲେ । ତାଙ୍କୁ ବୁଝାଇ ସୁଧାମୟୀ, ପ୍ରୀତିଦା କହିଥିଲେ ଆଉ ବେଶି ଲୁହଗଡ଼ାନ୍ତୁ ନାହିଁ ଦେବୀ, ଏହାଫଳରେ ଆପଣଙ୍କ ଗର୍ଭସ୍ଥ ସନ୍ତାନର କ୍ଷତି ହେବ ।

(କ୍ରମଶଃ)

♥ ଦର୍ଜୀପୋଖରୀ, ରାଣୀପାଟଣା,
ବାଲେଶ୍ୱର
(ମୋ) ୬୩୭୦୫୦୯୧୦୪

## ତୀର୍ଯ୍ୟକ୍ ଜୀବନ ଯାତ୍ରା



ସୁବ୍ରତ ପଟ୍ଟନାୟକ

ଯାତ୍ରା ଜଗତର ଚରିତ୍ର ଅଭିନେତା ଜୀବନ କବି । ତାଙ୍କ ସହିତ ଭେଟ ହେଲା ଆମ ଗାଁ ଓରାଳିରେ । ରାମନବମୀ ଉତ୍ସବ ଉପଲକ୍ଷେ ଯାତ୍ରା ଦୁର୍ଗା ମନ୍ଦିର ତିନି ରାତି ନାଟକ ମଞ୍ଚସ୍ଥ କରୁଥାଏ। ପ୍ରଥମ ରାତିରେ ଥାଏ ଅଧ୍ୟାପକ ଦୀପକ ଜେନାଙ୍କ ରଚିତ 'କାନ୍ଦେନା, ଲୁହ ସରିବନି' ନାଟକ । ଡାକ୍ତର ଅମ୍ଳାନ ସାମନ୍ତରାୟ ଭୂମିକାରେ ଥାଆନ୍ତି ଜୀବନ । ନାୟିକାରେ ଡାଇଲଗ୍ କୁଇନ୍ ଡଲି ଭୂୟାଁ । ଷ୍ଟେଜ୍‌କୁ ଦୁହେଁ କରୁଥାନ୍ତି ଥରହର । ଦର୍ଶକଙ୍କ ଆଖିରୁ ଝରାଉଥାନ୍ତି ଲୁହ ଧାର ଧାର ।

ନାଟକ ଶେଷ ହେବା ପରେ ତାଙ୍କ କୋଠରୀରେ ଭେଟିଲୁ ଜୀବନଙ୍କୁ। ନିରୋଳାରେ ଆରମ୍ଭ ହେଲା ଆଲୋଚନା, ସୁଖ ଦୁଃଖ। ସେ ବଖାଣିଲେ ନିଜ ଜୀବନର ଅଲିଭା କାହାଣୀ । ବେଣିରାମପୁରର ଏହି ସୁକୁମାର ବାଳକ ମାତ୍ର ବାର ବର୍ଷ ବୟସରେ ଛାଡ଼ିଥିଲେ ଘର । ପେଟ ପୋଷିବା ପାଇଁ ଶିଶୁ କଳାକାର ସାଜିଥିଲେ ସୁଦାମବତୀ ଅପେରା, ଉତ୍ତରକୂଳରେ । ଘର ଡାନ୍ସର୍, ହିରୋଇନ୍ ଓ ଶେଷକୁ ଚରିତ୍ର ଅଭିନେତା । ଓଡ଼ିଶାର ଅନେକ ସ୍ୱନାମଧନ୍ୟ ଯାତ୍ରା ଦଳରେ ରହିଛି ତାଙ୍କର ଅବଦାନ । ସବୁଠି ଛାଡ଼ିଛନ୍ତି ଅଭିନୟର ଅଭୂଲା ସ୍ୱାକ୍ଷର । ଭଗବାନଙ୍କ ଆଶୀର୍ବାଦରୁ ତାଙ୍କୁ ମିଳିଛି ଷ୍ଟିରିଓଫୋନିକ୍ ଭଏସ୍ । ତାହାହିଁ ତାଙ୍କର ବଡ଼ ସମ୍ପଦ ।

ଆଲୋଚନା ସମୟରେ ଜୀବନ କହିଲେ- ଯାତ୍ରା ପାର୍ଟି ହିଁ ମୋତେ ଦେଇଛି ସ୍ୱତନ୍ତ୍ର ପରିଚୟ । ଅଭିନୟରେ କେତେ ସଫଳ ହୋଇଛି ବା ନ ହୋଇଛି, ତାହା ସମୟ କହିବ । ତେବେ ଦର୍ଶକଙ୍କୁ ପାରୁ ପର୍ଯ୍ୟନ୍ତ ବାନ୍ଧି ରଖିବାକୁ କରିଛ ପ୍ରୟାସ । ମୋର ବିଶ୍ୱାସ, ଅଭିନୟ ଭିତରେ ଚାଲିଯିବ ମୋର ଶେଷ ନିଃଶ୍ୱାସ । ପିଲାବେଳେ ଆମେ ଯାତ୍ରା ପାର୍ଟିରେ ଢେର୍ ଖଟିଛୁ । ଅଭିନୟରେ ସାମାନ୍ୟ ଭୁଲ୍ କଲେ, ପ୍ରବଳ ମାଡ଼ ଖାଇଛୁ । ନିଜକୁ ପେସାଦାର ଅଭିନେତା ଭାବେ ଗଢ଼ିବା ଲକ୍ଷ୍ୟରେ ଦୁଃଖ କଷ୍ଟକୁ ହସି ହସି ସହି ନେଇଛୁ । ସ୍ୱଳ୍ପ ଦରମାକୁ ଅମୃତ ମଣିଛୁ । ନିର୍ଦ୍ଦେଶକ ଓ ବରିଷ୍ଠ କଳାକାରଙ୍କୁ ଯଥେଷ୍ଟ ସମ୍ମାନ ପ୍ରଦର୍ଶନ କରିଛୁ । ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ ଥିଲା, ଆମ ଲାଗି ବେଦର ଗାର । ଆମେ ପାରୁ ପର୍ଯ୍ୟନ୍ତ ତାହା ଫୁଟାଇବାକୁ ଚେଷ୍ଟା କରୁଥିଲୁ ।

କଲେଜ ମାଟି ମାଡ଼ି ନଥିବାରୁ ମନରେ ଅବସୋସ ରହିଛି କି ପ୍ରଶ୍ନ ହେବାରୁ ଜୀବନ କହିଲେ- ଭଗବାନଙ୍କ ନିର୍ଦ୍ଦେଶରେ ମୋ ଜୀବନ ଗଢ଼ା ହୋଇଛି । ଅଭିନୟ ପାଇଁ ମୁଁ ସମ୍ପୂର୍ଣ୍ଣ ସମର୍ପିତ । ପିଲାବେଳେ ପାଠ ପଢ଼ାଠୁ ବଡ଼ ଥିଲା ଅଭାବ, କଷଣ । ପେଟ ପୋଷିବା ପାଇଁ ଆମେ, ଢୁବି ତବଲା, ହାର୍‌ମୋନିୟମ୍ ଆଦି ଷ୍ଟେଜ୍ ନିକଟକୁ ବୋହିଛୁ । କଳାକାରଙ୍କୁ ରାତିସାରା ଥରକୁ ଥର ଚା ପରସିଛୁ । ମୋ ପତ୍ନୀ ଓ ପୁଅ, ଝିଅ ସେସବୁ ବିଷୟ ଜାଣିଛନ୍ତି । ମୋ ପିଲାଦିନର ଦୁଃଖ ଯାତନା ସେମାନେ ମର୍ମେ ମର୍ମେ ଅନୁଭବ କରିଛନ୍ତି । ମୁଁ ନିଜେ ପାଠ ପଢ଼ି ପାରିନି ସତ, ମାତ୍ର ଭଗବାନ ମୋ ପିଲାଙ୍କୁ ରେଭେନ୍ସା କଲେଜର ଗ୍ରାଜୁଏଟ୍ କରାଇଛନ୍ତି। ଯାତ୍ରାରେ ସେମାନେ ମୋ ଅଭିନୟ ଦେଖି କହନ୍ତି- ରାତି ଅନିଦ୍ରା ହୋଇ ବାପା କେତେ କଷ୍ଟ ସହୁଛନ୍ତି ? ଏହା କେବଳ ମୋର ଏକୁଟିଆ ନୁହେଁ, ଘର ପରିବାର ଛାଡ଼ି ବର୍ଷ ବର୍ଷ ବାହାରେ ରହୁଥିବା ସବୁ କଳାକାରଙ୍କ ଭାଗ୍ୟ । ସେମାନଙ୍କର କରୁଣ କାହାଣୀ । ଘରର ସବୁ ଦାୟିତ୍ୱ ତୁଲାନ୍ତି ମୋ ସହଧର୍ମିଣୀ । ସେମାନଙ୍କର ସ୍ନେହ, ଶ୍ରଦ୍ଧାକୁ କୃତଜ୍ଞତା ଜଣାଇବାକୁ ମୋର ତିଳେମାତ୍ର କାର୍ପଣ୍ୟ ନାହିଁ ।

ନାଟକରେ ନିଖୁଣ ଅଭିନୟ ଲାଗି କେତେକ କଳାକାର ମଦ ପିଅନ୍ତି ବୋଲି ଆଲୋଚନା ହୁଏ । ଏହା ସତ କି ବୋଲି ପ୍ରଶ୍ନ ହେବାରୁ ଜୀବନ ଉତ୍ତର ଦେଲେ- ଅତୀତରେ ମୁଁ ମଦୁଆ, ରିକ୍ସାବାଲା ଆଦି ରୋଲ୍ କରିଛି । ମଦ ପିଇଲେ ଯେ କମାଲ୍ କରିହେବ, ତାହା ସମ୍ପୂର୍ଣ୍ଣ ଭୁଲ । ଆପଣ 'ମଦ' ଶବ୍ଦଟିକୁ ଓଲଟାନ୍ତୁ- 'ଦମ୍' । କଳାକାରର ଅଭିନୟରେ 'ଦମ୍' ଥିବା ଦରକାର । ସେତକ ନଥିଲେ ସବୁ ଶୂନ୍ । ପ୍ରତି ରାତିର ନାଟକ- କଳାକାରଙ୍କ ପାଇଁ ମାଟ୍ରିକ୍ ପରୀକ୍ଷା । ରାତିରେ ପରୀକ୍ଷା । ଭୋର୍‌ରୁ ବାହାରିବ ଫଳ । କେତେବେଳେ ଫାଷ୍ଟକ୍ଲାସ୍ ତ କେତେବେଳେ ଫେଲ । ଯାତ୍ରା ବିଦ୍ୟାଳୟରେ ମୁଁ ସବୁବେଳେ କୁନିଛୁଆ । ମୋ ଗୁରୁ ଓ ସାର୍ ଚିର ନମସ୍ୟ ।

ଯାତ୍ରାରେ କାହା ସହିତ ଚୋରା ସମ୍ପର୍କ ସୃଷ୍ଟି ହୋଇଥିବାର ପତ୍ନୀ ସନ୍ଦେହ କରନ୍ତି କି ବୋଲି ପ୍ରଶ୍ନ ହେବାରୁ ଜୀବନ କହିଲେ- ମୋ ଚରିତ୍ର ସମ୍ପର୍କରେ ନ ଜାଣି ଆପଣ ସନ୍ଦେହ ଜନକ ପ୍ରଶ୍ନ ପଚାରୁଛନ୍ତି । ଏଭଳି କାଣ୍ଡ କାରଖାନା କେବଳ ମିଡ଼ିଆ ଲୋକେ କରନ୍ତି । ରୋଚକ ସମ୍ବାଦ ପରିବେଷଣ ପାଇଁ ମନଗଢ଼ା କାହାଣୀ ବଖାଣନ୍ତି । କାହା ସହିତ ସମ୍ପର୍କ ନଥିବାର କେମିତି ପ୍ରମାଣ ଦେବି ? ସମାନ ପ୍ରଶ୍ନଟି ଯଦି ଆପଣଙ୍କୁ ପଚରାଯାଏ, ଆପଣ କି ଉତ୍ତର ଦେବେ ? କୁହନ୍ତୁ !

ଉଦାହରଣ ଦେଇ ଜୀବନ କହିଲେ- ଥରେ ଜଣେ ସାମ୍ବାଦିକ ଛପେଇ ଦେଲେ ଜୀବନ କବି ପାଉଛନ୍ତି ମୋଟା ଅଙ୍କର ଦରମା । (ଟଙ୍କାର ପରିମାଣ ସେ ପ୍ରଘଟ କଲେନାହିଁ)

କୌଣସି ସୂତ୍ରରୁ ପତ୍ନୀଙ୍କ କାନକୁ କଥାଟି ଗଲା । ସେ କହିଲେ- ତମେ ମାସକୁ ଏତେ ଟଙ୍କା ରୋଜଗାର କରି ଆମକୁ ଲୁଚାଉଚ କାହିଁକି ? ପତ୍ନୀଙ୍କୁ କେମିତି ବୁଝେଇବି ଯେ, ମିଡ଼ିଆରେ ଯାହା କିଛି ଛପାଯାଏ, ସବୁ କଥା ସତ ନୁହେଁ । କେତେକ ସାମ୍ବାଦିକ ରଙ୍ଗ ମିଶାଇ ଷ୍ଟୋରୀ ତିଆରି କରନ୍ତି । ତାଙ୍କର ଆତ୍ମ ସନ୍ତୋଷ ଯେ, ଛୋଟବେଳୁ ଅଭାବ କଷଣ ସହିତ ସଂଘର୍ଷ କରି, ସେ ପହଞ୍ଚିଛନ୍ତି ଗୌରବର ବାଇଶି ପାହାଚରେ ।

ଆଲୋଚନା ସମୟରେ ଜୀବନ ଆମକୁ ଅନେକ କଥା ବଖାଣିଲେ । ସ୍ତମ୍ଭର ସଂକ୍ଷିପ୍ତ କଳେବର ଦୃଷ୍ଟିରୁ ସବୁ କଥା ଲେଖାଯିବା ସମ୍ଭବ ହେଉନାହିଁ । ଜଣେ ଯାତ୍ରା କଳାକାର ଭାବେ ତାଙ୍କର ଅନୁଭୂତି ବେଶ୍ ହୃଦୟସ୍ପର୍ଶୀ । କାଳିଆ ସାଆନ୍ତେଙ୍କ ନିକଟରେ ମାଗୁଣି କରୁଛୁ- ଜୀବନ କବିଙ୍କ ଜୀବନ ଯାତ୍ରା ସଫଳ ହେଉ । ଏହି ଚର୍ଚ୍ଚିତ କଳାକାରଙ୍କୁ ବଡ଼ ଠାକୁରେ ଚକ୍ର ଉହାଡ଼ରେ ରଖିଥାନ୍ତୁ । ଏତିକି ପ୍ରାର୍ଥନା। ଜୟ ଜଗନ୍ନାଥ ।

♥ ଓରାଳି, କେନ୍ଦୁଝର, ମୋ: ୯୯୩୭୭୯୧୨୪୪

## ଅପେକ୍ଷା ନାହିଁ ଆଉ

ନୀଳମାଧବ କର



ଘରେ ତମେ ନାହିଁ
ତମ ପାଇଁ ନୀରବ ପ୍ରତୀକ୍ଷାଟେ,
ଖୁବ୍ ଗମ୍ଭୀର ଭାବେ ଝୁଲୁଛି ସମୟ
କ୍ଷୀଣ ଆଶାଟେ ଦୋହଲୁଛି
କାଳେ ତମେ ଫେରିବ ବୋଲି

ନିର୍ବାସିତ ମୁଁ ଅପହଞ୍ଚ ଅନ୍ଧାରୀ ମୁଲକେ
କ୍ଷୀଣ ନିଃଶ୍ୱାସରେ
ଜୀବନ୍ତ ମୃତ
ମୃତ ଜୀବନ୍ତ
ଅସ୍ପଷ୍ଟ ଅସ୍ଥିର ସ୍ଥିତି

ଏଠିକୁ ତମେ ଆସିବନି, ପହଂଚିପାରିବନି
ଏତେ ଦୂରକୁ, ବଣ ପାହାଡ଼ ପରେ
ମନର ପରିଧି ଡେଇଁ
ଏ କଥା ମୁଁ ଜାଣେ

ହୁଏତ ଫେରିବ କି ନା
ସେ ଅନିଶ୍ଚିତତାରେ
ତମେ ମୋର ଅପେକ୍ଷା କରିବ
ଦୀପ ଜାଳି, ନିଶ୍ଚିତ ହେବାଯାଏ,
ତମ ମନ୍ଦିରରେ, ଫୁଲଟିଏ ଖସିବା ପର୍ଯ୍ୟନ୍ତ
ତମ ଆରାଧ୍ୟ ମଥାରୁ

ଏଠି କିନ୍ତୁ ଅପେକ୍ଷା ନାହିଁ ଆଉ ତମ ପାଇଁ
ଏ ସମ୍ଭାବନାରେ
ମୁଁ ଅନ୍ତତଃ ନିଃଶ୍ୱାସ ନେଉଛି
ଜୀବନ୍ତ ବା ମୃତ, ମୃତ ବା ଜୀବନ୍ତ
ପରତେ ହେଉନି, ଫରକ ପଡୁନି

ଯେଉଁଠି ଥିଲେ ବି ତମେ ଅଛ,
ମୁଁ ଅଛି,
କେବଳ ଅପେକ୍ଷା ନାହିଁ, ପରସ୍ପର ପାଇଁ
ଜୀବନ ପାଇଁ, ଆଉ ଘଡ଼ିଏ ସମୟ ପାଇଁ ।

♥ ଓଲଭରହାମ୍ପଟନ, ୟୁକେ

## କବିତା...

## ହାର ଜିତ

ଶରତ କୁମାର ଦାସ



ଶେଷରେ ମତେ
ବନ୍ଧୁକ ଉଠେଇବାକୁ ହେଲା
କିଚିରି ମିଚିରି ହଉଥିବା
ପକ୍ଷୀ ଦଳଙ୍କୁ ଗୁଳି କରିଦବାକୁ

ସେମାନେ କିନ୍ତୁ
ଶିକାର ହେଲେନି ଗୁଳିରେ
ବରଂ ହସି ହସି
ଫୁରଫାର ଉଡିଗଲେ ଦୂର ଆକାଶକୁ

ବୋଧହୁଏ
ଉଡିଯିବାଟା ସେମାନଙ୍କ ପାଇଁ
ସୌଭାଗ୍ୟ କି ଦୁର୍ଭାଗ୍ୟ ଥିଲା ମୁଁ ଜାଣିନି
କିନ୍ତୁ ହାରିଯିବାଟା ଥିଲା
ମୋ ପାଇଁ ସୌଭାଗ୍ୟ

ସେଇଥିପାଇଁ ବୋଧହୁଏ
ସେମାନଙ୍କ କୋଳାହଳରୁ ମୁକ୍ତି ପାଇଁ
ମତେ ବାରମ୍ବାର ଟ୍ରିଗାର ଟିପିବାକୁ ପଡୁଥିଲା

କିନ୍ତୁ ସବୁଥରକ
ପରାସ୍ତ ସୈନିକଟି ପରି
ପଛଘୁଞ୍ଚା ଦବାକୁ ପଡୁଥିଲା
ବନ୍ଧୁକ ଫେରେଇ ଆଣି

ଏବେ
ମୁଠାଏ ଖୁଦ କଣିକା
ଓ ମୋ ହାତ ଆଉଁସା ପାଇ
ସେମାନେ ଖୁବ୍ ତୃପ୍ତ, ପ୍ରୀତ

ମୁଁ ମଧ୍ୟ
ବାରମ୍ବାର ହାରିଯିବାର
ଏକ ନିଆରା ସୌଭାଗ୍ୟଟିଏ

ସେମାନଙ୍କ ସ୍ନେହ ପ୍ରୀତିର ପାଦତଳେ
ପୂର୍ଣ୍ଣ ସମର୍ପିତ ।

♥ ପାଲୁର ବଙ୍ଗଳା, ଘର ନମ୍ବର-୨୬
ବ୍ରହ୍ମପୁର, (ମୋ) ୯୪୩୭୪୨୩୯୮୫

## ରାଣୀ

ସ୍ନିଗ୍ଧା ପଣ୍ଡା



ଜୀବନକୁ ଗୋଟେ ଲମ୍ବା ରସିରେ ଟାଙ୍ଗି
ଜିଇଁବାର ସ୍ୱପ୍ନ ଦେଖୁଥାଏ ସେ
ବାଣ୍ଟୁଥାଏ ବି
ୟୁପିଆଇରେ ଯୋଗାଡ଼ ହେଇଥିବା
ଚାଉଳ ଦି'ମୁଠାକୁ ଭାତ କରିବାକୁ
ଲାଗି ପଡିଥାନ୍ତି ଅନ୍ୟମାନେ ଯେବେ
ସେତେବେଳେ ଗୋଟେ ବାଡ଼ିର ଦୁଇପଟେ
ପୃଥିବୀକୁ ଝୁଲେଇ
ନିସ୍ପୃହ ଆଖିରେ ସାମ୍ନାରେ
ଆଉ ଗୋଟେ
ଦି'କେନିଆ ବାଡ଼ିକୁ ନିଘା କରି

ସେ ଅଣ୍ଟାଳୁଥାଏ ପାଦେ ମାତ୍ର ଜାଗା
ଶୂନ୍ୟରେ ।

କେବେ ସଜେଇ ନ ଥିବା ବାଳ କେରାକ
ମୁଣ୍ଡରୁ ଖସିଯିବ କାଳେ
ବନ୍ଧା ହୋଇଥାଏ ପଛରେ
ଧରାପଡ଼ିଯିବ ବୋଲି
କାହାକୁ ଚାହୁଁ ନ ଥିବା
ଆଖି ପୋତା ଥିବା ମୁହଁରେ
ଭୟ ମାଖିଥାଏ
ତା' ଉପରେ ଆଉ ପ୍ରସ୍ତେ

ଅନ୍ୟମନସ୍କତା ବୋଳିଥାଏ
ଖରାରେ ଶୀତରେ ଶୁଖି ଯାଇଥିବା
ଚମରୁ ଓହଳିଥାଏ
ବଞ୍ଚିଛି ବୋଲି ଆଶ୍ୱାସନା ମୁଠାଏ ।

ପାଦରୁ ବଡ଼ ଚପଲ ତଳେ
ମନ୍ଥି ହେଉଥାଏ ଶୈଶବର ପଦ୍ମବନ
କେହି କେହି ଫିଙ୍ଗିଦେଇ ଯାଉଥିବା
ଖୁଚୁରା ପଇସାର ସଂଖ୍ୟା ସାଙ୍ଗରେ
ବଢି ଯାଉଥାଏ
ଆଉ ଚାରିଟା ପେଟ ରାଜ୍ୟର
ଭୋକ ସମ୍ଭାଳିବାର ଦାୟିତ୍ୱ
ଯାହାର
ହାତରେ ଚିତା କୁଟା ହେଇଥାଏ
ରାଣୀ
ଗୋଟେ ଚିରା ତମ୍ବୁକୁ ଉଆସ ବନେଇ
ସଂସାର ପାଳୁଥିବା ରାଣୀ
ପାପ ଧୋଇବାକୁ ଆଗକୁ ଲମ୍ବିଥିବା
ସଙ୍ଗମରାସ୍ତାର ରାଣୀ ।

♥ (ମୋ) ୯୮୬୧୩୨୩୬୫୦

## ବୈଶାଖ

ସୁରେନ୍ଦ୍ର ପାଣିଗ୍ରାହୀ



ଖରା ଖରଉଚି ଖାଁ ଖାଁ ଖାଲି ବିଲଗହିରର ମାଳେ
ଦେହ ବିଦେହର ଦିହୁଡ଼ି ଜଳୁଚି କାଳିସୀ
କୁହାଟ ଖେଳେ
ଚରିଚରିଯାଏ ଗରମଗୁରୁମା ଗହଗହ ଗାଁ ଦାଂଡେ
ନୁଖୁରା ପଡ଼ିଚି ନଈପଠାମାଳ ନିଦାରୁଣ ନଈବଂଧେ ।

ଚଇତି ରାତିର ଚହଲା ପବନ ସତେକି ସପନ ହେଲା
ମଧୁମାଳତୀର ବାସନା ବିଭୋର ବେଳା ବିଷମ ସାଜିଲା
ହଜିଯାଇଛି ତ ହସକୁରୀ ଗୋରୀ ସୁନାରୀଫୁଲର ଆଭା
କେଉଁଠି ଲୁଚିଚି କୁଆଁରୀ କନିଆଁ କୃଷ୍ଣଚୂଡ଼ାର ଗଭା ।

ଜୀବନ ଯମୁନା ଜହ୍ନରାତି ଦିନେ ଛାଡ଼ିଥିଲି ଦୋଛକିରେ
ବଉଳ ଗଛରୁ କୁହାଳିଆ କାଉ ଡାକୁଥିଲା ଦି'ପହରେ
ଖରା ମା ଖରେଇ ଚଂଦନ କାଠ ବି ଘୂରେଇ ଗଲାଣି କେତେ
ସେରକ ପୂରିଲା ମାଣକ ପୂରିଲା କପୋତୀ କାଂଦି କୁହାଟେ ।

ପାଣି ପିଉଁପିଉଁ ଚଇତିଘୋଡ଼ା ବି ମଲାଣି
ମଶାଣିଘାଟେ
ବିଟପୀ ବୈଶାଖ ବିଳପୁଚି ବସି ନିପାଣିଆ ନଈତୁଠେ ।

♥ ବରି, ବାଲେଶ୍ୱର
(ମୋ)୯୪୩୭୨୮୨୯୮୪

## କରବୀ

ଐଶ୍ୱର୍ଯ୍ୟା ପ୍ରଧାନ



ମାଟି ଚୁଲ୍ଲୀରେ ଦାଉ ଦାଉ
ଜଳୁଥିବା କାଠ
କିଛି ତ କାହାଣୀ କହେ
କଳା ମଚମଚ ଭାତହାଣ୍ଡିରୁ
ଉତୁରି ପଡୁଥିବା ପେଜ
ଚୁଲିରେ ହିଁ ନିଶ୍ଚିହ୍ନ ହୁଏ
ହାଣ୍ଡିରେ କେବଳ ଦାଗ ଆଉ ଦାଗ !!

ଲୋ ନିଆଁ, ଲୋ ଚୁଲି, ଲୋ ରେବୀ
ଡାକଗୁଡ଼ା ପଥର ଓଜନର ବୋଝ
ଆଉ ଧୂଆଁଭର୍ତ୍ତି ଆଖିରୁ
ନିଗିଡ଼ି ଯାଉଥିବା ଲୁହ
ଜାଣେନା ତା କାରଣ
କେତେ ରକମର ଉପାଧି
ଆଉ ତା ବୋଝତଳେ ?
ଅଣନିଃଶ୍ୱାସୀ ଜୀବନ !!

ଏ ନିଆଁ ଝୁଲର ଝାସରେ ଜଳିଯାଏ ଆତ୍ମା
ଆଉ କାହା ପିପାସୁ ଦୃଷ୍ଟିରେ
ନିଜକୁ ହଜେଇଦେବାର ଭୟ !

ଖୋଲା ଆକାଶରେ ଉଡ଼ିବାକୁ ତୀବ୍ର ଇଚ୍ଛା
ହେଲେ ପାଲଟେ କାଗଜଗୁଡ଼ି
କେହି ବାନ୍ଧିଦିଏ ମାଞ୍ଜା ସୁତାରେ
ଆଉ ମନମୁତାବକ ଟାଣେ
ସେଇଠି ପବନ ବି ଇର୍ଷାରେ ଜଳେ
ଆଉ ଭିଡ଼ିମୋଡ଼ି,ଦଳି ଫିଙ୍ଗିଦିଏ
ବହୁ ଦୂରରେ
କେବେ, ଶୁଖିଲା ଡାଳରେ
କେବେ, ଆଉ କୋଉଠି ?
ନିର୍ଦ୍ଦିଷ୍ଟ ଠିକଣା ନିଜେ ବି ଜାଣେନା !

♥ ପୋଷ୍ଟାଲ୍ କଲୋନୀ,
ଭବାନୀପାଟଣା, କଳାହାଣ୍ଡି

# ସାହିତ୍ୟରେ ହଜି ଯାଇଥିବା ଶବ୍ଦ, ଆଞ୍ଚଳିକ ଶବ୍ଦ ଆଦି ବ୍ୟବହାର କରି ଭାଷାକୁ ସୁଦୃଢ଼ କରିବା ଉଚିତ : ସରୋଜିନୀ ସାହୁ

**ସରୋଜିନୀ ସାହୁ**
ଓଡିଆ ସାହିତ୍ୟ ଜଗତରେ ଗୋଟେ ସ୍ୱର୍ଦ୍ଧିତ ଉଚ୍ଚାରଣ। ନାରୀର ସହଜାତ ଲଜ୍ଜା ସଂକୋଚରୁ ଉର୍ଦ୍ଧ୍ୱରେ ରହି ମୁକ୍ତ ଭାବେ ସେ ଥୋଇପାରନ୍ତି ନିଜର ବକ୍ତବ୍ୟ । ସତୁରି ଦଶକରୁ ସାହିତ୍ୟ ଜଗତରେ ପ୍ରବେଶ କରି ଅଦ୍ୟାବଧି କ୍ରମାଗତ ଭାବେ ସେ ପ୍ରଦର୍ଶିତ କରିପାରିଛନ୍ତି ନିଜ ପାରଦର୍ଶିତା । ସେ ଜଣେ ଜଣାଶୁଣା ବ୍ଲଗର । "ସାହିତ୍ୟ ଜୀବନକୁ ଆଶାବାଦରେ ଭରି ଦେଉ ଅବା ହୃଦୟରୁ ହୃଦୟକୁ ସଂଚରି ଯାଉ ମୁକ୍ତିର ସଂଗୀତ । ଚେତନାର ଉତ୍ତରଣ ହେଉ.." ବୋଲି କାମନା କରୁଥିବା ଏହି ଲେଖିକାଙ୍କ ସହ ଏଥରର ଆଳାପ...



ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ

■ **କେମିତି ହୋଇଥିଲା ଆପଣଙ୍କ ସୃଜନର ଆଦ୍ୟସ୍ଫୁରଣ ?**

■■ ମୋ ବାପା ତାଙ୍କ ହାଇସ୍କୁଲ ବେଳେ ଲେଖାଲେଖି କରୁଥିଲେ । ତାଙ୍କର ସୁଦୃଶ୍ୟ ହାତଲେଖା ପାଣ୍ଡୁଲିପି, ଯାହା ଖାତା ଆକାରରେ ଥିଲା । ଏବେବି ଅଛି ମୋ ପାଖରେ । ଆମ ଘରକୁ 'ଝଂକାର' ଠୁ 'ଫୁଲ ବଉଲବେଣୀ' ଆଦି ବହୁ ପତ୍ରପତ୍ରିକା ଆସୁଥିଲା । ସେତେବେଳେ ମୁଁ ସାନଥିଲି । ମୋ ବଡ଼ ଭଉଣୀ, ସେ ମଧ ପିଲାଟି ଦିନରୁ ଗଳ୍ପ କବିତା ଲେଖାଲେଖି କରୁଥିଲା । ମୁଁ ଲେଖୁ ନଥିଲି । ୧୨/୧୩ ବର୍ଷ ବୟସରେ ମୁଁ ପ୍ରଥମେ ଗପ ଲେଖିଥିଲି, ଯାହା ମୋ ବଡ଼ବାପା ପୁଅ ଭାଇର ସ୍କୁଲ ମାଗାଜିନ୍‌ରେ ତା' ନାଁରେ ପ୍ରକାଶ ପାଇଥିଲା । ଗପଟିର ନାଁ ଥିଲା 'ପ୍ରୀତମ୍‌ର ଆତ୍ମଲିପି' । ୧୯୭୦ ଆଡ଼କୁ ପତ୍ରବନ୍ଧୁ ଭାବରେ ଜଗଦୀଶ ମୋ ଜୀବନକୁ ଆସିଥିଲେ । ତାଙ୍କ ପ୍ରେରଣା ପାଇ ମୁଁ ଗପଟିଏ 'ପ୍ରଜାତନ୍ତ୍ର'ର ରବିବାସରୀୟ ସାହିତ୍ୟ ବିଭାଗକୁ ପଠାଇଥିଲି । ଗଳ୍ପଟିର ନାଁ ଥିଲା 'ଅବଶେଷ ଓ ଅବସୋସ' ତାହା ୧୮୭୧ ମସିହାରେ ପ୍ରକାଶ ପାଇଥିଲା । ତା' ପରଠୁ ମୁଁ କ୍ରମାଗତ ଲେଖି ଆସିଛି ।

■ **ଆପଣଙ୍କ ଲେଖକ ଜୀବନର ପ୍ରେରଣା କିଏ ? ସାହିତ୍ୟର ଆଦ୍ୟ ଗୁରୁ ଭାବରେ କାହାକୁ ସ୍ମରଣ କରିବେ ?**

■■ ମୋ ସୃଜନର ଆଦ୍ୟ ଗୁରୁ ମୋ ବାପା ଓ ମୋ ବଡ଼ନାନୀ ବୋଲି ମୁଁ ଭାବେ । ସେମାନେ ଲେଖୁ ନଥିଲେ, ମୁଁ ହୁଏତ ଲେଖିବାକୁ ମନ ବଳେଇ ନଥାନ୍ତି । ଜଗଦୀଶ ମୋ ଜୀବନକୁ ଆସିବା ପରେ, ମୋ ଦୃଷ୍ଟିଭଙ୍ଗୀ ବ୍ୟାପ୍ତ ହୋଇଥିଲା । ୧୮୭୧ରେ ଆମେ ଦୁହେଁ ମିଶି ଏମ ମିନି ପତ୍ରିକା (ପଲ୍ଲବ) ପ୍ରକାଶ କରିଥିଲୁ । ସେତେବେଳେ ମୁଁ ହାଇସ୍କୁଲର ଛାତ୍ରୀ । ସାହିତ୍ୟରେ ଦିଶା ନିର୍ଣ୍ଣୟ କରେଇବା ଓ ବୌଦ୍ଧିକ ବିକାଶ କରେଇବାରେ ଜଗଦୀଶଙ୍କ ଭୂମିକା ପ୍ରମୁଖ ଥିଲା । ସେ ହିନ୍ଦୀ, ଇଂରାଜୀ, ବଙ୍ଗଳା ପଢ଼ି ପାରୁଥିଲେ । ପଢ଼ିବା ତାଙ୍କର ସଉକ୍ ଥିଲା । ସେ ଯାହା ପଢୁଥିଲେ, ଚିଠି ପତ୍ରରେ ମୋ ସହ ଆଲୋଚନା କରୁଥିଲେ। ଅନେକ ସମୟରେ ସେ ବହି ଗୁଡ଼ିକ ମୋତେ ଯୋଗାଇ ଦେଉଥିଲେ । ମୁଁ କମ୍ ବୟସରୁ ମୋପାଁସା ଠୁ ଚେକଭ, ଅମୃତା ପ୍ରୀତମ୍‌ଙ୍କଠୁ ନିର୍ମଳା ବର୍ମା ଯାଏ ପଢ଼ିଥିଲି । ମୁଁ ଆଇ.ଏ ପଢ଼ିଲା ବେଳକୁ ସେକେଣ୍ଡ ସେକ୍ସ ପଢ଼ି ସାରିଥିଲି । ତେଣୁ ମୋ ମେଧା ବୁଦ୍ଧି ଓ ଲେଖକୀୟ ଜୀବନର ଗୁରୁ ଥିଲେ ସେ ।

■ **ବର୍ତ୍ତମାନ କେଉଁ କେଉଁ ସମସ୍ୟା ଉପରେ ଲେଖକମାନେ ଗୁରୁତ୍ୱ ଦେବା ଆବଶ୍ୟକ ? ସାହିତ୍ୟ ମାଧ୍ୟମରେ ସମାଜର ପରିବର୍ତ୍ତନ ସମ୍ଭବ କି ?**

■■ ଇଏ କ'ଣ ରୋଗୀ ଆଉ ଡାକ୍ତରର କଥା ହେଇଛି ଯେ ସମସ୍ୟା ଓ ନିରାକରଣର କଥା କୁହାଯିବ ? ସାହିତ୍ୟ ଜିନିଷଟି ଯେତିକି ସାମାଜିକ ତତୋଧିକ ବ୍ୟକ୍ତିଗତ । ଜୀବନ ବହୁମୁଖୀ। ଏଇ ବହୁମୁଖୀ ଜୀବନଟି ଗୋଟେ ପରିବର୍ତ୍ତଶୀଳ ପୃଥିବୀକୁ ଭେଟୁଛି ପ୍ରତି ନିୟତ । ଜଗତୀକରଣ ଓ ସୋସିଆଲ ମିଡିଆର ବହୁଳ ପ୍ରଚଳନ ପରେ, ଆମେ ସମାଜରେ ବିଭିନ୍ନ ପ୍ରକାରର ବୈଚିତ୍ର୍ୟକୁ ଭେଟୁଛୁ, ଗୋଟେ ଦେଶର ସଂସ୍କାର ସଂସ୍କୃତ ଆଉ ସେଇ ଦେଶ ଭିତରେ ସୀମାବଦ୍ଧ ହୋଇ ରହୁନାହିଁ । ଯେମିତି 'ଯୋଗ'କୁ ସାରା ପୃଥିବୀ ଗ୍ରହଣ କରିଛି, ଆମେ ପାଶ୍ଚାତ୍ୟର ଭାଲେଣ୍ଟାଇନସ ଡେ'କୁ । ଖାଦ୍ୟପେୟରେ ବି ଅନେକ ପରିବର୍ତ୍ତନ, ଗୋଟେ ପଟେ ସମଗ୍ର ମଣିଷମାନଙ୍କର ଗୋଟେ ସଂସ୍କୃତ ଥିବା ପରି ମନେହେଲା ବେଳେ ଅନ୍ୟପଟେ, ଦେଶ ଦେଶ ଭିତରେ ଲଢ଼େଇ, ଧର୍ମ-ଧର୍ମ ଭିତରେ ଅସହିଷ୍ଣୁତା, ଭାଷାକୁ ନେଇ ସଂକୀର୍ଣ୍ଣ ରାଜନୀତି ଭଳି ବିକୃତ ମାନସିକତା ମଧ୍ୟ ଦେଖିବାକୁ ମିଳୁଛି । ସବୁଠୁ ବଡ଼ କଥା ହେଲା ଏଆଇ ଯୁଗରେ ଅସ୍ତିତ୍ୱକୁ ନେଇ ମଣିଷ ଏକ ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଛି । ଅନ୍ୟପଟେ ପ୍ରକୃତି ଅସନ୍ତୁଳନ ଅବସ୍ଥାରେ । ଋତୁମାନେ ଦୀର୍ଘବର୍ଷର ଅଭ୍ୟାସ ଛାଡ଼ି ଏବେ ଅନିୟମିତ। ଏସବୁ ବିଷୟ ଗୁଡ଼ିକୁ ନେଇ ଚମତ୍କାର ପ୍ରବନ୍ଧ ରଚନା କରାଯାଇ ପାରେ । ମାତ୍ର ସୃଜନଶୀଳ ସାହିତ୍ୟ ପାଇଁ କେବଳ ଜୀବନ ହିଁ ପର୍ଯ୍ୟାପ୍ତ ବିଷୟବସ୍ତୁ । ଏତେ ଆକର୍ଷଣ ଓ ବିକର୍ଷଣରେ ଜୀବନ ଜଣକୁ କି କି ରଂଗ ଦେଖାଉଛି ତାହାହିଁ ବଡ଼କଥା । ମଣିଷର ହର୍ଷ-ବିଷାଦ, ଆଶା ହତାଶା, ପ୍ରାପ୍ତି- ଅପ୍ରାପ୍ତି ସଂପର୍କ- ଅସଂପର୍କକୁ ନେଇ ସମ୍ବେଦନଶୀଳ ଭାବରେ ଯେଉଁ ବିଷୟ ଗୁଡ଼ିକ ଆସେ ତାହାହିଁ ଲେଖକଟିଏ ଲେଖିବା ଉଚିତ । ସାହିତ୍ୟେ ମାଧ୍ୟମରେ ସମାଜରେ ପରିବର୍ତ୍ତନ ଘଟେଇବା ଆଂଶିକ ସତ୍ୟ । ସାମାଜିକ ପରିବର୍ତ୍ତନ ପାଇଁ ଅନ୍ୟାନ୍ୟ ମାଧ୍ୟମର ଯୋଗଦାନ ପରି ସାହିତ୍ୟର ଯୋଗଦାନ କିଞ୍ଚିତ ଥାଏ । ମାତ୍ର କିଛି ଲେଖି ଦେବା କ୍ଷଣି ତତ୍‌କାଳ ପରିବର୍ତ୍ତନଟେ ଆଣିବାର ଉଦାହରଣ ନାହିଁ । ବିଶ୍ୱଯୁଦ୍ଧ ସମୟରେ ପିକାଶୋଙ୍କ ପେଣ୍ଟିଂଗୁଡ଼ିକରେ (ବରଂ ପୋଟ୍ରେଟ୍ କୁହାଯାଉ) ଥିବା ନାରୀର ମୁହଁର ରେଖା ଓ ରଂଗରେ ଜୀବନର କ୍ଷଣ ଭଂଗୁରତା ଲକ୍ଷ୍ୟ କରିହୁଏ । ମାତ୍ର ଯୁଦ୍ଧ କରିବାର ଉପାୟ ନଥାଏ । ରୁଷ ବିପ୍ଳବ ବେଳେ ମଣିଷର ଆର୍ତ୍ତି ଆମେ ବିଭିନ୍ନ ପୁସ୍ତକରୁ ପଢୁ । ମାତ୍ର ବଦଳେଇ ଦେବାର ଫର୍ମୁଲା ନଥାଏ । ଟଲଷ୍ଟୟଙ୍କ 'ୱାର୍ ଏଣ୍ଡ ପିସ୍' ପରେ କ'ଣ ପୃଥିବୀରେ ଯୁଦ୍ଧ ହୋଇ ନାହିଁ । ମାହାତ୍ମାଗାନ୍ଧୀଙ୍କ ଅହିଂସା ଆନ୍ଦୋଳନ କ'ଣ ଆମ ଦେଶରୁ ରକ୍ତପାତ ବନ୍ଦ୍ କରି ପାରିଛି ? ସାହିତ୍ୟିକ କେବଳ ସମାଜର ପ୍ରତି ଛବି ତୋଳିଧରେ ତା' ଗଳ୍ପ ଉପନ୍ୟାସରେ ଅବା କାବ୍ୟ କବିତାରେ ।

■ **ତୁଳନାତ୍ମକ ଭାବେ ପୂର୍ବ ଅପେକ୍ଷା ଏବେ ଅଧିକ ସଂଖ୍ୟରେ ଗଳ୍ପ ଲେଖା ଯାଉଥିଲେ ମଧ୍ୟ, ସାଧାରଣ ପାଠକଙ୍କ ସଂଖ୍ୟା ସେହି ପରିମାଣରେ ସେ ବୃଦ୍ଧି ପାଉ ନଥିବା ଅଭିଯୋଗ ହୁଏ, ଏ ବାବଦରେ କଣ କହିବେ ? କଣ କଲେ ସେ ସମସ୍ୟାର ସମାଧାନ ହେବ ।**

■■ ମୋଟାମୋଟି କହିବାକୁ ଗଲେ ଏବେ ଯେତିକି ଲେଖକ ଓଡ଼ିଶାରେ ଅଛନ୍ତି, ପାଠକ ବି ସେତିକି ଅଛନ୍ତି । ଅନେକ ଲେଖକ ଅନ୍ୟ ଲେଖକଙ୍କୁ ପଢ଼ନ୍ତି ନାହିଁ । କିଛି ପାଠକ ଅବଶ୍ୟ ପଢ଼ନ୍ତି, ତେଣୁ ହିସାବ କିତାବ ସମାନ । ଅର୍ଥାତ୍ ଯେତିକି ଲେଖକ ସେତିକି ପାଠକ । ପୂର୍ବରୁ ମନୋରଞ୍ଜନର ମାଧ୍ୟମ କମ୍ ଥିଲା, ରେଡିଓ କିଂବା ଦୂରଦର୍ଶନ ଭଳି ଟିଭି ଚ୍ୟାନେଲକୁ ଛାଡ଼ିଦେଲେ, ଲୋକେ ସିନେମା ଦେଖିବାକୁ ଯାହା ଯାଉଥିଲେ । ଏବେ ସ୍ମାର୍ଟଫୋନରେ ସୋସିଆଲ ମିଡିଆ, ବ୍ଲଗର ଭ୍ଲଗର, ସିଲ୍, ୟୁଟ୍ୟୁବ, ଡିଜନି ହଟଷ୍ଟାର, ନେଟଫ୍ଲିକ୍ସ, ଗେମ୍ ସବୁ ପାପୁଲି ଭିତରେ ମିଳୁଛି । ମଣିଷ ତାର ଭାରାକ୍ରାନ୍ତ ମନକୁ ହାଲୁକା କରିବାକୁ ଏଇ ଯନ୍ତ୍ରଟିର ସାହାଯ୍ୟ ନେଉଛି । ତା'ଛଡ଼ା ପିଲାମାନେ ଆଉ ନିଜ ରାଜ୍ୟରେ ରହି ଚାକିରୀ ବାକିରୀ କରୁ ନାହାନ୍ତି । ପେଟ ପାଟଣା ପାଇଁ ବିଭିନ୍ନ ରାଜ୍ୟର ଘରୋଇ ସଂସ୍ଥାରେ ବାରରୁ ଚଉଦ ଘଣ୍ଟା କାମ କରିବା ପରେ ଲେଖାଲେଖି ଓ ପଢ଼ାପଢ଼ିରୁ ଦୂରେଇ ଯାଉଛନ୍ତି । ଆମ ସମୟରେ ଦଶ ବର୍ଷ ଧରି ପତ୍ରପତ୍ରିକାରେ ଲେଖିବା ପରେ ବହିଟିଏ ଛାପିବାକୁ ଭାବୁଥିଲୁ । ପ୍ରକାଶକଙ୍କ ପାଖରେ ତିନି ଚାରିବର୍ଷ ପଡ଼ି ରହି ବାହାରିଲା ବେଳକୁ ଦ୍ୱିତୀୟ ବହିଟି ପାଣ୍ଡୁଲିପି ରହିଯାଉଥିଲା । ଏବେ ଦଶଟି ଗପ ଲେଖିଥିବା ଲେଖକ, ଟଙ୍କା ଥିଲେ ମାସକ ଭିତରେ ବହିଟିଏ ବାହାର କରେଇ ପାରୁଛି । ତେଣୁ ଲେଖକଙ୍କ ସଂଖ୍ୟା ବଢ଼ି ଯାଇଛି । ଛୋଟ ବେଳରୁ ବିଭିନ୍ନ ସଚିତ୍ର ବହି ପଢ଼ିବାକୁ ଦେବା, ଗପ ଓ କୁନି କୁନି କବିତା ଶୁଣେଇଲେ ସାହିତ୍ୟ ପ୍ରତି ପିଲାଟିଏ ଆକୃଷ୍ଟ ହେଇ ପାରେ ବୋଲି ମୁଁ ଭାବୁଛି ।

■ **କୁହାଯାଉଛି ମାତୃଭାଷା ଏବେ ସଂକଟରେ, ଏଥିରୁ ମୁକ୍ତି ପାଇବାର ମାର୍ଗ, ସାହିତ୍ୟକୁ ଆଧାର କରି, କରାଯାଇ ପାରିବ କି ?**

■■ ଅଜ୍ଞେ ବହୁତେ ସବୁ ରାଜ୍ୟରେ ଭାଷା ସଂକଟ ଦେଖା ଦେଇଛି । ଇଂରାଜୀ ମାଧ୍ୟମରେ ଶିକ୍ଷା ରାଜ୍ୟ ବାହାରେ ଚାକିରୀ ଉପରେ ନିର୍ଭରଶୀଳତା ଓ ଇଲେକ୍ଟ୍ରୋନିକ୍ସ ମିଡିଆର ବହୁଳ ବ୍ୟବହାର ଫଳରେ ଅଧେ ଓଡ଼ିଆ ଅଧେ ହିନ୍ଦୀ ଓ ଆଉ ଅଧିକ ଇଂରାଜୀ ମିଶେଇ ଯୁବ ପିଢ଼ି କଥାବାର୍ତ୍ତା କରୁଛନ୍ତି । ତେଣୁ ଅନେକ ଓଡ଼ିଆ ଶବ୍ଦ ବିଲୁପ୍ତ ପ୍ରାୟ ହେଇ ଗଲାଣି । ଭାଷାକୁ ବଂଚେଇବା ପାଇଁ ସାହିତ୍ୟର ଭୂମିକା ପ୍ରମୁଖ, ତେବେ ପିଲାମାନେ ପଢ଼ିଲେ ତ । ଆମ ଭାଷା ପ୍ରତି ଆମର ପ୍ରଚଣ୍ଡ ଭଲ ପାଇବା ରହିବା ଉଚିତ । ଧରାଯାଉ ପଖାଳକୁ ପୂର୍ବରୁ ଗରିବର ଖାଦ୍ୟ ବୋଲି ଲୋକେ ଭାବୁଥିଲେ ଯେବେଠାରୁ ପଖାଳ ଦିବସ, ଷ୍ଟାର୍ ହୋଟେଲରେ ପଖାଳ, କିଂବା, ୟୁଟ୍ୟୁବରେ ପଖାଳର ପ୍ରଚାର ହେଲା, ତାର ଗୁରୁତ୍ୱ ଦେଶରେ ବଢ଼ିଲା । ଆମେ ଆମ ଭାଷାରେ ସବୁ ସ୍ଥାନରେ କଥା ହେଲେ ତାର ଗୁରୁତ୍ୱ ବଢ଼ିବ । ଏଇ ଯେମିତି ବଙ୍ଗଳାଭାଷା ଲୋକେ ଖୁବ୍ ସହଜରେ ଅନ୍ୟଭାଷା କୁହନ୍ତି ନାହିଁ, ବଙ୍ଗଳାରେ ହିଁ କଥା ହୁଅନ୍ତି, କିଂତୁ ଓଡ଼ିଆ ଲୋକ ଓଡ଼ିଶା ସୀମା ଡେଇଁଲେ ହିନ୍ଦିରେ, ତେଲୁଗୁରେ ଅବା ବଙ୍ଗଳାରେ କଥା କହିବା ଆରମ୍ଭ କରନ୍ତି । ମୋତେ ଲାଗେ ଓଡ଼ିଆ ଭାଷା ଏମିତି ଏକ ଭାଷା ଧୀରେ ଧୀରେ କହିଲେ ଅର୍ଦ୍ଧେକ ଭାରତ ନିଶ୍ଚୟ ବୁଝି ପାରିବେ । ପୁଣି ଥରେ କହି ରଖେ, ସାହିତ୍ୟରେ ହଜି ଯାଇଥିବା ଶବ୍ଦ, ଆଞ୍ଚଳିକ ଶବ୍ଦ ଆଦି ବ୍ୟବହାର କରି ଭାଷାକୁ ସୁଦୃଢ଼ କରିବା ଉଚିତ ।

■ **ସମାଜରେ ଯେଉଁ ଯେଉଁ ଅବ୍ୟବସ୍ଥା ଦେଖା ଯାଇଛି, ଲେଖକଟିଏ ଚାହିଁଲେ, ତା' ଲେଖାରେ ସେ ସବୁର ପରିବର୍ତ୍ତନ କରିପାରିବ ବୋଲି ଆପଣ କେତେ ଆଶାବାଦୀ ?**

■■ ଲେଖକଟିଏର ଚାହିଁବା ନ ଚାହିଁବାରେ କଣ ଅଛି । ସାହତ୍ୟ ସବୁବେଳେ ସମାଜକୁ ନେଇ ଓ ସମାଜ ପାଇଁ ଉଦ୍ଦିଷ୍ଟ । ମାତ୍ର ସମାଜକୁ ବଦଳେଇ ପାରିବ କି ନାହିଁ କହି ହେବନି । କେଉଁ କାଳରୁ ମାର୍କ୍ସିଷ୍ଟ ସାହିତ୍ୟ ଲେଖା ଗଲାଣି ଓଡ଼ିଶାରେ ବିଗତ ଶତାବ୍ଦୀର ତିରିଶ ଦଶକରୁ ଧରନ୍ତୁ, ସମାଜକୁ ବଦଳେଇ ପାରିଛେ କି । ଶୋଷଣ ପୂର୍ବବତ୍ ଚାଲିଛି । ଧନୀ ଗରିବର ପ୍ରଭେଦ ପୂର୍ବବତ୍ ରହିଛି । ମୁଁ ଜଣେ ନାରୀବାଦୀ ଭାବରେ ନାରୀର ଅଧିକାର ଓ ଅସ୍ତିତ୍ୱ ଭଳି ବିଷୟକୁ ନେଇ ମୁଁ ଗଳ୍ପ ଉପନ୍ୟାସ ପ୍ରବନ୍ଧ ଲେଖିଛି । କେତେ ବଦଳେଇ ପାରିଛି ସମାଜକୁ କହିଲେ ! ଛୁଞ୍ଚିମୂନ ସଦୃଶ ପରିବର୍ତ୍ତନ ଆସେ ଯାହା ତା ଯେ ଗପ ଉପନ୍ୟାସ ପଢ଼ି ନୁହଁ, ସିନେମା, ଥିଏଟର, ଟିଭି ସିରିଅଲ, ଶିକ୍ଷା, ସଂସ୍କାର ସବୁର ଭୂମିକା ରହିଥାଏ । ଆପଣ ସମାଜକୁ ବଦଳେଇବାକୁ ଚାହୁଁଛନ୍ତି କାହିଁକି ? ସମାଜରେ ପରିବର୍ତ୍ତନ ଆଣିବା ଏକ ସ୍ୱାଭାବିକ ପ୍ରକ୍ରିୟା । ସେହି ପ୍ରକ୍ରିୟାରେ ମଣିଷ ସବୁବେଳେ ନିଜକୁ ଖାପ ଖୁଏଇ ଚଳି ଆସିଛି ।

■ **ଗଳ୍ପ ତୁଳନାରେ ଉପନ୍ୟାସ ସଂଖ୍ୟା ବହୁତ କମ୍। ଏମିତି କାହିଁକି ? ଏଥିପାଇଁ ପ୍ରୋତ୍ସାହନ ନା ଭିତ୍ତିଭୂମିର ଅଭାବ ଦାୟୀ ବୋଲି ଆପଣ ମନେ କରନ୍ତି ?**

■■ ପ୍ରଥମ କଥା ଆମର ନିୟମିତ ପତ୍ରିକା ନାହିଁ କହିଲେ ଚଳେ । ଯାହା ନିୟମିତ ପ୍ରକାଶ ପାଉଛି ସେଥିରେ ଗଳ୍ପ କବିତା, ସିନେମା, ରାଶିଫଳ ଓ ଅନ୍ୟାନ୍ୟ ଅନେକ ବିଭାଗ ରହିଛି, ବୃହତ୍ତର ପାଠକ ମାନଙ୍କ ପାଇଁ । 'କଥା' ପତ୍ରିକାରେ ଧାରାବାହିକ ଉପନ୍ୟାସଟିଏ ମାନ ପ୍ରକାଶ ପାଏ ଯାହା । ପୂଜା ସମୟରେ ଯେତେ ଗୁଡ଼ିଏ ପତ୍ରିକା ପ୍ରକାଶ ପାଏ, ସେ ଭିତରୁ କିଛି ପତ୍ରିକାରେ ପୂର୍ଣ୍ଣାଙ୍ଗ ଉପନ୍ୟାସ ମାନ ଆସେ । କିନ୍ତୁ ତାହା ଯଥେଷ୍ଟ ନୁହେଁ । ଯେହେତୁ ଆମର ପାଠକ ସଂଖ୍ୟା କମ୍ ଓ ଉପନ୍ୟାସ ଟିଏ ଅଧିକ ପୃଷ୍ଠାର ହୋଇଥାଏ, ତେଣୁ ସଂପାଦକମାନେ ନିଜ ଖର୍ଚ୍ଚ ବଞ୍ଚେଇବା ପାଇଁ ଉପନ୍ୟାସ ପ୍ରତି ଆଗ୍ରହ ଦେଖାନ୍ତି ନାହିଁ । ମୋ ମତରେ ଗୁଡ଼ାଏ ଏଣୁ ତେଣୁ ଉପନ୍ୟାସ ବାହାରିବା ଅପେକ୍ଷା ଅଳ୍ପ ଗୁଣାତ୍ମକ ଉପନ୍ୟାସ ପ୍ରକାଶ ପାଇଲେ କିଛି କ୍ଷତି ନାହିଁ । ଅନ୍ୟ କଥାଟି ହେଲା ପଡ଼ୋଶୀ ରାଜ୍ୟରେ ଔପନ୍ୟାସିକକୁ ଉପନ୍ୟାସ ପାଇଁ ୨୫ରୁ ୩୦ ହଜାର ପର୍ଯ୍ୟନ୍ତ ପାରିତୋଷିକ ମିଳିଥାଏ । ମାତ୍ର ଆମ ସାହିତ୍ୟରେ ସେପରି ବ୍ୟବସ୍ଥା ଅଛି କି ? ନା ପ୍ରେରଣା ନା ପଇସା କିଛି ହିଁ ମିଳେନା ଯେତେବେଳେ, ଉପନ୍ୟାସ ଲେଖିବା ପାଇଁ ଲେଖକର ଆଗ୍ରହ କମିଯାଏ ।

■ **ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? ସାହିତ୍ୟ ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ ବୋଲି ଆପଣ କହିବେ ।**

■■ କର୍ମ କର, ଫଳକୁ ଆଶା ରଖନି ବୋଲି ଗୀତାରେ ଯେତେ କୁହାଯାଉ ପଛେ, ସାଧାରଣ ମଣିଷଟିଏ ସବୁବେଳେ ଫଳଟିଏକୁ ଆଶା ରଖିଥାଏ । ଯଦିଓ ପାଠକାଦୃତ ହେବା ତାର ସବୁଠୁ ବଡ଼ ପୁରସ୍କାର କିଛି ନାହିଁ । ତଥାପି ଆନୁଷ୍ଠାନିକ ପୁରସ୍କାର ଜଣକୁ ସର୍ବସାଧାରଣରେ ଗୋଟେ ବିଶେଷ ସ୍ୱୀକୃତି ଦେଇଥାଏ । ୟା ଅର୍ଥ ନୁହେଁ ପୁରସ୍କାର ପାଇ ନଥିବା ଲେଖକଟି ନିକୃଷ୍ଟ । ଟଲଷ୍ଟୟଙ୍କୁ ନୋବେଲ ପୁରସ୍କାର ମିଳିନି, ମାୟାଧର ମାନସିଂହ ସାହିତ୍ୟ ଏକାଡେମୀ ପାଇ ନାହାନ୍ତି, ଭୀମଭୋଇ କିମ୍ବା ଦୀନକୃଷ୍ଣ ଦାସ କୌଣସି ରାଜାନୁଗ୍ରହ ପାଇ ନଥିଲେ, ମହାକାଳ ତାଙ୍କୁ ଭୁଲିଲା କି ? ପୁରସ୍କାର ଗୋଟେ ପ୍ରକାର ପ୍ରେରଣା ହୋଇ ଥାଇପାରେ ମାତ୍ର ପୁରସ୍କାର ଲେଖାର ନିର୍ଣ୍ଣାୟକ ନୁହେଁ । କି ପ୍ରକାର ବାର୍ତ୍ତା ଦେଇ ପାରିବି ମୁଁ? ସାହିତ୍ୟ ଜୀବନକୁ ଆଶାବାଦରେ ଭରି ଦେଉ ଅବା ହୃଦୟରୁ ହୃଦୟକୁ ସଂଚରି ଯାଉ ମୁକ୍ତିର ସଂଗୀତ । ଚେତନାର ଉତ୍ତରଣ ହେଉ । ଯେତେ ସବୁ ଅନ୍ଧାର ଦୂର ହେଇ ଆଲୋକ ଶିଖାରେ ଆଲୋକିତ ହେଉ ମାନବ ଜୀବନ। ସର୍ବେ ଭବନ୍ତୁ ସୁଖୀନଃ, ସର୍ବେ ସନ୍ତୁ ନିରାମୟଃ.. ❤❤

## ■ ଅଳ୍ପରେ ସରୋଜିନୀ ସାହୁ



ନାମ: ସରୋଜିନୀ ସାହୁ
ପିତା : ୰ ଈଶ୍ୱର ଚନ୍ଦ୍ର ସାହୁ
ମାତା : ୰ ନଳିନୀ ଦେବୀ
ସ୍ୱାମୀ ୰ ଜଗଦୀଶ ମହାନ୍ତି
ଜନ୍ମ : ୦୪.୦୧.୧୯୫୬
ଜନ୍ମସ୍ଥାନ : ମୀନାବଜାର, ଢେଙ୍କାନାଳ
ପୁଅ : ଅନୁଭବ ସଂଜୟ ମହାନ୍ତି
ଝିଅ : ସମ୍ବେଦନା ଗୌତମୀ
(ମୋ) ୮୨୬୦୬୯୧୬୪୦

### ■ ପ୍ରକାଶିତ ପୁସ୍ତକ (ଗଳ୍ପ)

୧- ସୁଖର ମୁହାଁମୁହିଁ- ୧୯୮୧
୨- ନିଜ ଗହୀରରେ ନିଜେ- ୧୯୮୯
୩- ଅମୃତର ପ୍ରତୀକ୍ଷାରେ -୧୯୯୨
୪- ଚୌକାଠ-୧୯୯୪
୫- ତରଳି ଯାଉଥିବା ଦୁର୍ଗ- ୧୯୯୫
୬- ଦେଶାନ୍ତରୀ ୧୯୯୯
୭- ଦୁଃଖ ଅପ୍ରମିତ- ୨୦୦୬
୮- ସୃଜନୀ ସରୋଜିନୀ-୨୦୦୮
୯- ସବୁଜ ଉପତ୍ୟକା-୨୦୦୯
୧୦- ଲୁଚକାଳି- ୨୦୧୪
୧୧- ଆ'-୨୦୨୧
୧୨- ଜିଇଁ ରହିବା ବଡ ପାପହେ ୨୦୨୪

### ■ ଉପନ୍ୟାସ

୧- ଉପନିବେଶ- ୧୯୯୮
୨- ପତିବଳୀ-୧୯୯୯
୩- ସ୍ୱପ୍ନ ଖୋଜାଳିମାନେ- ୨୦୦୦
୪- ମହାଯାତ୍ରା-୨୦୦୧
୫- ଗମ୍ଭୀରୀଘର-୨୦୦୫
୬- ବିଷାଦ ଈଶ୍ୱରୀ -୨୦୦୬
୭- ପକ୍ଷୀବାସ-୨୦୦୭
୮- ଅସାମାଜିକ- ୨୦୦୮
୯- ଦାଦନ -୨୦୧୬
୧୦-ଅସ୍ଥିରପାଦ-୨୦୧୯

ପ୍ରବନ୍ଧ- The sensible sensuality-2010
ଅନୁବାଦ- କୁହୁଡି- ମୂଳଲେଖା : ଏମ୍.ଟି ବାସୁଦେବନୟାର ଜୀବନୀ- ଜଗଦାଶ ମହାନ୍ତି ଜଣେ ବେରହେମିଆନର କହାଣୀ-୨୦୨୨



ଦିବଂଗତ ସ୍ୱାମୀ ଜଗଦୀଶ ସାହୁଙ୍କ ସହ ସରୋଜିନୀ...



କଥାକାର ସରୋଜିନୀ ସାହୁଙ୍କର ସ୍ୱପ୍ନର ସଂସାର ......



ସ୍ମୃତି ଗୋଟେ ରୂପାକହ୍ନି...
ପିଲାଙ୍କ ପିଲାଦିନ ଓ କଥାକାର ଜଗଦୀଶଙ୍କ ସହ ଲେଖିକା..

# ପ୍ରଥମ ବିଦେଶ ଯାତ୍ରା

## ମୋ ଝର୍କାରୁ ଆମେରିକା...

ନନ୍ଦିତା ମହାନ୍ତି

ଭାଗ-୧୭



**ଝିଅ କହୁଥିଲା, ଜାଣିଛ ମାମା ଏଠାକାର ଲୋକମାନେ ଇଣ୍ଡିଆନ କଲର ବା ଭାରତୀୟ ସାବେନା ବା କଳା ରଙ୍ଗକୁ ଭାରି ପସନ୍ଦ କରନ୍ତି । ଦେଖୁନ କେମିତି କଳା ହେବା ପାଇଁ ଘଂଟା ଘଂଟା ଖରାରେ ବସୁଛନ୍ତି । କଳା ଲୋକଙ୍କର ଚର୍ମ ସୂର୍ଯ୍ୟକିରଣ ପ୍ରତି କମ୍ ସମ୍ବେଦନଶୀଳ ଯାହା ଆମକୁ ବିଭିନ୍ନ ଚର୍ମରୋଗରୁ ରକ୍ଷା କରେ । ଶୀତଦିନେ ଜନ୍ମ ହୋଇଥିବା ଛୁଆଙ୍କୁ ମାଆମାନେ ଅନେକ ସମୟ ଧରି ଖରାରେ ଶୁଆନ୍ତି ଯାହା ସୂର୍ଯ୍ୟକିରଣରୁ ସେମାନଙ୍କୁ ଭିଟାମିନ ଡି ସଂଗ୍ରହ କରିବାକୁ ସାହାଯ୍ୟ କରେ ।**

ବର୍ଷକ ଛଅ ମାସ ଥଣ୍ଡା ପଡୁଥିବା ନ୍ୟୁଜର୍ଶୀରେ ଗ୍ରୀଷ୍ମ ଏକ ମହୋତ୍ସବ ଠାରୁ କମ୍ ନୁହେଁ । ମୂଷା ବିଳରୁ ବାହାରିଲା ପରି ଘରେ ଘରେ ବନ୍ଦୀ ଜୀବନ ବିତଉଥିବା ଲୋକମାନେ ଏବେ ଖୋଲାଆକାଶ ମୁହାଁ । ଏବେ ସକାଳ ସାଢେ ପାଂଚରୁ ଛଅଟା ଭିତରେ ସୂର୍ଯ୍ୟ ଉଦୟ ହେଉଛନ୍ତି । ସୂର୍ଯ୍ୟ ଅବିର ରଙ୍ଗର ଓଢଣୀ ପକେଇ ନୂଆବୋହୂ ପରି ନଇଁ ନଇଁ ଆକାଶ ଅଗଣାରେ ପାଦ ଦେଲା ବେଳକୁ ମୁଁ ହାତରେ ବାମ୍ଫ ଉଠା ଚାହା କପେ ଧରି ବସିପଡେ ଯାଇ ମୋର ସେହି ଚିର ଇପ୍ସିତ ଝରକା କଡରେ । ଯେଉଁଠି ବସି ମୁଁ ଆମେରିକା ଦିହରୁ ପୃଷ୍ଠା ପରେ ପୃଷ୍ଠା ଓଲଟାଇ ତାକୁ ତନ୍ନ ତନ୍ନ କରି ପଢିବାକୁ ଚେଷ୍ଟା କରେ ।

ସାରା ରାତି ଅନ୍ଧାରରେ ବୁଡି ରହିଥିବା ଟ୍ୱିନ ଟାୱାର ଆପାର୍ଟମେଂଟ ଉପରୁ ପରଦା ଉଠେ । ଉଜଳି ଉଠେ ଚାରିପଟ । ଚିକ ଚିକ କରେ ଖରା । ଆରମ୍ଭ ହୁଏ ଚହଳପହଳ ଆପାର୍ଟମେଂଟ ବାହାରେ ଓ ଭିତରେ । ସକାଳୁଆ ଡ୍ୟୁଟିଥିବା ଲୋକମାନେ ଆପାର୍ଟମେଂଟ ଗେଟ ଦେଇ ପଦାକୁ ବାହାରନ୍ତି ଓ ନିଜ ନିଜର ଗାଡି ନେଇ ବାହାରି ଯାଆନ୍ତି କାମକୁ । କିଛି ଲୋକ ମର୍ନିଙ୍ଗ ୱାକରେ ବାହାରନ୍ତି । ଟ୍ୱିନ ଟାୱାର ଚାରିପଟେ ବୁଲିଥିବା ରାସ୍ତାରେ ବୁଲାବୁଲି କରନ୍ତି । ଯୁବକମାନେ ଦଉଡି ଦଉଡି ଚାଲୁଥିଲା ବେଳେ ବୟସ୍କମାନେ ଧୀରେ ଧୀରେ ଚାଲୁଥାନ୍ତି । ଜଣେ ଅପରକୁ ପାରି କଲା ବେଳେ ଅଭିବାଦନ ଜଣେଇ ହସି ଦେଉଥାନ୍ତି । ଏଠାରେ କାହାରି ସହିତ ସାମ୍ନାସାମ୍ନି ଆଖି ମିଶିଗଲେ ଲୋକମାନେ ପରିଚିତ ନ ହୋଇଥିଲେ ମଧ୍ୟ 'ଗୁଡ ମର୍ନିଙ୍ଗ' , 'ଗୁଡ ଇଭିନିଙ୍ଗ' କହି କିମ୍ବା କେବଳ ମୁଣ୍ଡ ହଲେଇ ଅଭିବାଦନ ଜଣାନ୍ତି ଯାହା ଆମ ଦେଶରେ ପ୍ରାୟତଃ ଦେଖାଯାଏ ନାହିଁ । ଅଜଣାଅଶୁଣା ଲୋକକୁ ଚାହିଁ ହସିବାଟାକୁ ଆମ ଦେଶରେ ଭଲ ଅର୍ଥରେ ନିଆ ଯାଏନାହିଁ । କିନ୍ତୁ ଏଠାରେ ହସର ପ୍ରତ୍ୟୁତ୍ତରରେ ନ ହସିବାଟା ଅଭଦ୍ରାମି । ମୋତେ ପ୍ରଥମେ ପ୍ରଥମେ ଭାରି ଅଡୁଆ ଲାଗୁଥିଲା ଏମିତି କେହି ମୋତେ ଦେଖି ହସିଲେ । ମୁଁ ମୁଣ୍ଡ ତଳକୁ କରି ଦେଉଥିଲି । ଚିହ୍ନା ନାହିଁ, ଜଣା ନାହିଁ ଏମିତି କେମିତି କାହାକୁ ଦେଖି ହସିବ ଯେ ! ହେଲେ ଝିଅ ଯେଉଁଦିନ ଏହି କଥାକୁ ନେଇ ମୋତେ ତାଗିଦ୍ କଲା ତାପର ଠାରୁ ମୁଁ କାହା ସହିତ ସାମ୍ନାସାମ୍ନି ହେଇଗଲେ ଟିକେ ମୁରୁକି ହସିଦିଏ ।

ଏବେ ଆମେରିକାରେ ଫୁଲର ଋତୁ । ଚାରିଆଡେ ରଙ୍ଗବେରଙ୍ଗ ଫୁଲର ସମ୍ଭାର । ରାସ୍ତାର ଦୁଇକଡରେ ବଡ ବଡ ପ୍ଲାଷ୍ଟିକ ଗାମଲାରେ ଭିନ୍ନ ଭିନ୍ନ ରଙ୍ଗ ଓ ପ୍ରକାରର ଫୁଲର ପଟୁଆର । ଗାମଲାର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ଗୋଟିଏ ଗମଲାରେ ଗୋଟିଏ କିସମର ଫୁଲ ନ ଲଗେଇ ଏଠାରେ ଅତି କମରେ ପାଂଚ/ଛଅ କିସମ ଓ ରଙ୍ଗର ଗଛ ଲାଗିଥାଏ । ଯେପରି ଗୋଟିଏ ରଙ୍ଗ ଆଉ ଗୋଟିଏ ରଙ୍ଗର ପରିପୂରକ ହୋଇଥିବ । ରାସ୍ତାକଡରେ ଥିବା ଲ୍ୟାମ୍ପ ପୋଷ୍ଟରେ ମଧ୍ୟ ଫୁଲଭର୍ତ୍ତି ହ୍ୟାଙ୍ଗିଙ୍ଗ ପଟ ଝୁଲୁଥାଏ । ଛକ ସ୍ଥାନମାନଙ୍କରେ ଲ୍ୟାଣ୍ଡସ୍କାପିଙ୍ଗ କରାଯାଇ ଲଗା ଯାଇଥାଏ କିଆରି କିଆରି ଫୁଲ। ସେମାନଙ୍କ ମଧ୍ୟରୁ କିଛି ଫୁଲ ମୋର ପରିଚିତ ଯେମିତିକି ଭିନ୍ନ ଭିନ୍ନ ରଙ୍ଗର ସଦାବିହାରୀ, କେଳିକୁସୁମ, କସମସ, ଜିନିଆ, ପିଟୁନିଆ ଇତ୍ୟାଦି । ଆଉ କିଛି ଯେମିତି ଇମ୍ପେସେନ୍ସ, ଜେରନିଅମ, କର୍ନଫ୍ଲାୱାର ଇତ୍ୟାଦି ଯାହା ମୋ ପାଇଁ ଥିଲା ସଂପୂର୍ଣ୍ଣ ନୂଆ। ନ୍ୟୁଜର୍ଶୀରେ ସବୁଠାରୁ ଅଧିକ ପରିମାଣ ଫୁଟୁଥିବା ଫୁଲ ହେଉଛି 'ଦି ଭାଓଲେଟ' , ଯାହା ସେହି ରାଜ୍ୟର ରାଷ୍ଟ୍ରୀୟ ପୁଷ୍ପ ମଧ୍ୟ । ଏହି ସମୟରେ 'ଦି ଭାଓଲେଟ' ଫୁଲ ନ୍ୟୁଜର୍ଶୀର ଅଧିକାଂଶ ଖୋଲା ପଡିଆ, ଚାଷଜମି, ରାସ୍ତାଧାରରେ ଫୁଟି ଥିବାର ଦେଖାଯାଏ । ଆଉ



ମୋତେ ଯାହା ସବୁଠାରୁ ଭଲ ଲାଗିଲା ତାହା ହେଉଛି ୱାଇଲ୍ଡ ବା ଦେଶୀ ଗୋଲାପ । ଏଠାରେ ଏହି ୱାଇଲ୍ଡ ଗୋଲାପର ବଡ ବଡ ବୁଦା ଚାରିଆଡେ ଦେଖାଯାଏ, ଯେଉଁଥିରେ ଶହ ଶହ ଗୋଲାପ ଫୁଟିଥାଏ । ଏହି ଗଛଗୁଡିକର ଦେଖାଶୁଣା କରିବାର ଦାୟିତ୍ୱ ଥାଏ ପାର୍କ ଏଣ୍ଡ ଫରେଷ୍ଟ୍ରି ଓ ଫିସ ଏଣ୍ଡ ୱାଇଲ୍ଡଲାଇଫ ବିଭାଗ ହାତରେ ।

ମୁଁ ମୋର ପ୍ରିୟ 'ଝରକା' ନିକଟରେ ବସିଥିବା ଭିତରେ ଦୁଇଥର ଚାହା ପିଇ ସାରିଥାଏ । ଏଇ କିଛି ଦିନ ହେବ ମୁଁ ଲକ୍ଷ୍ୟ କରୁଛି ସ୍ତ୍ରୀଲୋକଟିଏ ସବୁ ଦିନ ସକାଳ ଆଠଟା ହେଲେ ଗୋଟିଏ କୁନି ଛୁଆକୁ ଷ୍ଟ୍ରୋଲରରେ ନେଇ ଆସୁଛି ଟ୍ୱିନ ଟାୱାରର ବଗିଚାକୁ । ଛୁଆଟିର ବୟସ କେତେ ହେବ , ଏଇ ପାଂଚ/ ଛଅ ମାସ । ବୋଧହୁଏ ଏଇ ଶୀତରେ ଜନ୍ମ ହୋଇଥିବ ସିଏ । ଗୋଟିଏ ଖରା ପଡୁଥିବା ସ୍ଥାନରେ ଷ୍ଟ୍ରୋଲରକୁ ରଖି ଦେଇ ସ୍ତ୍ରୀଲୋକଟି ଷ୍ଟ୍ରୋଲରର ହୁଡକୁ ଖୋଲିଦିଏ ଯେମିତି ପୁରା ଖରା ପଡିବ ତା ଉପରେ । ତାପରେ ସିଏ ଯାଇ ବସିପଡେ ବେଂଚରେ । ବସି ବସି ବହି ପଢେ । ମଝିରେ ମଝିରେ ଉଠି ଆସି ଛୁଆକୁ ଟିକେ ଗେଲ କରେ। ଫିଡିଙ୍ଗ ବୋତଲ ତା ମୁହଁରେ ଦିଏ । ପୁଣି ଯାଇ ବସିପଡେ ପଢିବାକୁ । ଖରା ଆସି ମୁଣ୍ଡ ଉପରେ ପହଂଚିଲେ ସିଏ ଛୁଆକୁ ନେଇ ଚାଲିଯାଏ ବିଲଡିଙ୍ଗ ଭିତରକୁ । ପ୍ରତିଦିନ ତାକୁ ଦେଖି ଦେଖି ମୋତେ ବ୍ୟସ୍ତ ଲାଗୁଥିଲା । ଏତେ ଟାଣ ଖରାରେ କିଏ ଛୁଆକୁ ଶୁଆଏ ଯେ !

ମୋର ମନେ ପଡୁଥିଲା ମୋ ଝିଅ ଜନ୍ମ ବେଳର କଥା । ଝିଅ ଜନ୍ମ ବେଳକୁ ମୁଁ ମାଆଙ୍କ ଘରେ ଥିଲି । ମୋର ଆଇ , ଯାହାଙ୍କୁ ମୁଁ ଦିଦିମା ବୋଲି ଡାକୁଥିଲି ସିଏ ମଧ୍ୟ ଆସିକି ଥିଲେ ସେଠାରେ । ମୋତେ ସାଦ ଦେବାକୁ ଆସି ରହି ଯାଇଥିଲେ ଝିଅ ଜନ୍ମ ହେବା ଯାଏଁ । ସବୁଦିନ ମୋ ପସନ୍ଦର କିଛି ନା କିଛି ତିଆରି କରି ଖୁଆଉଥିଲେ ମୋତେ । ଆଉ ତାଙ୍କ ହତରନ୍ଧା ଯାହା ମୋର ସବୁଠାରୁ ପ୍ରିୟ ଥିଲା ତାହା ହେଇଛି ଚାଉଳ ରୁଟି ସହିତ ଖାସିମାଂସ ତରକାରୀ । ଦିଦିମା ମାତ୍ର ତେଇଶ ବର୍ଷ ବୟସରେ ବିଧବା ହୋଇ ଯାଇଥିଲେ । ସିଏ ପିନ୍ଧୁଥିଲେ ଫିନ ଫିନ ଧଳା ଧୋତି ଯେଉଁଥିରେ ପତଳା କଳା ରଙ୍ଗର ବର୍ଡର ରହୁଥିଲା । ବୟସର ଭାରରେ ଦିଦିମାଆଙ୍କ ଅଂଟା ନଇଁ ଯାଇଥିଲେ ବି ସିଏ ମାନସିକ ସ୍ତରରେ ଭାରି ଶକ୍ତ ଥିଲେ । ଝିଅ ଜନ୍ମ ହେଲା ପରେ, ପ୍ରତିଦିନ ସକାଳେ ଖରା ଟିକେ ଟାଣ ହେଲେ ସିଏ ତଳେ ଗୋଡ ଲମ୍ବେଇ ବସି ଯାଉଥିଲେ । ପିନ୍ଧା ଧୋତିକୁ ଆଣ୍ଠୁ ପର୍ଯ୍ୟନ୍ତ ମୋଡି ଦେଇ, ନଳୀ ଗୋଡ ଉପରେ ଝିଅକୁ ଶୁଆଇ ତା ଦେହରେ ଫୁଟା ସୋରିଷତେଲ ଘଷୁଥିଲେ । ହାତଗୋଡକୁ ମୋଡି, ଛନ୍ଦି ବ୍ୟାୟାମ କରାଉଥିଲେ । ମୁଁ ଭୟରେ ହାଁ, ହାଁ କରୁଥିଲି । ହାଡ ଭାଙ୍ଗିଯିବ କହି । ସିଏ କିଛି ହେବନି କହି ମୁରୁକି ହସୁଥିଲେ । ଘଷାମୋଡା ସରିଲା ପରେ ତଳେ ସଉପ ପାରି ତା ଉପରେ ଗୋଟେ ପତଳା ଲୁଗାକୁ ଚାରି ଚଉତା କରି ପକେଇ ଝିଅକୁ ତା ଉପରେ ଗଡେଇ ଦେଉଥିଲେ ଟାଣ ଖରାରେ । ଆଉ କହୁଥିଲେ, ଏମିତି ଖରାରେ ପଡିଲେ ତୋ ଝିଅର ହାଡଗୋଡ ଶକ୍ତ ହେବ, ବୁଝିଲୁ ।

ମୁଁ କିନ୍ତୁ ଜମା ବୁଝୁ ନ ଥିଲି ଏକଥା । ମୋର ଭୟ ଥିଲା, ଖରାରେ ପଡି ମୋ ଝିଅ କାଳେ କଳା ପଡିଯିବ । ତାକୁ ଟେକି ନେଇ ଦଉଡୁଥିଲି ମୁଁ ଘର ଭିତରକୁ ।

'ଝିଅଟି କଳା' , ଝିଅଟିର ଗଢଣ ଭଲ ଯେ ହେଲେ ରଙ୍ଗ ଟିକେ ନିରସ' କିମ୍ବା 'ଝିଅଟି ସାବନା'.... କାଳି ଝିଅ ପାଇଁ ବ୍ୟବହାର ହେଉଥିବା ଏଇ ସବୁ ନାମ ଫଳକକୁ ଛାତିରେ ଝୁଲେଇ ବୁଲିବାର କଷ୍ଟ ଠିକ୍ ଜାଣେ କାଳୀ ଝିଅ । ଘରମାନଙ୍କରେ ସେପରି ଭେଦଭାବ ନ ଥିଲେ ବି ଆଖପାଖ, ଅଡ଼ୋଶୀପଡୋଶୀଙ୍କର ହାବଭାବ, କଥାବାର୍ତ୍ତାରେ ଏହା ଜଳ ଜଳ ହୋଇ ଦିଶେ । ଯେମିତି 'କଳା ଚମ' ନେଇ ଜନ୍ମ ହେବା ଏକ ବିରାଟ ବଡ ପାପ । ପଡୋଶୀରେ ରହୁଥିବା ମାଉସୀ ଯେତେବେଳେ ମାଆଙ୍କ ଆଗରେ କୁହନ୍ତି,ପୁଅ ପାଇଁ ଝିଅ ଦେଖିବାକୁ ଯାଇଥିଲି ଯେ, ସବୁ ଭଲ ହେଲେ ଝିଅର ରଙ୍ଗ କଳା ।' କାଳି ବିଲେଇ'କୁ କିଏ ବୋହୂ କରିବ ଲୋ ମାଆ । ପିଲା ସବୁ ପେଚା ପରି ହେବେ । କାହିଁକି କେଜାଣି ଏକଥା, ଏବେ ଏବେ କୈଶୋରର ଦହଲିଜ ଛୁଇଁଥିବା କାଳୀ ଝିଅ ଦେହରେ କଂଟା ପରି ଫୋଡି ହୋଇଯାଏ । ଆଉ ଶୁଣୁଥିବା ଲୋକଟିର ପ୍ରତିବାଦ ନ କରିବା ଆହୁରି କଷ୍ଟ ଦିଏ ତାକୁ । ପର୍ବପର୍ବାଣି ପାଇଁ ପୋଷାକ କିଣିବାକୁ ଗଲା ବେଳେ



ଦେଖାଯାଏ, କଳା ଦେହକୁ ପୋଷାକର ରଙ୍ଗ ମାନିବ କି ନାହିଁ । ଶୁଣିବାକୁ ପଡେ ଏ ରଙ୍ଗ ତାକୁ ମାନିବନି, ଟିକେ ଫିକା ରଙ୍ଗ ଦେଖି କିଣ ଇତ୍ୟାଦି ଇତ୍ୟାଦି । ଯୌବନରେ ପାଦ ଦେଲା ବେଳକୁ ମାଉସୀ, ଖୁଡୀ, ମାଇଁ ଉପଦେଶ ଦିଅନ୍ତି, ମୁହଁରେ ଫେୟାର ଏଣ୍ଡ ଲଭଲି ମାରେ, କଂଚା ହଳଦୀ ସହିତ ମୁଲତାନି ମାଟି ମିଶେଇ ଲଗା, ଟାଣ ଖରାରେ ବୁଲାବୁଲି କରେନା ଏମିତି କେତେ କଣ ଆଦେଶ, ଉପଦେଶର ସୁଅ ଛୁଟେ ତା ପାଇଁ । ଏଇ ସବୁ କଥା ନହସରେ ତାକୁ ବାରମ୍ବାର ଚେତେଇ ଦିଆ ଯାଉଥାଏ ଯେ, ତୁ ପାଠପଢା, ଆଚାର ବ୍ୟବହାର ସବୁଥିରେ ଭଲ ହେଲେ କଣ ହେଲା ବିବାହ ବଜାରରେ ତୁ ନିଉନ । 'କାଳୀ ଝିଅ' ର ଚମତଳେ ଯେ ମନ ଓ ହୃଦୟ ବୋଲି ଚିଜଟିଏ ଅଛି ସେକଥା ଆମ ସମାଜର ଅନେକ ଭୁଲିଯାଆନ୍ତି ବୋଧହୁଏ । ତାକୁ ଏମିତି ଏକ ନିକିତିରେ ରଖି ତଉଲନ୍ତି ଯାହାର ହେବା ନ ହେବାରେ ତାର କିଛି ହାତ ନଥାଏ । ବାହାଘର ପରେ ବି ଶୁଣିବାକୁ ପଡେ, ପୁଅ ହଁ ମାରିଲା ବୋଲି ବାହାଘର ହେଲା ନା, ନହେଲେ କାଳୀ ଝିଅକୁ ବୋହୁ କରିବାର ଇଚ୍ଛା ମୋର ନ ଥିଲା । ଏମିତିକି ଶିକ୍ଷା କ୍ଷେତ୍ରରେ ଥିବା ଜଣାଶୁଣା ବୁଦ୍ଧିଜୀବୀ ମଧ୍ୟ ଏକଥା କହିବାକୁ ଭୁଲନ୍ତିନି ଯେ , ଶେଷରେ କାଳି ଝିଅକୁ ବାହା ହେଲୁ, ପିଲାମାନେ ସବୁ କଳା ହେବେ । ଏସବୁ ଥିଲା ଜୀବନର ଯନ୍ତ୍ରଣାଦାୟକ ଅନୁଭୂତି । ଯାହା କାଳୀ ଝିଅକୁ ମାନି ନେବାକୁ ବାଧ୍ୟ କରିଥିଲା ଯେ କଳା ହୋଇ ଜନ୍ମ ହେବା ଏକ ପାପ । ଯେଉଁ ପାପର ଜ୍ୱଳନରେ ଜଳୁଛି ସିଏ ସାରା ଜୀବନ। ଆଉ ଏବେ ସିଏ ମାଆ ହେଇ ନିଜ ଝିଅ ପାଇଁ ସେମିତି ଭବିଷ୍ୟତଟେ କେମିତି ଚାହିଁବ ଯେ !

ଝିଅ ପେଟରେ ରହିବା ଦିନରୁ କେତେ ପ୍ରକାର ଆକଟ, ଯଦିଓ ସନ୍ତାନ ପୁଅ କି ଝିଅ ସେତେବେଳେ ଜଣା ନ ଥିଲା । ପ୍ରଚୁର ଦହି ଖାଇଲେ, ପଇଡ ପାଣି ପିଇଲେ, କଞ୍ଚା କ୍ଷୀରରେ କେଶର ପକେଇ ଖାଇଲେ ଛୁଆର ରଙ୍ଗ ଗୋରା ହେବ । ସେତେବେଳେ କ୍ଷୀର, ଦହି ପ୍ରତି ପ୍ରଚୁର ଅସୂୟା ଥିଲେ ବି ଆଖିକାନ ବୁଜି ସବୁ ଖାଉଥିଲି କାରଣ ଚାହୁଁଥିଲି ଆସୁଥିବା ସନ୍ତାନଟି ମୋର ଭାଗ୍ୟ ନେଇ ଜନ୍ମ ନ ହେଉ । ଆମ ଦେଶର ଭୌଗଳିକ ଅବସ୍ଥିତି ଯେ ଆମ ଚର୍ମର ରଙ୍ଗ ପାଇଁ ଦାୟୀ ଏକଥା ଆମେ ବୋଧହୁଏ ଭୁଲିଯାଉ ।

ସମୟ ଅନେକ ବଦଳିଛି । ତା ସହିତ ବଦଳିଛି ମଣିଷର ମାନସିକତା । ହେଲେ ଏବେ ବି କେଉଁଠି ନା କେଉଁଠି, ହୃଦୟର କେଉଁ କୋଣରେ ଚାପି ହୋଇରହିଛି ଏକ ଅଦେଖା ଭୟ। ନାକଚ ହେବାର, ଅଲୋଡା ହେବାର ଓ ଆଲୋଚିତ ହେବାର । ଯାହା ବେଳେ ବେଳେ ନିରୋଳା ଦେଖି ଦାନ୍ତଆଖି ଦେଖେଇ ଡରାଏ ମଣିଷକୁ ।

ଝିଅର ଡାକରେ ମୁଁ ବର୍ତ୍ତମାନକୁ ଫେରିଲି । ଝିଅ କହୁଥିଲା, ଜାଣିଛ ମାମା ଏଠାକାର ଲୋକମାନେ ଇଣ୍ଡିଆନ କଲର ବା ଭାରତୀୟ ସାବେନା ବା କଳା ରଙ୍ଗକୁ ଭାରି ପସନ୍ଦ କରନ୍ତି । ଦେଖୁନ କେମିତି କଳା ହେବା ପାଇଁ ଘଂଟା ଘଂଟା ଖରାରେ ବସୁଛନ୍ତି । କଳା ଲୋକଙ୍କର ଚର୍ମ ସୂର୍ଯ୍ୟକିରଣ ପ୍ରତି କମ୍ ସମ୍ବେଦନଶୀଳ ଯାହା ଆମକୁ ବିଭିନ୍ନ ଚର୍ମରୋଗରୁ ରକ୍ଷା କରେ । ଶୀତଦିନେ ଜନ୍ମ ହୋଇଥିବା ଛୁଆଙ୍କୁ ମାଆମାନେ ଅନେକ ସମୟ ଧରି ଖରାରେ ଶୁଆନ୍ତି ଯାହା ସୂର୍ଯ୍ୟକିରଣରୁ ସେମାନଙ୍କୁ ଭିଟାମିନ ଡି ସଂଗ୍ରହ କରିବାକୁ ସାହାଯ୍ୟ କରେ । ସେମାନଙ୍କର ହାଡ ଓ ମାଂସପେଶୀକୁ ଶକ୍ତ କରେ । ସେଇ ଦୃଷ୍ଟିରୁ ଆମେ ଭାରତୀୟମାନେ ଭାରି ଭାଗ୍ୟବାନ, ବୁଝିଲ ।

ହେଁ, ସତରେ ନା କଣ ! ମୋ ଚେହେରାରେ ଝୁଲୁଥିଲା ଏକ ବଡ ପ୍ରଶ୍ନବାଚୀ । ହେଲେ କାହାକୁ ଜାଣିବାକୁ ନ ଦେଇ ସେଇ ପ୍ରଶ୍ନବାଚୀକୁ ଓହ୍ଲେଇ ଆଣି ମୁଁ ଲୁଚେଇ ଦେଲି ହୃଦୟର ଏକ ଅଦେଖା କୋଣରେ ।

ମୁରୁକି ହସି କହିଲି, ଆମେ ସତରେ ଭାରି ଭାଗ୍ୟବାନ ...

(ଆରଥରକୁ)

♥ ମଧୁସୂଦନ ନଗର ପୋଷ୍ଟ ଅଫିସ, ଭୁବନେଶ୍ୱର- ୭୫୧୦୨୨
(ମୋ) ୮୨୪୯୪୩୭୨୭୬

# ଓଡ଼ିଆ ରଙ୍ଗମଂଚରେ ସଫଳ ନାଟ୍ୟକାର ପଦ୍ମଶ୍ରୀ ଗୋପାଳ ଛୋଟରାୟ



ଡ. ଅମୂଲ୍ୟ କୁମାର ପଣ୍ଡା

**ଓଡ଼ିଆ ଗୀତିନାଟ୍ୟକୁ ନୂଆ ଜୀବନ ଦେଇଥିଲେ ଛୋଟରାୟ ଓ ସେ ଶ୍ରୀଗଣେଶ, ମହିଷମର୍ଦ୍ଦିନୀ, ଜନ୍ମାଷ୍ଟମୀ, ଶ୍ରୀଜଗନ୍ନାଥ, କପଟପାଶା, ଘରବର ଦେଖା, ନ ପାହୁ ରାତି ନ ମରୁ ପତି, ଶ୍ରୀମତୀ ସମାର୍ଜନୀ, ଶ୍ରୀହରିଙ୍କ ସଂସାର, ପୂରାପୂରି ପାରିବାରିକ, ବିଭ୍ରାଟ, ଡାକ୍ତର ବାବୁ ଆଦି ନାଟକ ଓ ଗୀତିନାଟ୍ୟ ଲେଖିଥିଲେ, ଯାହା ଆଜି ମଧ୍ୟ ଲୋକାଦୃତ।**



ଗୋପାଳ ଛୋଟରାୟ ଆଧୁନିକ ଓଡ଼ିଆ ରଙ୍ଗମଞ୍ଚର ଜଣେ ମୁଖ୍ୟ ସ୍ଥପତି ଭାବରେ ଗଣନା କରାଯାଏ। ଓଡ଼ିଆ ନାଟକର କଥାବସ୍ତୁ ଓ ଗଠନରୀତିର ଅଧ୍ୟୟନରେ ସେ ଏକ ଉଲ୍ଲେଖଯୋଗ୍ୟ ପରିବର୍ତ୍ତନ ଆଣିଥିଲେ। ୧୯୧୬ ମସିହା ଏପ୍ରିଲ ୨୦ ତାରିଖ ଜଗତସିଂହପୁର ଜିଲ୍ଲାର ପୁରାଣଗଡ଼ରେ ଗୋପାଳ ଛୋଟରାୟ ଜନ୍ମଗ୍ରହଣ କରିଥିଲେ, ତେବେ ସେ ତାଙ୍କ ପୂରା ଜୀବନ କଟକରେ ଅତିବାହିତ କରିଥିଲେ । ପିଲାବେଳୁ ସେ ବିଭିନ୍ନ ପ୍ରକାର ବହି ପଢୁଥିଲେ ଓ ପାଲା, ନାଟକ, ଯାତ୍ରା ଆଦିରେ ଅଧିକ ରୁଚି ରଖୁଥିଲେ। ପ୍ରଥମେ ଦଶମ ଶ୍ରେଣୀରେ ପଢୁଥିବା ବେଳେ 'ମାମୁ ମାଇଁ ଫାର୍ସ' ନାଟକରେ ସେ ଅଭିନୟ କରିଥିଲେ। ଘରର ଆର୍ଥିକ ଅବସ୍ଥା ଭଲ ନଥିବାରୁ ଉଚ୍ଚଶିକ୍ଷାରେ ଆଗ୍ରହ ଥାଇ ମଧ୍ୟ ଗୋପାଳ ଛୋଟରାୟ କଟକରେ ଏକ ସଂସ୍ଥାରେ କିରାଣୀ ଭାବେ ଚାକିରି କରିଥିଲେ । ଆଠ ବର୍ଷ ଚାକିରି କରିବା ପରେ ହଠାତ ସମ୍ବଲପୁର ଆସି ରାଜବୋଡ଼ାସମ୍ବର ଓ ପଦ୍ମପୁରରେ ରହିଥିଲେ ଓ ସେଠାରେ ନାଟକ ଲେଖିବା ଆରମ୍ଭ କରିଥିଲେ । ତାଙ୍କ ନାଟକରେ ଏତେ ପ୍ରଭାବ ଥିଲା ଯେ, କଟକର ଅନ୍ନପୂର୍ଣ୍ଣା-ଏ ଓ ବିରେ ତାଙ୍କ ଲିଖିତ ନାଟକ ପରିବେଷଣ କରାଯାଉଥିଲା ଓ ଲୋକଙ୍କୁ ଖୁବ୍ ଆକର୍ଷିତ କରୁଥିଲା । ତିନି ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ତାଙ୍କ ନାଟକ ଓଡ଼ିଶାର ଅଧିକାଂଶ ରଙ୍ଗମଞ୍ଚ ଗୁଡ଼ିକର ପ୍ରମୁଖ ଆକର୍ଷଣ ସାଜିଥିଲା । ୧୯୪୮ ମସିହାରେ କଟକର ଆକାଶବାଣୀ କେନ୍ଦ୍ର ଆରମ୍ଭ ହେବା ପରଠାରୁ ସେ ସେଠାରେ ଜଡିତ ଥିଲେ ।

୧୯୪୬ ମସିହାର 'ଫେରିଆ'ଠାରୁ ଆରମ୍ଭ କରି ୧୫ରୁ ଅଧିକ ମୌଳିକ ନାଟକ ଏବଂ କିଛି ପ୍ରସିଦ୍ଧ ଓଡ଼ିଆ ଉପନ୍ୟାସକୁ ଆଧାର କରି ୮ଟି ନାଟକ ଲେଖିଥିଲେ। ସେଥିମଧ୍ୟରୁ ଅଧିକାଂଶ ସଫଳତାର ସହିତ ରଙ୍ଗମଂଚରେ ଅଭିନୀତ ହୋଇସାରିଛି। ସମୟ ଥିଲା, ଯେତେବେଳେ କଟକର ଦୁଇଟିଯାକ ପେଶାଦାର ରଙ୍ଗମଂଚରେ ଏକସମୟରେ ପ୍ରତ୍ୟେକ ଦିନ ତାଙ୍କର ନାଟକ ହିଁ ଅଭିନୀତ ହେଉଥିଲା। ଏହି ଭାବରେ ପ୍ରାୟ ତିନି ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଗୋପାଳ ଛୋଟରାୟ ଓଡ଼ିଶାର ପେଶାଦାର ରଙ୍ଗମଂଚଗୁଡ଼ିକ ଉପରେ ପ୍ରଭାବ ବିସ୍ତାର କରିଥିଲେ। ୧୯୪୮ ମସିହାରେ କଟକରେ ଆକାଶବାଣୀ କେନ୍ଦ୍ର ଆରମ୍ଭ ହେଲା ଏବଂ ଗୋପାଳ ଛୋଟରାୟ ସେହି ସମୟରୁ ହିଁ ତା ସହିତ ଯୋଡ଼ା ହୋଇଗଲେ। ଆକାଶବାଣୀରେ କାମ କରୁଥିଲା ସମୟରେ ଗୋପାଳ ଛୋଟରାୟ ଗ୍ରାମୀଣ ନାଟକ ବା ଗୀତିନାଟ୍ୟର ପୁନରୁତ୍ଥାନ କରି ଓଡ଼ିଆ ସଙ୍ଗୀତର ପରମ୍ପରାକୁ ଅନନ୍ୟ ଅବଦାନ ଦେଇଯାଇଛନ୍ତି। ତାଙ୍କ ନିଜ କାମର ପ୍ରାୟ ୨୦ଟି ଏଲ୍ପି ରେକର୍ଡ ଓ କ୍ୟାସେଟ୍ ପ୍ରସ୍ତୁତ ହୋଇଛି। ତା ଭିତରୁ ସବୁଠାରୁ ଲୋକପ୍ରିୟ ହେଉଛି ଫକୀରମୋହନ ସେନାପତିଙ୍କର କ୍ଷୁଦ୍ରଗଳ୍ପ 'ପେଟେଣ୍ଟ୍ ମେଡିସିନ୍'ର ନାଟ୍ୟରୂପ 'ଶ୍ରୀମତୀ ସମାର୍ଜ୍ଜନୀ'। ରାଜ୍ୟ ଦୂରଦର୍ଶନ ପାଇଁ ସେ ପ୍ରାୟ ୧୦୦ ଟି ନାଟକ ଓ ଫିଚର୍ ଲେଖିଛନ୍ତି। ସେଥିମଧ୍ୟରେ ଅନେକଗୁଡ଼ିଏ ଧାରାବାହିକ ଓ 'ଦେବୀ ଦୁର୍ଗା' ନାମକ ଏକ ସ୍ମରଣୀୟ ପୌରାଣିକ କାହାଣୀ ମଧ୍ୟ ରହିଥିଲା। ଓଡ଼ିଆ ନାଟ୍ୟଜଗତକୁ ଗୋପାଳ ଛୋଟରାୟଙ୍କ ଅବଦାନ ଅବିସ୍ମରଣୀୟ ହୋଇ ରହିବ।

ଓଡ଼ିଆ ଗୀତିନାଟ୍ୟକୁ ନୂଆ ଜୀବନ ଦେଇଥିଲେ ଛୋଟରାୟ ଓ ସେ ଶ୍ରୀଗଣେଶ, ମହିଷମର୍ଦ୍ଦିନୀ, ଜନ୍ମାଷ୍ଟମୀ, ଶ୍ରୀଜଗନ୍ନାଥ, କପଟପାଶା, ଘରବର ଦେଖା, ନ ପାହୁ ରାତି ନ ମରୁ ପତି, ଶ୍ରୀମତୀ ସମାର୍ଜନୀ, ଶ୍ରୀହରିଙ୍କ ସଂସାର, ପୂରାପୂରି ପାରିବାରିକ, ବିଭ୍ରାଟ, ଡାକ୍ତର ବାବୁ ଆଦି ନାଟକ ଓ ଗୀତିନାଟ୍ୟ ଲେଖିଥିଲେ, ଯାହା ଆଜି ମଧ୍ୟ ଲୋକାଦୃତ। ଦୂରଦର୍ଶନ ପାଇଁ ସେ ପ୍ରାୟ ୧୦୦ଟି ନାଟକ ଓ ଫିଚର୍ ଲେଖିଥିବାବେଳେ ଅନେକ ଧାରାବାହିକ ଓ 'ଦେବୀ ଦୁର୍ଗା' ନାମକ ଏକ ସ୍ମରଣୀୟ ପୌରାଣିକ କାହାଣୀ ରଚନା କରିଥିଲେ। ତାଙ୍କ ରଚିତ ନାଟକ ଅନେକ ମଞ୍ଚ, ବେତାର, ଅପେରା, ଚିତ୍ରନାଟ୍ୟର କାହାଣୀ ହିନ୍ଦୀ, ଇଂରାଜୀ ଓ ତେଲୁଗୁରେ ଅନୁବାଦ ହୋଇଛି । ୧୯୪୧ ମସିହାରେ ତାଙ୍କ ଲିଖିତ ପ୍ରଥମ ଏକାଙ୍କିକା ସହଧର୍ମିଣୀ ବେଶ ପ୍ରଶଂସିତ ହେବାପରେ ସେ ୧୯୭୧ରେ ନପାହୁ ରାତି ନମରୁ ପତି, ୧୯୮୧ରେ ହାସ୍ୟରସ ନାଟକ, ୧୯୮୯ରେ କପଟପଶା, ୧୯୯୨ରେ ବାବୁ ଚନ୍ଦ୍ରମଣି, ୧୯୯୩ରେ ପଞ୍ଚନାଟିକା ଆଦି ରଚନା କରିଥିଲେ । ଶ୍ରୀଜଗନ୍ନାଥ, ଅମଡ଼ା ବାଟ, ଅଭିନେତ୍ରୀ, ମାଟିର ମଣିଷ ଓ ଅଦିନ ମେଘ ଭଳି ଚଳଚ୍ଚିତ୍ର ସହ ମଧ୍ୟ ସେ ସଂପୃକ୍ତ ଥିଲେ। ତାଙ୍କ ଆତ୍ମଜୀବନୀ ପଥିକ ମଧ୍ୟ ଖୁବ୍ ପ୍ରସିଦ୍ଧ, ଯେଉଁଥିରେ ସେ ତାଙ୍କ ଜୀବନ କାହାଣୀ ପ୍ରକାଶ କରିଛନ୍ତି। ୧୯୭୬ ମସିହାରେ ଗୋପାଳ ଛୋଟରାୟ ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ। ସେହିପରି ୧୯୮୨ରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର, ୧୯୯୨ରେ ବିଷୁବ ପୁରସ୍କାର, ୨୦୦୦ରେ ଶାରଳା ପୁରସ୍କାର ଓ ୨୦୦୨ରେ ସମ୍ମାନଜନକ ପଦ୍ମଶ୍ରୀ ପୁରସ୍କାର ପାଇଥିଲେ। ୨୦୦୩ ମସିହା ଜାନୁଆରି ମାସ ୨୨ ତାରିଖରେ ସେ ଶେଷ ନିଶ୍ୱାସ ଛାଡ଼ିଥିଲେ। ସେ ଆମ ଗହଣରେ ନାହାନ୍ତି ସତ, କିନ୍ତୁ ତାଙ୍କ କୃତି ତାଙ୍କୁ ସବୁଦିନ ଅମର କରିଛି ଆଉ ରଖିଥିବ ମଧ୍ୟ।

♥ ଅରଙ୍ଗାବାଦ, ବରୀ, ଯାଜପୁର
(ମୋ) - ୮୨୪୯୫୦୨୭୭୬

# ସନ୍ତାନ ଓ ସଦାଚାର

ନୀଳିମା ସାହୁ

ଭାରତୀୟ ଆର୍ଯ୍ୟ ଋଷିଗଣ ହିଁ ପୃଥିବୀରେ ମନୁଷ୍ୟ ସର୍ବଦା କରିବାର ଉପାୟ ଉଦ୍ଭାବନ କରିଥିଲେ। ଉପଯୁକ୍ତ ମନୁଷ୍ୟ କରିବା ତାଙ୍କର ମୂଳଲକ୍ଷ୍ୟ ଥିଲା। ପିତା ମାତା ସନ୍ତାନ ଜନ୍ମପରେ ସେମାନଙ୍କୁ ଲାଳନ ପାଳନ କରିବା ସହିତ ସୁସଂସ୍କୃତ ମଣିଷ କରି ଗଢ଼ି ତୋଳୁଥିଲେ। ସନ୍ତାନର ଶୈଶବ, କୈଶୋର ଓ ଯୌବନ ଅବସ୍ଥାକୁ ସେମାନେ ଦଶବିଧ ସଂସ୍କାର ଦେଇ ଭଲ ମଣିଷ ଗଢୁଥିଲେ। ବର୍ତ୍ତମାନ ଆଯବିକୃଷ୍ଟର ବିଧାନ ଲୁପ୍ତ ହୋଇଯାଇଛି। ଉନ୍ନତ ଆତ୍ମାର ଆଗମନ ସମ୍ଭବ ନୁହେଁ, ପହରା ବିଶେଷ କାରଣ ହେଲା ପରିବାରର ସଂସ୍କାର, ସଂସ୍କୃତି, ଆଚାର, ଶିକ୍ଷା ଅବୈଧ ଯୌନାଚାର ଫଳରେ ଜୀବନ ବିପର୍ଯ୍ୟୟ ହୋଇ ଚାଲିଛି।

ଏହି ମହାମାନ୍ୟ ମାନବ ଜୀବନକୁ ଦେଶ ଜାତି ପାଇଁ ଉତ୍ସର୍ଗ କରିବାକୁ ହେଲେ ଘରେ ଘରେ ପ୍ରକୃତ ମଣିଷ ତିଆରି କରିବାକୁ ହେବ। ସତ୍, ସୁସ୍ଥ ଓ ଉନ୍ନତ ଜୀବନର ଭିତ୍ତି ପ୍ରସ୍ତର କୈଶୋର ଅବସ୍ଥାରୁ ଶିକ୍ଷା ମାଧ୍ୟମରେ ସ୍ୱର୍ଣ୍ଣିମ ଜୀବନର ପ୍ରସ୍ତୁତି ଆବଶ୍ୟକ। ଘରର ପରିବେଶକୁ ସୁ ବୈଶିଷ୍ଟ୍ୟ ସମ୍ପର୍ଣ୍ଣ ସୁନିୟନ୍ତ୍ରିତ ସଂସ୍କାର ବ୍ୟବସ୍ଥା କରିବାକୁ ହେବ। ଉପଯୁକ୍ତ ପରିବେଶରେ ଶିକ୍ଷା ଦୀକ୍ଷା ମାଧ୍ୟମ ଦେଇ ଭଲ ମଣିଷ ଗଢ଼ାଯାଏ।

ପୁତ୍ର, କନ୍ୟା ମାନଙ୍କୁ ଶୈଶବ ଓ କୈଶୋର ବୟସରୁ ଶ୍ରଦ୍ଧାଶୀଳ ଓ ସେବାପ୍ରାଣ କରି ଗଢ଼ିବାକୁ ହେବ। ଶ୍ରଦ୍ଧା ଓ ସେବା ମଣିଷର ଅସଲ ସମ୍ପଦ। ଯାହା ମାଧ୍ୟମରେ ପିଲାମାନଙ୍କର ଶିକ୍ଷା ଓ ଚରିତ୍ର ଗଢ଼ି ଉଠିବ। ସନ୍ତାନର ପ୍ରଥମ ଶିକ୍ଷାଳୟ ଗୃହ ଓ ତା ପରେ ବିଦ୍ୟାଳୟ। ସ୍ନେହ-ମମତା, ସେବା-ସହାନୁଭୂତି, ଆଦର-ଆପ୍ୟାୟିତ ଓ ଆତିଥ୍ୟତାରେ ପାରସ୍ପରିକ ପ୍ରୀତି କେନ୍ଦ୍ରରୂପେ ଗଢ଼ି ତୋଳିବାକୁ ହେବ ପିଲାମାନଙ୍କୁ। ପିଲାମାନଙ୍କର ସ୍ୱଭାବ ଶିଷ୍ଟ ଓ ସୁନ୍ଦର ହୋଇଥାଏ ପାରିବାରିକ ସଂସ୍କୃତିରୁ। ଶିଶୁକୁ ମଣିଷ କରି ଗଢ଼ି ତୋଳିବାର ଦାୟିତ୍ୱ ପିତାମାତାଙ୍କର। ସତ୍ ଶିକ୍ଷା କୈଶୋର ବୟସରୁ ହିଁ ସନ୍ତାନ ମାନଙ୍କର ଚରିତ୍ର ଗଠନ କରେ। ନିୟନ୍ତ୍ରିତ ଜୀବନଯାପନ, ଆଦେଶ ପାଳନ କରିବା, ଶ୍ରଦ୍ଧାଶୀଳ ହେବା, ପରିଜନ ସେବାରେ ଆଗ୍ରହୀ ହେବା, ଭକ୍ତି କରିବା ଆଦି ସଦ୍‌ଗୁଣ ଗୁଡ଼ିକୁ କୈଶୋର ବୟସରୁ ହିଁ ଅଭ୍ୟାସ କରିବାକୁ ହୁଏ। ଗୁରୁଭକ୍ତି, ଈଶ୍ୱରଭକ୍ତି ଆଦି ଶିକ୍ଷା ମାଧ୍ୟମରେ ସୁବିନ୍ୟସ୍ତ ହୁଏ। ଜୀବନର ନିତ୍ୟ ଆଚରଣୀୟ ବିଷୟ ଶିଖାଇ ସନ୍ତାନମାନଙ୍କୁ ଅଭ୍ୟସ୍ତ କରିପାରିଲେ ଉପଯୁକ୍ତ ମଣିଷ ହୋଇପାରିବେ।

ସନ୍ତାନମାନଙ୍କୁ ନିତ୍ୟ ନିୟମିତ ଦୈନନ୍ଦିନ ଚଳିବାର ନୀତିବିଧି, ଜପ, ଧ୍ୟାନ, ପ୍ରାର୍ଥନା, ଯୋଗ ଶରୀରଚର୍ଯ୍ୟା, ଶିଖାଇ ଅଭ୍ୟାସ କରାଇବାକୁ ହେବ। ବର୍ତ୍ତମାନ ସଭ୍ୟତା ମାନବକୁ କୁଶିକ୍ଷା ଦେଉଛି। ଅପରର ସମ୍ପତ୍ତି ଆତ୍ମସାତ କରି ନିଜର ଇନ୍ଦ୍ରିୟ ସାଧନ କରୁଛି। ଅଜ୍ଞାତରେ ମନୁଷ୍ୟ ପ୍ରକୃତିର ନିୟମକୁ ଉଲ୍ଲଘଂନ କରି ଚାଲିଛି। ଫଳରେ ଅଶାନ୍ତି, ଗ୍ଲାନି, ଦୁଃଖ, ଦୁର୍ଦ୍ଦଶା ବଢ଼ି ଯାଉଛି। ଏଥିରୁ ନିବୃତ୍ତି ପାଇବାକୁ ହେଲେ ଧର୍ମଶାସ୍ତ୍ର ଅଧ୍ୟୟନ ପ୍ରତି ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। କୈଶୋର ବୟସରୁ ପିଲାମାନଙ୍କୁ ସଂଯମ ଓ ଶୃଙ୍ଖଳା ଶିକ୍ଷା ଦେବାର ଗୁରୁତ୍ୱ ଉପରେ ପରିବାର, ଗୁରୁ ଓ ଶାସକ ଅଧିକ ଧ୍ୟାନ ଦେବା ଉଚିତ। ଶାସନରେ ମଧ୍ୟ ଶୃଙ୍ଖଳାର ଆବଶ୍ୟକତା, ସ୍ୱେଚ୍ଛାକୃତ ଭାବରେ ମଧ୍ୟ ସଂଯମ ଓ ଶୃଙ୍ଖଳା ଆଚରଣ ଶ୍ରେୟସ୍କର।

ଅନୁଷ୍ଠାନରେ ସହଶିକ୍ଷା ସହିତ ବର୍ଣ୍ଣାଶ୍ରମ ଧର୍ମର ଶିକ୍ଷା ରକ୍ଷା କିପରି କରାଯାଇ ପାରିବ ସେ ସମ୍ବନ୍ଧରେ ଉଚିତ ଶିକ୍ଷା ପ୍ରଦାନ କରାଯିବା ଉଚିତ। ମନ ଓ ଇନ୍ଦ୍ରିୟ ମାନଙ୍କୁ କିପରି ବଶ କରାଯାଇ ପାରିବ ତାହା ଶିକ୍ଷାନୁଷ୍ଠାନରେ ପାଠ୍ୟ ସରଣୀରେ ଯୁକ୍ତ ହେବା ଏକାନ୍ତ ଜରୁରୀ। ଭଗବତ ଚେତନଶୀଳ ହେଲେ ପିଲାମାନେ ଉପଯୁକ୍ତ ଶିକ୍ଷିତ ହେଲେ ବୋଲି ବିଚାର କରାଯାଇ ପାରିବ। ଜୀବନର ପରିପୂର୍ଣ୍ଣତା ଲାଭର ମାର୍ଗ ଦେଖାଇବାକୁ ହେଲେ ସମସ୍ତ ସ୍କୁଲ, କଲେଜ ଓ ବିଶ୍ୱ ବିଦ୍ୟାଳୟ ତଥା ଗୃହରେ ଶିଶୁ, କିଶୋର ଯୁବକ ମାନଙ୍କୁ ହରିକଥା ଶ୍ରବଣ ତ ଭଗବତ୍ ଗୀତା ଶିକ୍ଷା ଦିଆଯିବା ଉଚିତ। 'କୌମାର ଅଚରେତ୍ ପ୍ରାଜ୍ଞୋଧର୍ମନ୍ ଭାଗତାନ ଇହ, ଦୁର୍ଲଭଂ ମାନୁଷ୍ୟଂ ଜନ୍ମ ତଦଅପି ଅଧ୍ରୁକିମ ଅର୍ଥଦମ୍' ।

♥ ମୋ : ୯୬୫୮୫୫୬୭୦୬

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୨୦ ଏପ୍ରିଲ ୨୦୨୫

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ

ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com



# ଶିଶୁ ଶ୍ରମିକ : ସଭିଏଁ ପଢ଼ନ୍ତୁ, ସଭିଏଁ ବଢ଼ନ୍ତୁ

♥ ବିପିନ ବିହାରୀ ମହାନ୍ତି

୧୯୮୬ ନଭେମ୍ବର ୨୦ ତାରିଖରେ ଜାତିସଂଘର ସାଧାରଣ ବୈଠକରେ ଶିଶୁଙ୍କର ୪ଟି ଅଧିକାର ସଂକ୍ରାନ୍ତରେ ବିଶଦ ଭାବରେ ଆଲୋଚନା କରାଯାଇଥିଲା । ଏହାର ପ୍ରଥମ ଧାରାରେ କୁହଯାଇଛିଯେ ୧୮ବର୍ଷରୁ କମ୍ ବୟସ୍କ ବ୍ୟକ୍ତିହିଁ ଶିଶୁ । ଶିଶୁର ଅଧିକାରରେ ରହିଛି : ୧) ବଂଚିବାର ଅଧିକାର, (୨) ସୁରକ୍ଷା ବା ନିରାପତ୍ତାର ଅଧିକାର (୩) ସୁଶିକ୍ଷା ଅଧିକାର, (୪) ନିଜର ମତବ୍ୟକ୍ତ କରିବାର ଅଧିକାର । ଏହା ଫଳରେ ଶିଶୁଟି ସମସ୍ତ ଶୋଷଣ, ଯନ୍ତ୍ରଣା, ଭର୍ତ୍ସନା, ତା'ପ୍ରତି ଅସଦ୍‌ବ୍ୟବହାର ଇତ୍ୟାଦିରୁ ମୁକ୍ତି ପାଇପାରିବ । ଅନ୍ୟପକ୍ଷରେ ଏକ ନିଶ୍ଚିନ୍ତ ଓ ନିଶ୍ଚିତ ନିରାପତ୍ତା ଜୀବନଯାପନ ସହିତ ସୁସ୍ଥ ଏବଂ ସବଳ ଜୀବନ ସହିତ ସୁଶିକ୍ଷା ପାଇପାରିବ ।

ଶିଶୁର ଏହି ଅଧିକାରକୁ ଆହୁରି ସୁଗମ, ସ୍ୱଚ୍ଛଳ ଓ ପିଛିଳ ପାଇଁ ଆମ ସରକାର ୨୦୧୦ ମସିହା ଏପ୍ରିଲ ୧ ଠାରୁ ୬ରୁ ୧୪ବର୍ଷ ଯାଏଁ ଶିଶୁମାନଙ୍କୁ ବାଧ୍ୟତାମୂଳକ ଶିକ୍ଷାର ବ୍ୟବସ୍ଥା କରିଛନ୍ତି । ଫଳରେ ସେମାନେ ବିଦ୍ୟାଳୟ ଯିବେ । ଶିଶୁ ଶ୍ରମିକ ପ୍ରଥାରୁ ମୁକ୍ତି ପାଇବେ । ଏଥିପାଇଁ ସର୍ବଶିକ୍ଷା ଅଭିଯାନ ଆମ ଦୁଆର ଉଭା ହୋଇଛି ।

'ସଭିଏଁ ପଢ଼ନ୍ତୁ, ସଭିଏଁ ବଢ଼ନ୍ତୁ' ହେଉଛି ସର୍ବଶିକ୍ଷା ଅଭିଯାନର ମୁଖ୍ୟ ଲକ୍ଷ୍ୟ । ଏହାରମାନେ ଏହି ଯେ ୬-୧୪ବର୍ଷ ଶିଶୁମାନେ ନିଶ୍ଚିତ ଭାବେ ବିଦ୍ୟାଳୟକୁ ଯିବେ; ସେଠି ମାଗଣାରେ ୧୪ବର୍ଷ ଯାଏଁ ପଢ଼ିବେ ଏବଂ ସ୍ୱାସ୍ଥ୍ୟକର ପରିବେଶର ନିରୋଗଭାବେ ବଢ଼ିବେ । ଅର୍ଥାତ୍ ପୂର୍ବପରି ଏମାନେ ଶିଶୁଶ୍ରମିକ ଭାବେ ଖଟିବେ ନାହିଁ । ମୋଟ ଉପରେ ଶିଶୁ ଶ୍ରମିକ ପ୍ରଥା ସଂପୂର୍ଣ୍ଣ ଉଚ୍ଛେଦହେବ । ଉତ୍ତମ ନାଗରିକ ଭାବେ ନିଜକୁ ଗଢ଼ିବାକୁ ହେଲେ ପ୍ରଥମେ ନିଜକୁ ଶିକ୍ଷିତ କରାଇବାକୁ ହେବ । ଏମାନଙ୍କୁ ୬-୧୪ର୍ଷ ମଧ୍ୟରେ ଶ୍ରମ ବା ଅର୍ଥନୈତିକ ସମସ୍ୟା ସହିତ ଜଡ଼ିତ ରଖାଯିବ ନାହିଁ ।

ଶିଶୁମାନଙ୍କୁ ଶ୍ରମ ମୁକ୍ତ ରଖିବାପାଇଁ ଶିଶୁ ଶ୍ରମିକ ଆଇନ ରହିଛି । ୧୯୮୬ ଶିଶୁ ଶ୍ରମିକ ଆଇନ ଅନୁସାରେ ୧୩ଟି ବିପଜ୍ଜନକ ସଂସ୍ଥା ଓ ୫୭ଟି ବିପଦପୂର୍ଣ୍ଣ ସଂସ୍ଥାରେ ୧୪ବର୍ଷରୁ କମ୍ ବୟସର ପିଲାଙ୍କୁ ନିଯୁକ୍ତି ନିଷେଦ୍ଧ କରାଯାଇଛି । ଏମାନଙ୍କ ଭିତରେ ଅଛି ଅଟୋ ମୋବାଇଲ ଓ୍ୱାର୍କସପ୍, ଗ୍ୟାରେଜ, ଫାଉଣ୍ଡ୍ରି, ବିସ୍ଫୋରକ ସାମଗ୍ରୀ ପ୍ରସ୍ତୁତି, ତନ୍ତଶିଳ୍ପ, ଖଣି ଖାଦାନ, ପ୍ଲାଷ୍ଟିକ ବା ଫାଇବର କାରଖାନା ଇତ୍ୟାଦି । ଅନ୍ୟାନ୍ୟ ପ୍ରକ୍ରିୟା ଭିତରେ ଅଛି ବିଡ଼ି ବା ଅଗରବତୀ ତିଆରି, ଗାଲିଚା ବୁଣିବା, ମଣି କାଟିବା, ପଲିସି , ତାଲା ତିଆରି, ଚୁଡ଼ି ପ୍ରସ୍ତୁତି, ..... ଓ ଜରି ତିଆରି ଇତ୍ୟାଦି ଅନ୍ତର୍ଭୁକ୍ତ । ଏବେ ସମସ୍ତଙ୍କ ପାଇଁ ଶିକ୍ଷାଯୋଜନାରେ ପ୍ରବର୍ତ୍ତିତ ସର୍ବଶିକ୍ଷା ଅଭିଯାନ ଶିଶୁମାନଙ୍କର ସାକ୍ଷରତା ହାର ବୃଦ୍ଧି କରିବାରେ ସହାୟକ ହେଉଛି । ଶିଶୁ ଶ୍ରମିକଙ୍କ ହାର ହ୍ରାସ କରିବାରେ ବିଦ୍ୟାଳୟ ମାନଙ୍କରେ ମାଗଣା ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା, ମାଗଣା ଶିକ୍ଷା ଓ ପୋଷାକ ତଥା ସାଇକେଲ ଇତ୍ୟାଦି ସହାୟତା ବେଶ ଉତ୍କଣ୍ଠା ସୃଷ୍ଟି କରିଛି । ଯେଉଁ କ୍ଷେତ୍ରରେ ଶିଶୁଟିଏ ଶିକ୍ଷା ବିନିମୟରେ ଶ୍ରମ କରି ଅର୍ଥ ଉପାର୍ଜନ କରୁଛି, ସେତ ଅଣ କୁଶଳୀ ହୋଇ ରହୁଛି, ଅପରନ୍ତୁ ବିପଜ୍ଜନକ ଓ ବିପଦପୂର୍ଣ୍ଣ କାର୍ଯ୍ୟରେ ନିୟୋଜନ ହେତୁ ବେଳେବେଳେ ମୃତ୍ୟୁ ମୁଖରେ ପଡୁଛି ଅଥବା ଦୁର୍ଘଟଣା କାରଣରୁ ସବୁଦିନ ପାଇଁ ପଙ୍ଗୁ ଅଥବା ବିକଳାଙ୍ଗ ସାଜି ବେକାର ହୋଇ ଭିକାରୀ ଜୀବନ ଯାପନ କରୁଛି । ଏଥିରୁ ନିବୃତ୍ତି ରଖି ଶିଶୁମାନଙ୍କୁ ଉନ୍ନତ ଭାବରେ ଗଢ଼ିବାରେ ଏବେକାର ସରକାର ଶିକ୍ଷା, ସ୍ୱାସ୍ଥ୍ୟ, ନିରାପତ୍ତା ଏବଂ ପୁଷ୍ଟିସାଧନ ଆଜି ସୁବିଧା ଓ ସୁଯୋଗମାନ ଯୋଗାଇ ଚାଲିଛନ୍ତି ।

> ଶିଶୁ ଶ୍ରମିକ ପ୍ରଥା ଉଚ୍ଛେଦପାଇଁ ବ୍ୟବସ୍ଥାମାନ ଏବେ ଗ୍ରହଣ କରାଯାଉଛି । ସେଥିପାଇଁ ଶିକ୍ଷା, ଷ୍ଟାଇପେଣ୍ଡ, ପ୍ରୋତ୍ସାହନ, ପ୍ରେରଣା, ସ୍ୱାସ୍ଥ୍ୟ ଓ ଧନ୍ଦାମୂଳକ କାର୍ଯ୍ୟକ୍ରମକୁ ହାତକୁ ନିଆଯାଇଛି । ଜାତୀୟ ଶିଶୁ ଶ୍ରମିକ ପ୍ରକଳ୍ପ ଅନୁଯାୟୀ ନିୟୋଜିତ ଶିଶୁମାନଙ୍କୁ ତାଙ୍କ କର୍ମସଂସ୍ଥାନରୁ ଫେରାଇଆଣି ସର୍ବଶିକ୍ଷା ଅଭିଯାନ ଅନ୍ତର୍ଭୁକ୍ତ କରାଯାଉଛି । ସେମାନଙ୍କ ଶାରୀରିକ ଯଥାର୍ଥ ବୃଦ୍ଧି ସାଧନ ପାଇଁ ପୁଷ୍ଟିକର ଖାଦ୍ୟ ଯୋଗାଇ ଦିଆଯାଉଛି ।

ଶିଶୁ ଶ୍ରମିକ ପ୍ରଥା ଉଚ୍ଛେଦପାଇଁ ବ୍ୟବସ୍ଥାମାନ ଏବେ ଗ୍ରହଣ କରାଯାଉଛି । ସେଥିପାଇଁ ଶିକ୍ଷା, ଷ୍ଟାଇପେଣ୍ଡ, ପ୍ରୋତ୍ସାହନ, ପ୍ରେରଣା, ସ୍ୱାସ୍ଥ୍ୟ ଓ ଧନ୍ଦାମୂଳକ କାର୍ଯ୍ୟକ୍ରମକୁ ହାତକୁ ନିଆଯାଇଛି । ଜାତୀୟ ଶିଶୁ ଶ୍ରମିକ ପ୍ରକଳ୍ପ ଅନୁଯାୟୀ ନିୟୋଜିତ ଶିଶୁମାନଙ୍କୁ ତାଙ୍କ କର୍ମସଂସ୍ଥାନରୁ ଫେରାଇଆଣି ସର୍ବଶିକ୍ଷା ଅଭିଯାନ ଅନ୍ତର୍ଭୁକ୍ତ କରାଯାଉଛି । ସେମାନଙ୍କ ଶାରୀରିକ ଯଥାର୍ଥ ବୃଦ୍ଧି ସାଧନ ପାଇଁ ପୁଷ୍ଟିକର ଖାଦ୍ୟ ଯୋଗାଇ ଦିଆଯାଉଛି । ବିଭିନ୍ନ ସ୍ଥାନରେ ଆବଶ୍ୟକତାକୁ ନେଇ ସ୍ୱତନ୍ତ୍ର ବିଦ୍ୟାଳୟ ମଧ୍ୟ ସ୍ଥାପନ ହେଉଛି । ଏହାସତ୍ତ୍ୱେ ଯଦି କୌଣସି ଶିଶୁ ନିୟୋଜନ ଥାଆନ୍ତି ସେଠି ପିତାମାତାଙ୍କୁ ପ୍ରବର୍ତ୍ତାଇବାକୁ ପଦକ୍ଷେପ ନିଆଯାଉଛି ଏବଂ ଶିଶୁଶ୍ରମିକ ନିୟୋଜନ କାରୀଙ୍କୁ ଉପଯୁକ୍ତ ଦଣ୍ଡବିଧାନ କରାଯାଉଛି । ସର୍ବଶିକ୍ଷା କାର୍ଯ୍ୟକ୍ରମ ଅନୁଯାୟୀ ଅଧୁନା ୬-୧୪ବର୍ଷ ଶିଶୁମାନଙ୍କୁ ବିଦ୍ୟାଳୟକୁ ଆଣି ଶିକ୍ଷାଦେବାର ବ୍ୟବସ୍ଥା ତ୍ୱରାନ୍ୱିତ କରାଯାଉଛି ।

ଏସବୁ ସତ୍ତ୍ୱେ ଭାରତରେ ଓଡ଼ିଶାରେ ଶିଶୁ ଶ୍ରମିକ ସଂଖ୍ୟା ସର୍ବାଧିକ । ୨୦୦୩ର ଏକ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ ସେତେବେଳେ ଗଞ୍ଜାମରେ ଏହାଥିଲା ୬୫,୮୭୮ କେବଳ । ତା'ତଳକୁ ଥିଲା ମୟୁରଭଞ୍ଜ ୬୦,୪୨୪ ଶିଶୁଶ୍ରମିକ । ଏହି କ୍ରମରେ ଏବେବି ସୁନ୍ଦରଗଡ଼, କଟକ, ସମ୍ବଲପୁର, କେନ୍ଦ୍ରାପଡ଼ା, ଭଦ୍ରକ, ଅନୁଗୁଳ... ଇତ୍ୟାଦି ଅଛନ୍ତି ।

ଓଡ଼ିଶାରେ ଗ୍ରାମାଞ୍ଚଳରେ ଅଧିକାଂଶ ଶିଶୁ ଶ୍ରମିକ ଚାଷ କାର୍ଯ୍ୟ, ଘରୋଇ ସେବା, ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରୁଥିବା ବେଳେ ସହରମାନଙ୍କରେ ହୋଟେଲ, ଗ୍ୟାରେଜ, ଜୋତା ପଲିସ୍, ଦରଜୀ ଦୋକାନ, କାଚ ଗୋଦାମ, ମାଛ ଗୋଦାମ, ତେଜରାତି ଦୋକାନ ଏବଂ ଘରୋଇ ସେବାରେ ନିୟୋଜିତ ଅଛନ୍ତି । ଏତଦ୍‌ଭିନ୍ନ ବିଡ଼ି ତିଆରି, ଅଗରବତୀ ପ୍ରସ୍ତୁତି, କୋଇଲା ଓ ଲୁହାପଥର ସଂଗ୍ରହ, କବାଡ଼ି ଜିନିଷ ସଂଗ୍ରହ ଇତ୍ୟାଦିରେ ଶିଶୁମାନଙ୍କୁ ନିୟୋଜନ କରାଯାଉଛି । ଏହା ପ୍ରତ୍ୟେକ୍ଷ ବା ପରୋକ୍ଷ ଭାବରେ ଶିଶୁଶ୍ରମିକ ଓ ଶୋଷଣ ଅନ୍ତର୍ଭୁକ୍ତ ଅଟେ । ଏପ୍ରକାର ଶୋଷଣ ପାଇଁ ଆମ ଭିତରେ ଥିବା ପୁଞ୍ଜିପତି ଏବଂ ମୁନାଫାଖୋର ଗୋଷ୍ଠୀଦାୟୀ । ଏଥିପାଇଁ ବର୍ତ୍ତମାନ 'କ୍ୟାମ୍ପେନ୍ ଏଗ୍‌ନେଷ୍ଟ ଚାଇଲଡ୍ ଲେବର' ତରଫରୁ ସଂଗ୍ରାମ ଜାରିରହିଛି । ସେହିପରି ବାଳିକା ଶ୍ରମ ନିଷେଦ୍ଧକୁ ସ୍ୱତନ୍ତ୍ର ଆଇନ ଅଛି ।

ଶିଶୁଶ୍ରମିକ ପ୍ରଥା ଲୋପପାଇଁ ଖାଲି ଆଇନ ଯଥେଷ୍ଟ ନୁହେଁ । ଏଥିପାଇଁ ସଚେତନତା ସୃଷ୍ଟିଦରକାର ଏବଂ ସର୍ବଶିକ୍ଷା ଅଭିଯାନର ବାସ୍ତବ ରୂପରେଖ ପାଇଁ ଆନ୍ତରିକ ପ୍ରଚେଷ୍ଟା ଦରକାର । ଏ ଦାୟିତ୍ୱ ମୋର, ଆପଣଙ୍କର ଏବଂ ସଭିଙ୍କର ।

ଏହା ସତ୍ୟ ଯେ ଶିଶୁହିଁ ଏ ଜାତିର ଭବିଷ୍ୟତ ଏବଂ କର୍ଣ୍ଣଧାର । ତାକୁ ଠିକ୍ ଭାବରେ ଗଢ଼ି ତୋଳିବା ଦାୟିତ୍ୱ ଆମର ।

♥ ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ,
ଜଟଣୀ
(ମୋ) : ୯୯୩୮୩୪୪୧୩୮

## ଚିନ୍ତନ

# ପ୍ରେମ ପଥ : ଜୀବନର ଏକ ଅନ୍ତଃହୀନ ଯାତ୍ରା

ସ୍ୱାଗତ ମିଶ୍ର

ସବୁ ସମ୍ପର୍କର ମାନେ ନୁହଁ ଆକର୍ଷଣ କିମ୍ବା ସବୁ ସମ୍ପର୍କର ମାନେ ନୁହଁ ପାପ ଓ କାହାପ୍ରତି ଆକର୍ଷଣ ହେଉଛି ଏକ ସମ୍ବେଦନଶୀଳ ମାନସିକ ଆବେଗ । ଯେଉଁ ଆବେଗ ନାରୀ କିମ୍ବା ପୁରୁଷର ରୂପ, ସୌନ୍ଦର୍ଯ୍ୟତାକୁ ନେଇ ସୃଷ୍ଟି ହୋଇ ନଥାଏ ଓ ଯାହା କୌଣସି କାମନାକୁ ଚରିତାର୍ଥ କରିବାକୁ ବୁଝାଏ ନାହିଁ କିମ୍ବା କୌଣସି ସ୍ୱାର୍ଥରେ ଅନୁବନ୍ଧିତ ନୁହେଁ ସେ ବନ୍ଧନ । ହୃଦୟର ଗଭୀରତମ କୋଣରେ କାହା ପାଇଁ ସୃଷ୍ଟି ହୋଇଥିବା ଶୂନ୍ୟ ସ୍ଥାନକୁ ପୂର୍ଣ୍ଣ କରିପାରୁଥିବା ସୂକ୍ଷ୍ମ ଆବେଗକୁ ପ୍ରେମ କୁହାଯାଏ ।

ଗୋଟିଏ ହୃଦୟରୁ ଅନ୍ୟ ଏକ ହୃଦୟକୁ ବହିଯାଉଥିବା ଅଦୃଶ୍ୟ ସ୍ରୋତର ନାମ ହେଉଛି ପ୍ରେମ । ଯାହାର ପ୍ରତିଟି ଜଳ ବିନ୍ଦୁ କେବଳ ଭଲପାଇବା ଆଉ ବିଶ୍ୱାସରେ ପରିପୂର୍ଣ୍ଣ । ଦୁନିଆରେ ଏମିତି ଅନେକ ପ୍ରେମ ସମ୍ପର୍କ ଅଛି ଯାହା ଗଙ୍ଗା ସଦୃଶ ପବିତ୍ର ଏବଂ ଗଙ୍ଗଶିଉଳୀ ଠାରୁ ଅଧିକ ସୁନ୍ଦର ମଧ୍ୟ ଓ ଯେଉଁ ପବିତ୍ର ପ୍ରେମର ଆରମ୍ଭ ତ ଥାଏ ବେଳାଭୂମି ପରି, କିନ୍ତୁ ଶେଷ ନଥାଏ ଠିକ୍ ସେ ଅସୀମିତ ସାଗର ପରି । ପ୍ରେମ ହେଉଛି ଏକ ଦିବ୍ୟ ଅନୁଭବର କଥା । ଯେମିତି ଭଗବାନଙ୍କ ସ୍ୱରୂପ ସ୍ୱଚକ୍ଷୁରେ ନଦେଖେଲେ ମଧ୍ୟ ତାଙ୍କର ଉପସ୍ଥିତିକୁ ଅନ୍ତରାତ୍ମାରେ ଉପଲବ୍ଧି କରିହୁଏ, ଠିକ୍ ସେମିତି ପ୍ରେମ ହେଉଛି ହୃଦୟର ଏକ ଆବେଗାତ୍ମକ ଅନୁଭବର କଥା । ଯାହା ଅବର୍ଣ୍ଣନୀୟ ତଥା ବର୍ଣ୍ଣନାତୀତ । ଯାହାର ନିଜସ୍ୱ ପ୍ରେମର ଅନୁଭୂତି ନାହିଁ ସେ କେମିତି ଏହି ମହାଜାଗତିକ ପରମ ଆନନ୍ଦକୁ ବୁଝିପାରିବ ।

ଜୀବନର ଅନ୍ୟ ନାମ ହେଉଛି ପ୍ରେମ । ସେଥିପାଇଁ ତ ସମସ୍ତଙ୍କ ଜୀବନରେ କେବେ ନା କେବେ ପ୍ରେମ ଋତୁ ଆସେ । କେବଳ ଯୌବନରେ ନୁହେଁ, ଜୀବନର ଯେ କୌଣସି ମୂହୁର୍ତ୍ତରେ ମଧ୍ୟ ପ୍ରେମର ଋତୁ ଆସିପାରେ । ଏହି ପ୍ରେମ ଋତୁ ମଣିଷର ତନୁ, ମନ, ପ୍ରାଣକୁ କେବେ ନିଦାଘର ଝାଞ୍ଜିରେ ସିଝାଏ ତ ଆଉ କେବେ ପହିଲି ଆଷାଢ଼ରେ ଭିଜାଏ । କାହିଁକିନା ସବୁ ଭଲ ପାଇବାର ଶେଷ ନୁହଁ ସିନ୍ଥିରେ ଟୋପାଏ ସିନ୍ଦୁର । କିଛି ପ୍ରେମ ଡାଏରୀର ଶେଷ ପୃଷ୍ଠାରେ ଲିପିବଦ୍ଧ ହୋଇ ରହିଯାଏ, ଆଉକିଛି ଅତୀତର ସ୍ମୃତିହୋଇ ସାଇତା ହୋଇ ରହିଥାଏ ଜୀବନର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ । ଏ ସମୟଟା ବି ଖୁବ୍ ବିଚିତ୍ର ସତରେ, କେତେବେଳେ ବର୍ତ୍ତମାନରେ ଭିଜାଇ ଦିଏ ପୁଣି କେତେବେଳେ ଅତୀତରେ ହଜାଇଦିଏ, ତଥାପି ଅପେକ୍ଷା ଆଉ ଗୋଟିଏ ଜନ୍ମକୁ...

ପ୍ରେମକୁ ପ୍ରେମ ହୋଇ ରହିବାକୁ ଦିଆଯାଉ, ପ୍ରେମର ସଂଜ୍ଞା ଅପରିବର୍ତ୍ତିତ ରହୁ । ପ୍ରେମକୁ ଅନ୍ୟ ସମ୍ପର୍କ ସହ ଯୋଡ଼ିଦେଇ ପ୍ରେମର ମର୍ଯ୍ୟାଦା ହାନୀ କରାନଯାଉ । ପ୍ରେମ କାହା ପାଇଁ ଜୀବନ ଜିଇଁବାର ସାହାରା ପାଲଟିଯାଏ ତ ପୁଣି କାହା ପାଇଁ ଜୀବନରେ ବଞ୍ଚିବାର ମୋହ ତୁଟାଇ ଦିଏ । ପ୍ରେମ କେବେ ମଣିଷକୁ ମରିବାକୁ ଦିଏ ନାହିଁ, ବରଂ ପ୍ରେମ ସାରା ଜୀବନ ବଞ୍ଚିରହିବାକୁ ଅମ୍ଳଜାନ ଯୋଗାଏ । ମରିବା ଆଉ ବଞ୍ଚିବା ନିଜ ମାନସିକତା ଉପରେ ନିର୍ଭର କରେ । ପ୍ରେମକୁ ଯିଏ ଖେଳ ଭାବେ ସେ ହାରିବା ଓ ଜିତିବାକୁ ନେଇ ଭୟ କରେ, ପ୍ରେମକୁ ନେଇ ଯିଏ ବ୍ୟବସାୟ ଭାବେ ସେ ଲାଭ କ୍ଷତିର ହିସାବ କରେ, ପ୍ରେମକୁ ହାସଲ କରିବାର ଅଭିଳାଷ ହିଁ ମନରେ ହରେଇବାର ସନ୍ଦେହ ଓ ଆଶଂକା ସୃଷ୍ଟି କରେ । ତେଣୁ ଏ ସବୁକୁ ଦୂରେଇ ରଖି ଉର୍ଦ୍ଧ୍ୱରେ ଦେଖିଲେ ପ୍ରେମ ହେଉଛି ଏକ ବିଚିତ୍ର ସର୍ପ, ଯାହାର ପ୍ରତିଟି ମଧୁର ଦଂଶନ ସାଜିଥାଏ ମଣିଷ ଜୀବନ ଜିଇଁବା ପାଇଁ ପ୍ରେରଣାର ପଥ ପ୍ରଦର୍ଶକ ।

♥ ପଦ୍ମାଦେଈପୁର, ନୟାଗଡ଼
(ମୋ) ୯୯୩୮୭୬୧୨୨୪

# କେଦାରନାଥ

ସୁଧାଂଶୁ ଶେଖର ଦ୍ୱିବେଦୀ



ହିନ୍ଦୁ ଧର୍ମ ଅନୁସାରେ କେଦାରନାଥ ଯାତ୍ରାର ଅନେକ ମାନ୍ୟତା ଅଛି । କେଦାରନାଥ ଓ ବଦ୍ରିନାଥ ଦର୍ଶନ ବିନା ଚାରି ଧାମର ଯାତ୍ରା ସଂପୂର୍ଣ୍ଣ ହୋଇନଥାଏ ।ଏହି ଚାରି ଧାମ ମଧ୍ୟରେ କେଦାରନାଥ ସ୍ଥିତ ଜ୍ୟୋତିର୍ଲିଙ୍ଗ ଭଗବାନ ଶିବଙ୍କର ୧୨ଟି ପ୍ରମୁଖ ଜ୍ୟୋତିର୍ଲିଙ୍ଗ ମଧ୍ୟରୁ ୫ମ ସ୍ଥାନରେ ଅବସ୍ଥିତ ।ଭାରତର ଉତ୍ତରାଖଣ୍ଡ ରାଜ୍ୟର ରୁଦ୍ର ପ୍ରୟାଗ ନିକଟରେ କେଦାରନାଥ ମନ୍ଦିର ସ୍ଥାପିତ ହୋଇଛି । ହିମାଳୟ ପର୍ବତର ପାଦ ଦେଶରେ କେଦାରନାଥ ୧୨ ଟି ଜ୍ୟୋତିର୍ଲିଙ୍ଗରେ ସମ୍ମିଳିତ ହେବା ସହିତ ଚାରି ଧାମ ଓ ପାଞ୍ଚ କେଦାର ନାମରେ ଖ୍ୟାତ । ସେଠାରେ କେବଳ ତିନୋଟି ପର୍ବତ ନୁହେଁ ମନ୍ଦାକିନୀ, ମଧୁ ଗଙ୍ଗା, କ୍ଷୀର ଗଙ୍ଗା, ସରସ୍ୱତୀ ଓ ସ୍ୱର୍ଣ୍ଣ ଗୌରୀ ଭଳି ୫ଟି ନଦୀର ସଙ୍ଗମ ଅଛି । ଏହି ୫ଟି ନଦୀ ମଧ୍ୟରୁ ଏବେ କେତୋଟି ନଦୀର ଅସ୍ତିତ୍ୱ ନାହିଁ, ତେବେ ଅଳକାନନ୍ଦାର ସହାୟକ ନଦୀ ମନ୍ଦାକିନୀ ଅହରହ କଳକଳ ନାଦରେ ପ୍ରବାହିତ ହେଇଚାଲିଛି ।

ବୈଜ୍ଞାନିକଙ୍କ ମତରେ କେଦାରନାଥ ମନ୍ଦିର ପ୍ରାୟଃ ୪୦୦ବର୍ଷ ଧରି ହିମାଚ୍ଛନ୍ନ ଅବସ୍ଥାରେ ଢାଙ୍କିହୋଇ ରହିଥିଲା । ୧୩ ରୁ ୧୭ ଶତାବ୍ଦୀ ମଧ୍ୟରେ ଏକ ହିମ ସ୍ଖଳନ ହୋଇଥିଲା ।କିନ୍ତୁ ମନ୍ଦିରର କୌଣସି କ୍ଷୟ କ୍ଷତି ଘଟି ନଥିଲା । ୨୦୧୩ରେ ଘଟିଥିବା ପ୍ରବଳ ବର୍ଷା ବାତ୍ୟା ରେ ମନ୍ଦିର କେମିତି ତିଷ୍ଠି ରହିଲା ବୋଲି ବୈଜ୍ଞାନିକମାନେ ବିସ୍ମିତ ହୁଅନ୍ତି ।

କେଦାରନାଥ ଯାତ୍ରା କରିବା ପ୍ରତ୍ୟକ ଶିବଭକ୍ତଙ୍କ ନିମନ୍ତେ ସ୍ୱପ୍ନଠାରୁ କମ୍ ନୁହେଁ । ଉତ୍ତର ଦିଗ ହିମାଳୟର ପାଦ ଦେଶରେ ସ୍ଥିତ ଏହି ପବିତ୍ର କ୍ଷେତ୍ରକୁ ଭକ୍ତମାନେ ଧାର୍ମିକ ଆସ୍ଥା ନେଇ ଯାଇଥାନ୍ତି । ସେଠାରେ ବରଫ ଚଟାଣର ନୈସର୍ଗିକ ସୌନ୍ଦର୍ଯ୍ୟ, ମନ୍ଦାକିନୀ ନଦୀର କଳକଳ ଧ୍ୱନି ଯାତ୍ରୀଙ୍କ ମନକୁ ମୋହିନିଏ । ପ୍ରାକୃତିକ ଜଳବାୟୁ ଅନୁସାରେ ଅପ୍ରେଲରୁ ନଭେମ୍ବର ଯାଏ ମନ୍ଦିର ଖୋଲାରହେ । ପୌରାଣିକ କଥା ଅନୁସାରେ ଏହି ସ୍ଥାନରେ ପାଣ୍ଡବମାନଙ୍କୁ ଶିବଙ୍କ ର ଆଶୀର୍ବାଦ ମିଳିବାରୁ ଭାତୃହତ୍ୟା ପାପରୁ ମୁକ୍ତି ପାଇଥିଲେ । କଥା ଅନୁସାରେ ମହାଭାରତ ଯୁଦ୍ଧ ସମାପ୍ତ ପରେ ପାଣ୍ଡବମାନେ ଭାତୃହତ୍ୟା ପାପରୁ ମୁକ୍ତି ପାଇବାକୁ ଚାହୁଁଥିଲେ । ଭଗବାନ ଶ୍ରୀକୃଷ୍ଣ ଶିବଙ୍କଠାରୁ ଆଶୀର୍ବାଦ ନେବାକୁ ଆଦେଶ ଦେଲେ ।ଶ୍ରୀକୃଷ୍ଣଙ୍କଠାରୁ ଆଦେଶ ପାଇ ପାଣ୍ଡବମାନେ ଶିବଙ୍କ ନଗରୀ କାଶୀରେ ପହଞ୍ଚିଲେ । କିନ୍ତୁ ଶିବ ପାଣ୍ଡବମାନଙ୍କୁ ଦର୍ଶନ ଦେବାକୁ ଚାହୁଁନଥାନ୍ତି ।ତେଣୁ ସେ ଗୁପ୍ତ କାଶୀରେ ଲୁଚି ରହିଲେ ।ପିଣ୍ଡବମାନେ ଶିବଙ୍କ ଚାଲାକି ଜାଣି ପାରି ଗୁପ୍ତକାଶୀରେ ପହଞ୍ଚିବା ପୂର୍ବରୁ କେଦାରନାଥ ପହଞ୍ଚିଗଲେ । ସେଠାରେ ବୃଷଭ ରୂପ ଧାରଣ କରି ଅନ୍ୟ ପଶୁମାନଙ୍କ ସହିତ ସାମିଲ ହୋଇଗଲେ । ପାଣ୍ଡବମାନଙ୍କୁ ସନ୍ଦେହ ହେବାରୁ ଭୀମ ବିଶାଳ ରୂପ ଧାରଣ କରି ପର୍ବତ ଉପରେ ନିଜ ପାଦ ପ୍ରସାରିତ କରି ଠିଆହେଲେ । ପାଦ ତଳ ହୋଇ ଅନ୍ୟ ଗାଈ ବଳଦ ତ ଚାଲିଗଲେ ମାତ୍ର ବୃଷଭ ରୂପୀ ଭଗବାନ ଶିବ ଭୀମଙ୍କ ପାଦ ତଳେ ଗଲେନାହିଁ । ତାପରେ ଭୀମ ବୃଷଭ ରୂପୀ ଶିବଙ୍କ ଉପରକୁ ଡିଆଁ ମାରିବା ବେଳେ ସେ ଅନ୍ତର୍ଦ୍ଧାନ ହେବା ପୂର୍ବରୁ ତାଙ୍କ ଚୁଟାକୁ ଧରି ନେଲେ । ଭୋଳାନାଥ ପାଣ୍ଡବଙ୍କର ଭକ୍ତି ଓ ଦୃଢ଼ ସଂକଳ୍ପରେ ପ୍ରସନ୍ନ ହୋଇ ଆଶୀର୍ବାଦ ଦେଇ ପାପମୁକ୍ତ କରାଇଲେ । ସେଥିପାଇଁ ବୃଷଭ ଚୁଟା ଆକୃତିରେ କେଦାରନାଥ ପୂଜା ପାଇ ଆସୁଛନ୍ତି । ଅନ୍ତର୍ଦ୍ଧାନ ହେବା ସମୟରେ ତାଙ୍କ ମୁଣ୍ଡ ନେପାଳରେ ପ୍ରକଟ ହେଲା । ସେଠାରେ ସେ ପଶୁପତି ନାମରେ ପୂଜା ପାଇଲେ ।

ଯେଉଁଠାରେ ପ୍ରତିଟି ବାଲିର ରେଣୁ ଓ ପଥରରେ ବିରାଜିତ ଭଗବାନ ଶିବ ଅଛନ୍ତି ସେହି ଧାର୍ମିକ କ୍ଷେତ୍ରରେ କେଦାରନାଥଙ୍କର ଅଦ୍ଭୁତ ମହିମା ଅଛି । କେଦାରନାଥ ଦର୍ଶନ କରିବା ସମସ୍ତ ଶିବ ଭକ୍ତ ଙ୍କ ପାଇଁ ମହତ୍ୱ ହୋଇଥାଏ । ସ୍କନ୍ଦ ପୁରାଣ ଓ ଶିବ ପୁରାଣରେ ସବିଶେଷ ଉଲ୍ଲେଖ ଅଛି ଏହି ତୀର୍ଥ ଭଗବାନ ଶିବଙ୍କର ଅତି ପ୍ରିୟ ଅଟେ । ଯେଉଳି ଭାବେ କୈଳାସର ମହତ୍ତ୍ୱ ଅଛି ସେହିପରି ମହତ୍ତ୍ୱ କେଦାରନାଥ ତୀର୍ଥରେ ଅଛି । ତାଙ୍କୁ ଦର୍ଶନ ଓ ପୂଜନ କରିବା ଦ୍ୱାରା ସମସ୍ତ ପ୍ରକାର କଷ୍ଟରୁ ମୁକ୍ତି ଏବଂ ମନୋକାମନା ପୂର୍ଣ୍ଣ ହୋଇଥାଏ ।

ସନାତନ ଧର୍ମର ଆସ୍ଥା ଅନୁସାରେ କେଦାରନାଥ ଧାମ ଜୀବନୀ ଶକ୍ତିର ସର୍ବଶ୍ରେଷ୍ଠ ଆଧାର ଅଟେ । ସମୁଦ୍ର ପତନଠାରୁ ୩୫୯୩ ଫୁଟ ଉଚ୍ଚରେ ନିର୍ମିତ ଭବ୍ୟ ଏବଂ ବିଶାଳ କେଦାରନାଥ ମନ୍ଦିର । ଭଗବାନ ଶିବଙ୍କର ଏହି ମନ୍ଦିର ୮୫ ଫୁଟ ଉଚ୍ଚ ୮୦ ଫୁଟ ଚଉଡା ବିଶିଷ୍ଟ ଅଟେ । ମନ୍ଦିରର ମୁଖ୍ୟ ଭାଗ ଅର୍ଥାତ୍ ମଣ୍ଡପ ଏବଂ ଗର୍ଭଗୃହ ଚାରିପଟେ ପ୍ରଦିକ୍ଷଣ ନିମନ୍ତେ ପଥ ଅଛି । ବାହାର ପ୍ରାଙ୍ଗଣରେ ନନ୍ଦୀ ବୃଷଭ ବାହାନ ରୂପେ ବିରାଜମାନ । କାର୍ତ୍ତିକ ପୂର୍ଣ୍ଣିମାରେ ମନ୍ଦିରରେ ସ୍ଥାପିତ ପ୍ରତିମାକୁ ଅଖି ମଠକୁ ନିଆଯାଏ । କେଦାରନାଥଙ୍କ ପ୍ରତିମା ଅଖି ମଠରେ ପହଞ୍ଚିବା ପରେ ସେଠାରେ ଅବସ୍ଥିତ ଗୌରୀ କୁଣ୍ଡରେ ସ୍ନାନ କରାଯାଏ । ଗୌରୀ କୁଣ୍ଡ ବ୍ୟତୀତ ବାଲି କୁଣ୍ଡ, ହଂସ କୁଣ୍ଡ ଆଦି ଆହୁରି କେତୋଟି କୁଣ୍ଡ ସେଇ ସ୍ଥାନରେ ଅଛି । ଏହା ବ୍ୟତୀତ ଭୈରବନାଥ ମନ୍ଦିରର ସେଠାରେ ଅନେକ ମାନ୍ୟତା ଅଛି । ପ୍ରତିବର୍ଷ ତାଙ୍କ ପୂଜନ ପରେ ମୁଖ୍ୟ ମନ୍ଦିରର କବାଟ ଖୋଲାଯାଏ ଓ ବନ୍ଦ କରାଯାଏ ।ମାନ୍ୟତା ଅନୁସାରେ କବାଟ ବନ୍ଦ ହେବା ପରେ ଭୈରବ ମନ୍ଦିରର ସୁରକ୍ଷା ଦାୟିତ୍ୱ ସମ୍ଭାଳିଥାନ୍ତି ।

♥ ବିସି-୭୪,ସଲ୍ଟ ଲେକ୍,
କଲକତା-୬୪
ମୋ-୯୬୮୧୩୭୩୫୧୨

## ପଢ଼ିବା ପରେ...

# କବିତା ଆଉ କ'ଣ କି ?






ସେ ହୋଇପାରେ ଛାତିକୁ ଛୁଇଁ ଫୁରକିନା ଉଡ଼ି ଯାଉଥିବା ଫୁଲେଇ ପ୍ରଜାପତି । ମାଇନର ସ୍କୁଲରେ ପଢୁଥିବା ପ୍ରେମିକାର ରଚନା ଖାତା ମଲାଟ ଭିତରେ ଲୁଚା ହୋଇଥିବା ଚାରି ଚଉତା ଚିଠି, ଅଥବା ଅଧାରାତିରେ ସ୍ୱପ୍ନରେ ଅଥୟ କରୁଥିବା କେଉଁ ଅଜଣା ମନର ମଣିଷର ନିବିଡ଼ ଆଶ୍ଳେଷ । ସତରେ କବିତା ଆଉ କ'ଣ, ଏ ସବୁ ନୁହେଁ କି ! କବିତାରେ କବିତାର କଥା ବଖାଣିଛନ୍ତି ଆମ ସମୟର ଜଣେ ବରିଷ୍ଠ କବି ଖଗେଶ୍ୱର ମହାନ୍ତି ତାଙ୍କ 'କବିତା ଆଉ କ'ଣ କି ?' ସଂକଳନରେ ।

ଅଳ୍ପ ଅଳ୍ପ ଧରାଦେଇ ବେଶି ବେଶି ଦୂରେଇ ଯାଉଥିବା ଲାଜେଇ ପ୍ରେମିକା ପରି କବିତା, ଯାହା ମୋହରୁ ମୁକୁଳି ପାରି ନାହାନ୍ତି କବି । ତା ପ୍ରେମରେ ସେ ଖୋଜିଛନ୍ତି କେତେ ଜନ୍ମ, କେତେ ମୃତ୍ୟୁ, କେତେ ନର୍କ ଆଉ କେତେ ନିର୍ବାଣ ! ତା'ର ହିସାବ ନାହିଁ ।

କବିତାରେ କବିତାର ଅମୃତ ଅନୁଭବ ପାଠକଙ୍କୁ ଭିନ୍ନ ଦୁନିଆକୁ ନେଇଯିବ । ଦେଖନ୍ତୁ କବି ଦୃଷ୍ଟିରେ କବିତା କେମିତି..

ସ୍ନେହର ସରଜୁ / ଶରଧାର ସାବରାମତୀ / ସରାଗର ସରସ୍ୱତୀ /ମମତାର ମନ୍ଦାକିନୀ / କୃପାରୁ କ୍ରିଷ୍ଣା / କରୁଣାର କାବେରୀ /ତ୍ୟାଗର ତଟ ନିରଞ୍ଜନା..

( କବିତା ଆଉ କ'ଣ କି ?, ପୃ : ୧୨)

କବିତା ପ୍ରେମିକା ପରି ହସିଦିଏ । ପୁଣି ରୁଷି ଯାଏଁ । ପୁଣି ବାଆଁରେଇ ଡାକିଲେ ବେକରେ ଝୁଲି ପଡ଼େ । କବିତା ସରେନି, ବରଂ ସରିଯାଏ କବି । ସରିଯାଏ ଦୀପରୁ ତେଲ । ମୁଠେ ପାଉଁଶ ହୋଇ ମହାଶୂନ୍ୟରେ ମିଳେଇ ଯାଏଁ କବି ।

ଦିନେ ରାତି ଅଧରେ / କବିତା ସୁନ୍ଦରୀ / ଅଭିସାରିକା ବେଶରେ ସଜବାଜ ହୋଇ / ପାଦ ଚିପିଚିପି ଲୁଚିଛପି ଆସି / କବିର ଶୋଇବା ଘର / ଝର୍କା ବାଡ଼ାଏ / କବାଟ ଠକ୍ ଠକ୍ କରେ..

(ସତରେ କ'ଣ ଏଠି କବିତା ସରେ ?, ପୃ : ୧୮)

କବିର ସମ୍ବଳ ଆଞ୍ଜୁଳେ ଶବ୍ଦ । ତା ଭିତରେ ତା'ର ଜନ୍ମ, ଲୀଳାଖେଳା ଆଉ ମୃତ୍ୟୁ ବି । ଶବ୍ଦବ୍ରହ୍ମ ମାୟାରୁ ମୁକୁଳିବା ଏତେ ସହଜ ନୁହେଁ ତା ପାଇଁ । ତା ଜୀବନର ପୂର୍ଣ୍ଣତା ପାଇଁ ସେ ଆବାହନୀ କରେ ଶବ୍ଦବ୍ରହ୍ମକୁ ।

ଆସ / ତଟରୁ, ତୁଠରୁ /ପଥରୁ, ପ୍ରାନ୍ତରୁ /ଘଟରୁ ଘାଟରୁ / ନଟରୁ, ନାଟରୁ / ନିଦରୁ, ନାଦରୁ....

(ଶୂନ୍ୟଦେବୀ ଶବ୍ଦବ୍ରହ୍ମ, ପୃ : ୨୯)

କବି କାହା ହୃଦୟକୁ ନେଇ ଖେଳି ପାରେନି । କିନ୍ତୁ ଶବ୍ଦ ଖେଳରେ ସେ ମାହିର ।

ଶବ୍ଦରେ ଶବ୍ଦରେ / ସିଦ୍ଧାର୍ଥରୁ ଶାକ୍ୟମୁନି ସାଜି /ସଭିଙ୍କ ପାଇଁ ଘୋଷଣା କରିପାରେ / ଜନ୍ମ, ଜୀବନ, ଜରା / ମୃତ୍ୟୁ, ପୁନଃଜନ୍ମ / ନିର୍ବାଣ ଓ ମୋକ୍ଷ ପ୍ରାପ୍ତିର ଜଟିଳ ଗୁଢ଼ତତ୍ତ୍ୱ..

( ଶବ୍ଦ ଖେଳ, ପୃ : ୪୪)

ଶବ୍ଦର କୁହୁକ ସ୍ପର୍ଶରେ କବି ପାଲଟେ ଶକ୍ତିଶାଳୀ । କବିତାର ଛୁଁ ମନ୍ତରରେ ଅସମ୍ଭବ ସମ୍ଭବ ହୁଏ, ବନ୍ଧ୍ୟା ମାଟିରେ ଫୁଲ ଫୁଟେ । ଅନ୍ତଃକରଣରେ ହୁଏ ବିରାଟ ପରିବର୍ତ୍ତନ । କବିତା ଛୁଆଁରେ ସେ ପାଲଟେ....

ଶବରୁ ଶିବ /କଂସରୁ କୃଷ୍ଣ /ଇତରରୁ ଈଶ୍ୱର / ପତିତରୁ ପୁରୁଷୋତ୍ତମ/ ଦୁବରୁ ଦାରୁ / ଶିଳାରୁ ଶାଳଗ୍ରାମ / ଶୂନ୍ୟରୁ ସମ୍ପୂର୍ଣ୍ଣ...

( ଥରୁଟିଏ କହିଦିଅନ୍ତୁନି କବିତା, ପୃ : ୪୯

କବିଟିଏ ଦ୍ୱିତୀୟ ଈଶ୍ୱର ।

କାହିଁ କେଉଁ କାଳରୁ ଶୁଣା ଯାଉଛି ଏ କଥା । ମାତ୍ର କବିର ଏ ଅବତାରକୁ ପସନ୍ଦ କରନ୍ତି ନାହିଁ କବି ଖଗେଶ୍ୱର । ସେ ଚାହାଁନ୍ତି କବିଟିଏ ମଣିଷ ପରି ବଞ୍ଚୁ, ଆଉ ପ୍ରେମରେ ବଞ୍ଚୁ ।

ତା'ର ପ୍ରେମ / ଆକାଶ ପରି ଅସୀମ / ସମୁଦ୍ର ପରି ସୀମାହୀନ/ଢେଉ ପରି ଆତ୍ମୀୟ / ବେଳାଭୂମି ପରି ବ୍ୟାକୁଳ / ଦିଗ୍‌ବଳୟ ପରି ଦିଗନ୍ତ ବିସ୍ତାରି / ପାହାଡ଼ ପରି ସ୍ଥିର / ପବନ ପରି ପରିବ୍ୟାପ୍ତ / ପକ୍ଷୀ ପରି ନିରୀହ / ମାଟି ପରି ଉଦାର..

(କବିଟିଏ ପ୍ରଥମେ ପ୍ରେମ ହେଉ, ପୃ : ୬୫

କବିଟିଏ ଚିରକାଳ କବିତା ପ୍ରେମରେ ବଞ୍ଚେ । ତା ଅଦୃଶ୍ୟ ସ୍ପର୍ଶରେ ବିଜୟର ମୁକୁଟ ପିନ୍ଧେ । ଜୀବନର ଚଲାବାଟରେ କରୁଣାର ବିଭୂତି ବିଞ୍ଚି ହୋଇଯାଏ । ଦେହ ସାରା ଦିବ୍ୟଜ୍ୟୋତି ଝଲସି ଉଠେ । ତଥାପି ବେଳେବେଳେ ଧନ୍ଦି ହୁଏ କବି କବିତାକୁ ବୁଝିବାରେ । ସରିଯାଏ ଆୟୁଷ, ସରିଯାଏ ଜୀବନ । ଅବୁଝା ରହିଯାଏ କବିତା । ଶେଷରେ ଦିନେ କବିତାକୁ ସେ ପ୍ରଶ୍ନକରେ ତୁ କିଏ ?

କିନ୍ନରୀ ନା କୁହୁକିନୀ / ନାରୀ ନା ନାରାୟଣୀ / ବୀରଙ୍ଗନା ନା ବିଦୂଷୀ /ସାଧ୍ୱୀ ନା ସାନ୍ୟାସିନୀ / ପରୀ ନା ପିଶାଚିନୀ / ନଟୀ ନା ନର୍ତ୍ତକୀ..

( ତୁ କିଏ ?, ପୃ : ୭୭)

କବିର ଆୟୁଷ ସରିଯାଏ । କବିତା ସରେନି । କବି ନତଜାନୁ ହୋଇପଡ଼େ । କବିତା ଉଦାରସ୍ଥ କରି ପାରେନି । ତଥାପି ତା ପ୍ରେମରେ ମସଗୁଲ ଥାଏ କବି । ମାତ୍ର ୨୬ ଗୋଟି କବିତାକୁ ନେଇ କଟକର ବିଜୟିନୀ ପବ୍ଲିକେଶନ ପ୍ରକାଶ କରିଥିବା ଖଗେଶ୍ୱର ମହାନ୍ତିଙ୍କ ନୂଆ କବିତା ବହି ସଂଗ୍ରହଣୀୟ ।♥



ସମୀକ୍ଷା : ବିପ୍ଳବ
ମକୁନ୍ଦପୁର, ବାଙ୍କୀ
ମୋ : ୯୪୩୭୪୬୮୦୧୬

# ବାଗୀଶ୍ୱରୀ ସଂସ୍କୃତ ମହା ବିଦ୍ୟାଳୟର ପ୍ରତିଭା ଚୟନ ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ




ଜଳେଶ୍ୱର, ୧୯/୪ (ନି.ପ୍ର): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଆରୁହା ଗ୍ରାମ ପଞ୍ଚାୟତ ସ୍ଥିତ ଶାଳିକୋଠା ଗ୍ରାମରେ ୧୯୧୦ ମସିହାରେ ପ୍ରତିଷ୍ଠିତ ଓଡ଼ିଶାର ସର୍ବ ପୁରାତନ ବାଗୀଶ୍ୱରୀ ସଂସ୍କୃତ ମହା ବିଦ୍ୟାଳୟ ପ୍ରାଚୀନ ସଂସ୍କୃତ ଭାଷା,ସଂସ୍କୃତି ଓ ପରମ୍ପରାର ପ୍ରଚାର ଓ ପ୍ରସାର କ୍ଷେତ୍ରରେ ଅନନ୍ୟ ଭୂମିକା ଗ୍ରହଣ କରିଅଛି ।ଏପ୍ରିଲ ୧୭ ତାରିଖ ଗୁରୁବାର ଦିନ ମହା ବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଅନୁଷ୍ଠାନର ଅଧକ୍ଷ ଡକ୍ଟର ବିବେକାନନ୍ଦ ସାହୁଙ୍କ ଅଧକ୍ଷତାରେ ମହାବିଦ୍ୟାଳୟ ସ୍ତରୀୟ ପ୍ରତିଭା ଚୟନ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି ।ଛାତ୍ର ଛାତ୍ରୀ ମାନଙ୍କର ଅନ୍ତର୍ନିହିତ ପ୍ରତିଭାର ବିକାଶ ନିମନ୍ତେ ଓଡ଼ିଶା ସରକାର କଲେଜ ଲେଭେଲ ଇନୋଭେଶନ ଏଣ୍ଡ ଷ୍ଟାର୍ଟଆପ କମ୍ପିଟିସନ-୨୦୨୪/୨୫ ନାମକ ଏକ ମହନୀୟ ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହିକ୍ରମରେ ମହାବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ସଙ୍ଗୀତ, ନୃତ୍ୟ, ରଚନା, ଚିତ୍ରାଙ୍କନ,ଅଭିନୟ ଓ ବିଭିନ୍ନ ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।ଏହି ଅବସରରେ ଆୟୋଜିତ ଏକ ପୁରସ୍କାର ବିତରଣ ସଭାରେ ମୁଖ୍ୟ ଅତିଥି ଭାବରେ ଅନୁଷ୍ଠାନର ପ୍ରାଣ ପ୍ରତିଷ୍ଠାତା ପଣ୍ଡିତ ରବି ନାରାୟଣ ରଥ,ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ଓଡ଼ିଆ ଅଧ୍ୟାପକ ସତ୍ୟମୟ ଆଚାର୍ଯ୍ୟ,ସମ୍ମାନୀତ ଅତିଥି ଭାବରେ ପରିଚାଳନା ସମିତିର ପୂର୍ବତନ ସଭାପତି ଜନାର୍ଦ୍ଦନ ମିଶ୍ର,ଗ୍ରାମ୍ୟ ମୁଖ୍ୟ ଗଣେଶ ଚନ୍ଦ୍ର ପରିଡ଼ା,ବିଶିଷ୍ଟ ନାଟ୍ୟକାର ଡକ୍ଟର ପଦ୍ମନାଭ ପ୍ରଧାନ,ଦେବେନ୍ଦ୍ର ନାଥ ଭୂୟାଁ ଓ ଡକ୍ଟର ଗୁରୁପ୍ରସାଦ ରାଉଳ ପ୍ରମୁଖ ଯୋଗଦେଇ ଓଡ଼ିଶା ସରକାରଙ୍କ ଉକ୍ତ କାର୍ଯ୍ୟକ୍ରମରପ୍ରଶଂସା କରିବା ସହ ଏହା ଛାତ୍ର ଛାତ୍ରୀ ମାନଙ୍କ ର ମେଧା ଓ କୌଶଳର ବିକାଶରେ ବିଶେଷ ସହାୟକ ହେବ ବୋଲି ମତ ପ୍ରଦାନ କରିଥିଲେ ।ଅନୁଷ୍ଠାନର ଇଂରାଜୀ ଅଧ୍ୟାପକ କାର୍ତ୍ତିକେଶ୍ୱର ପାତ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ।ସମସ୍ତ କୃତୀ ଛାତ୍ର ଛାତ୍ରୀ ମାନଙ୍କୁ ସାର୍ଟିଫିକେଟ ଓ ପୁରସ୍କାର ପ୍ରଦାନ କରା ଯାଇଥିଲା। ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯୁକ୍ତ ୩ ଶେଷ ବର୍ଷର ଛାତ୍ରୀ କୁମାରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ପଣ୍ଡାଙ୍କୁ ଶ୍ରେଷ୍ଠ ଛାତ୍ରୀ ଭାବରେ ପୁରସ୍କୃତ କରା ଯାଇଥିଲା। ପରିଶେଷରେ ଇତିହାସ ଅଧାପିକା ଶ୍ରୀମତୀ ସୁଜାତା ରାଣୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ସରକାରୀ ଗୋଚର ଜାଗା କେବେ ଜବର ଦଖଲରୁ ମୁକ୍ତ ହେବ ?

ବାଲିଆପାଳ/ଲଙ୍ଗଳେଶ୍ୱର ୧୯/୪(ନିପ୍ର) ବାଲିଆପାଳ ତହସିଲ ଅଧିନ ହେକ୍ଟର ହେକ୍ଟର ସରକାରୀ ଜାଗା ଏବେ ମୁଷ୍ଟିମେୟଙ୍କ ଜବର ଦାଖଲରେ। ସେ ସବୁରୁ ଜବର ଦଖଲ କେବେ ହଟିବ ଏବେ ସାଧାରଣରେ ପ୍ରଶ୍ନ ବାଚୀ। ତହସିଲ କତୃପକ୍ଷ କର୍ମଚାରୀ ଅଭାବର ଆଳ ଦେଖାଇ ହାତ ଗୋଡ଼ ବାନ୍ଧି ବସି ରହୁଛନ୍ତି। ଏବେ ଅଧିକାଂଶ ଗାଁ ରେ ଆଉ ସରକାରୀ ଗୋଚର ଜାଗା ନାହିଁ କହିଲେ ଚଳେ। ସରକାରୀ ଜାଗାରେ ମୁଷ୍ଟିମେୟ ଲୋକମାନେ ସ୍ଥାୟୀ ପକ୍କା ଘର ନିର୍ମାଣ କରି ରହିବା ସହିତ ଦୋକାନ ଘର କରି ଭଡା ଉଠାଉଛନ୍ତି। ଲୋକେ ଅଭିଯୋଗ କଲେ ମୁଷ୍ଟିମେୟ ମାନେ ନାନା ଧମକ ଚମକ ଦେଉଛନ୍ତି। ଦକ୍ଷିଣ ବାଲିଆପାଳ ବଙ୍ଗୋପ ସାଗର ଉପକୂଳରେ ଶହ ଶହ ହେକ୍ଟର ଜଙ୍ଗଲ କିସମ ଜାଗାକୁ ମୁଷ୍ଟିମେୟମାନେ ଜବର ଦଖଲ କରିବା ସହିତ ସେବୁକୁ ସେମାନେ ଅନ୍ୟକୁ ଦଖଲ ଦେଇ ମୋଟା ଅଙ୍କର ଅର୍ଥ ନେଉଛନ୍ତି। ସେହି ସବୁ ଅଞ୍ଚଳରେ ସେମାନେ ସରକାରଙ୍କ ଉନ୍ନୟନ କାର୍ଯ୍ୟ କୁ ବିରୋଧ କରୁଛନ୍ତି। ବହୁ ସରକାରୀ ଗୋଚର ଜାଗା ରେ ମଠ, ମନ୍ଦିର, ମସଜିଦ, ପୀରବାବା ପୀଠ, କ୍ଲବ ମହିଳା ସମିତି ମାନ ଗଢି ଉଠିଛି। କେତେକ ସରକାରୀ ଗୋଚର ଜାଗାକୁ ବଙ୍ଗଳା ଦେଶୀମାନେ ଜବର ଦଖଲ କରି ନେଇଛନ୍ତି। ବାସୁଦେବପୁର ଗାଁ ର ସରକାରୀ ଗୋଚର ଜାଗାକୁ ବାଂଲା ଦେଶୀ ମୁସଲମାନ ମାନେ ଜବର ଦାଖଲ କରି ଘର କରି ରହୁଛନ୍ତି। ରାଜନେତା ମାନେ ଭୋଟ ପାଇଁ ସେମାନଙ୍କୁ ସମର୍ଥନ କରୁଛନ୍ତି। ତହସିଲ କତୃପକ୍ଷଙ୍କୁ ହାତ କରି ଜାଗାର କିସମ ମଧ ପରିବର୍ତ୍ତନ କରି ନେଉଛନ୍ତି। ଏହାର ଏକ ବିଧିବଦ୍ଧ ତଦନ୍ତ ହେଉ ବୋଲି ସର୍ବସାଧାରଣରେ ଆଲୋଚନା ହେଉଛି।

# ପାଣିକୋଇଲି ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ

କୋରେଇ, ୧୯/୪ (ନି.ପ୍ର): କଠିନ ପରିଶ୍ରମ ଛାତ୍ରକୁ ସଫଳତାର ଶିର୍ଷରେ ପହଂଚାଇଥାଏ । ଲକ୍ଷ୍ୟପଥ ନିର୍ଦ୍ଧାରଣ କରି ପୁସ୍ତକ ମଧ୍ୟରେ ସମୀତ ରହିଲେ ସଫଳତା ମିଳେନାହିଁ । ପାଣି;କାଇଲି ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବରେ ବକ୍ତା ମାନେ ମତବ୍ୟତ କରିଥିଲେ । ପ୍ରଧାନ ଶିକ୍ଷୟତ୍ରୀ ଶ୍ରମତୀ ଗାୟତ୍ରୀ ନାୟକଙ୍କ ସଭାପିତ୍ୱରେ ଆୟୋଜିତ ବାର୍ଷିକୋତ୍ସବ ସନ୍ଧ୍ୟାରେ ମୁଖ୍ୟ ଅତିଥିଭାବେ କୋରେଇ ବିଧାୟକ ଆକାଶ ଦାସନାୟକ ଯୋଗଦେଇ ଶିକ୍ଷକଙ୍କକ ଗୁଣାତ୍ମକ ଶିକ୍ଷା ପିଲାମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ ଗଢିବାରେ ସହାୟକ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟ ବକ୍ତା ଭାବେ କୋରେଇ ବିଇଓ ସୁଦର୍ଶସନ ମଲ୍ଲିକ, ସମ୍ମାନୀତ ଅତିଥିଭାବେ ଏବିଇଓ ବିଜୟ କୁମାର ମଲ୍ଲିକ, ପାଣିକୋଇଲିତ ସରପଂଚ ପଦ୍ମାବତୀ ପଣ୍ଡା, ପରିଚାଳନା କମିଟି ସଭାପତି ପ୍ରେମେଶ ମହାକୁଡ, ପଂଚଶଖା ଶିକ୍ଷା ସେତୁର ସଭାପତି ସୁଧାଂଶୁ ଘଡାଇ ପ୍ରମୁଖ ଯୋଗେଦେଇ ଛାତ୍ର/ଛାତ୍ରୀ ମାନଙ୍କୁ ବହୁମୂଲ୍ୟ ପରାମର୍ଶ ଦେଇଥିଲେ । ଶିକ୍ଷକା ଇତିଶ୍ରୀ ଲେଙ୍କା ବାର୍ଷିକ ବିବରଣୀ ପାଠ କରିଥିଲେ । ଶିକ୍ଷକ ପ୍ରତାପ କୁମାର ପହୀ ଅତିଥି ପରିଚୟ ପ୍ରଦାନ କରଇଥିଲେ ।

# ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଶହେବର୍ଷ ପୂର୍ତ୍ତି ଉପଲକ୍ଷେ ଶତବାର୍ଷିକୀ ପାଳିତ




ନୀଳଗିରି , ୧୯/୪ (ନି.ପ୍ର): ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଶହେବର୍ଷ ପୂର୍ତ୍ତି ଉପଲକ୍ଷେ ନୀଳଗିରି ଆଞ୍ଚଳିକ କମିଟି ତରଫରୁ ଶତବାର୍ଷିକୀ ପାଳିତ ହୋଇଯାଇଛି। ଏହି ଅବସରରେ ନୀଳଗିରି ସିପିଆଇର ଶତାଧିକ କର୍ମୀ ଓ ସାଧାରଣଜନତା ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରି ଜଗନ୍ନାଥ ମନ୍ଦିର ନିକଟରୁ ପଦଯାତ୍ରାରେ ଆସି ଉପଜିଲ୍ଲାପାଳଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଇକୋ ସେନସେଟିଭ ଜୋନ ପ୍ରତ୍ୟାହାର କରି ନୀଳଗିରି ବଉଳଗଡିଆ ରାସ୍ତାର ପୁନଃ ନିର୍ମାଣ ପାଇଁ ଦାବିପତ୍ରରେ ଉଲ୍ଲେଖ କରିଥିଲେ । ପରେ ଦିବା ୧୧ ଘଟିକା ସମୟରେ ନୀଳଗିରି ଏନ.ଏ.ସି. କଲ୍ୟାଣ ମଣ୍ଡପରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଶହେବର୍ଷ ପୂର୍ତ୍ତି ଉପଲକ୍ଷେ ନୀଳଗିରି ଅଞ୍ଚଳ କମିଟି ତରଫରୁ ତ୍ୟାଗ ଓ ବଳିଦାନର ଶତବାର୍ଷିକୀ ଉତ୍ସବ ପାଳନ କରାଯାଇଥିଲା। ବରିଷ୍ଠ ବର୍ଷିଆନ ସାଥି କୈଳାସ ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶତବାର୍ଷିକୀ ସଭାରେ ରାଜ୍ୟ ସମ୍ପାଦକ ଆଶିଷ କାନୁନଗୋ, ଜିଲ୍ଲା ସମ୍ପାଦକ ନିରଞ୍ଜନ ବାରିକ, ବରିଷ୍ଠ ସାଥି କରୁଣାକର ପରିଡା, ରାଜ୍ୟସ୍ତରୀୟ ଶ୍ରମିକ ନେତା ଜୟନ୍ତ ଦାସ, ଜୋନ ସମ୍ପାଦକ ବିଜୟ କୁମାର ସ, ବିଧାୟକ ପ୍ରାର୍ଥୀ ଅଜୟ ପଟ୍ଟନାୟକ, ଶ୍ୟାମସୁନ୍ଦରପୁର ସରପଞ୍ଚ ପୁରୁଷତ୍ତମ ସେଠି, ବରିଷ୍ଠ ସାମ୍ୟବାଦୀ ନେତା ଜୟକୃଷ୍ଣ ଖିଲାର, ନିରଞ୍ଜନ ରଣଜିତ, ରାମଚନ୍ଦ୍ର ବେହେରା, ମଞ୍ଚାସିନରହି ଉପସ୍ଥିତ ସାଥି ମାନଙ୍କୁ ନୀଳଗିରି ଗଡଜାତ ରାଜ୍ୟ ମିଶ୍ରଣର ଇତିହାସ ବିଷୟରେ ଉଦବୋଧନ ଦେବା ସହିତ ସ୍ୱାଧୀନତା ଠାରୁ ଏଯାବତ ସାଧାରଣ ଗରିବ ଖଟିଖିଆ, ଚାଷୀ, ମୁଲିଆ ଲୋକ ମାନଙ୍କ ପାଇଁ ଏଯାବତ କମ୍ୟୁନିଷ୍ଟ ଦଳ ସଂଗ୍ରାମ କରିଚାଲିଥିବା ବିଷୟରେ ଆଲୋକପାତ କରିଥିଲେ । ନୀଳଗିରି ଗଡଜାତ ମିଶ୍ରଣର ଅନନ୍ୟ ସଂଗ୍ରାମୀ ବନମାଳୀ ଦାସ, ଈଶ୍ୱର ଦାସ, ପ୍ରାଣବନ୍ଧୁ ଅଗସ୍ତି, ବାଇଧର ମହାନ୍ତି, ଗୋକୁଳି ନାୟକ, କେଶବ ଚନ୍ଦ୍ର ବାରିକ, କାଙ୍ଗାଳି ଚରଣ ଦାସ, ପ୍ରଭାତ ଚନ୍ଦ୍ର ମହାନ୍ତିଙ୍କ ଭଳି ୫୦ରୁ ଉର୍ଦ୍ଧ ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ଉତ୍ତରାଧିକାରୀଙ୍କୁ ଏହି କାର୍ଯ୍ୟକ୍ରମରେ ଉତ୍ତରୀୟ, ପୁଷ୍ପଗୁଚ୍ଛ ଏବଂ ମାନପତ୍ର ସମର୍ପଣ ପୂର୍ବକ ମରୋଣତ୍ତର ସମ୍ମାନରେ ସମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପ୍ରତାପ ଚନ୍ଦ୍ର ମହାନ୍ତି, ଅନିରୁଦ୍ଧ ନାୟକ, ନିହାର ରଞ୍ଜନ ଜେନା, ହରେକୃଷ୍ଣ ପଣ୍ଡିତ ପ୍ରଭାକର ମହାପାତ୍ର, ନାରୀନେତ୍ରୀ ପ୍ରଭାବତୀ ଦାସ, ଅରୁଣା ବାରିକ, ବାସନ୍ତୀ ନାୟକ, ଗାୟତ୍ରୀ ପଣ୍ଡା, ମଞ୍ଜୁଲତା ବେହେରା, ବିଦ୍ୟାଧର ବେହେରା,ଦେବେନ୍ଦ୍ର ବେହେରା ପ୍ରମୁଖ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

**AFFIDAVIT**

By virtue of affidavit before notary public, Nilgiri, I Kamalakanta Parhi, aged about 53 yrs, S/o Surendra Parhi of Village Kantabania, P.o. Srirampur, P.S. Khaira, Dist- Balasore solemnly affirm and declare that as per my Aadhar Card No-976511923234, PAN Card No-ANCPP4149A I am known as Kamalakanta Parhi S/O Surendra Parhi, but as per my Identity Card given by Indo Tibetan Border Police Force Under Ministry of Home Affairs Govt. of India Regd. No 928010097. My name is recorded as Kamla Kant Parhi S/O Surendra Parhi. Both Kamalakanta Parhi and Kamla Kant Parhi are one and same person.

**Kamalakanta Parhi**

# ବଲାଙ୍ଗିର ବରକାନିଠାରେ 'ଓଭୋ ଫାର୍ମ ଅଣ୍ଡା ପ୍ରକ୍ରିୟାକରଣ କାରଖାନା'ର ଉଦ୍‌ଘାଟନ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ



ବରକାନି, ୧୯/୪ (ନି.ପ୍ର): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର ବଲାଙ୍ଗିରର ବରକାନି ଠାରେ 'ଓଭୋ ଫାର୍ମ ଅଣ୍ଡା ପ୍ରକ୍ରିୟାକରଣ କାରଖାନା'ର ଶୁଭାରମ୍ଭ କରିବା ସହ ପରିଦର୍ଶନ କରିଛନ୍ତି । ଆକାଂକ୍ଷା ଜିଲ୍ଲାରେ ଏହି ପ୍ଲାଣ୍ଟର ସ୍ଥାପନା ଆତ୍ମବିଶ୍ୱାସ ଓ ଦୃଢ କଳ୍ପନାର ପ୍ରତିଫଳନ ତଥା ବଲାଙ୍ଗୀର ସମେତ ରାଜ୍ୟ ପାଇଁ ଏକ ଉଦାହରଣ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଆଜିର ପଦକ୍ଷେପ ଦ୍ୱାରା କୃଷି ଓ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ବଲାଙ୍ଗିର ଆଉ ଗୋଟିଏ ପାଦ ଆଗକୁ ବଢିଲା । ବଡ କାମ କରିବା ପାଇଁ ହେଲେ ବଡ ଭାବିବାକୁ ପଡେ । ବଲାଙ୍ଗିର ଭଳି ଆକାଂକ୍ଷୀ ଜିଲ୍ଲାରେ ଏଭଳି ବିଶ୍ୱମାନର ପ୍ଲାଣ୍ଟର କଳ୍ପନାକୁ ପ୍ରଶଂସା କରି ସେ କହିଛନ୍ତି ବଲାଙ୍ଗୀର ଭଳି ଅଞ୍ଚଳରୁ ସ୍ଥାପନା ହୋଇଥିବା ଏହି ପ୍ଲାଣ୍ଟର ଏକ ଗ୍ଲୋବାଲ ମାର୍କେଟ୍ ଅଛି । ଏଠାରେ ଉତ୍ପାଦିତ ହେଉଥିବା ଏଗ୍ ପାଉଡର ବିଶ୍ୱବଜାରକୁ ଯିବ । ଏହି ପ୍ଲାଣ୍ଟ୍ ଦ୍ୱାରା ସ୍ଥାନୀୟ ଅର୍ଥନୀତିକୁ ବଳ ମିଳିବ । ସ୍ଥାନୀୟ ଯୁବାଙ୍କୁ ନିଯୁକ୍ତିର ସୁଯୋଗ ମଧ ମିଳିବ । ସବୁଠାରୁ ବଡ଼ କଥା ହେଲା, ବଲାଙ୍ଗୀରର ଆକାଂକ୍ଷୀ ଯୁବବର୍ଗଙ୍କୁ ଏଣ୍ଟ୍ରପ୍ରିନ୍ୟୁଅର ହେବା ପାଇଁ ଏହି ଶିଳ୍ପ ଉତ୍ସାହିତ କରିବ । ସ୍ଥାନୀୟ ଅର୍ଥନୀତିକୁ ମଜଭୂତ୍ କରିବା ପାଇଁ ଉଦ୍ୟମ କରିଥିବାରୁ ଓଭୋ ଫାର୍ମ ପ୍ରାଇଭେଟ୍ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ସୌମେନ୍ଦ୍ର ମିଶ୍ର ଏବଂ ସହଯୋଗୀ ସମରେନ୍ଦ୍ର ମିଶ୍ରଙ୍କୁ ଧନ୍ୟବାଦ ଜଣାଇଛନ୍ତି । ନିଜ ଅଞ୍ଚଳ ପ୍ରତି ଆସକ୍ତି, ମମତା ଥିବା କାରଣରୁ ସେ ଏହି କାରଖାନାକୁ ସାକାର ରୂପ ଦେଇଛନ୍ତି । କେନ୍ଦ୍ରମନ୍ତ୍ରୀ ଆହୁରି କହିଛନ୍ତି ଯେ ସାମ୍ପ୍ରତିକ ସମୟରେ କୃଷି ଉଦ୍ୟୋଗ କ୍ଷେତ୍ରରେ ଅତ୍ୟାଧୁନିକ ଜ୍ଞାନକୌଶଳର ବ୍ୟବହାର ଫଳରେ ଉତ୍ପାଦନ ପ୍ରକ୍ରିୟା ସମ୍ପ୍ରସାରଣ ହୋଇପାରୁଛି । ଏହିଭଳି ଭାବରେ ଲୋକାର୍ପିତ 'ଏଗ୍ ପ୍ରୋସେସିଂ ପ୍ଲାଣ୍ଟ୍' ଏକ ପ୍ରଶଂସନୀୟ ପଦକ୍ଷେପ । ଏହି କାରଖାନାରେ ଉତ୍ପାଦନ ହେଉଥିବା ଅଣ୍ଡା ଓ ବିଭିନ୍ନ ଉତ୍ପାଦର ଗୁଣବତ୍ତା ଉଚ୍ଚମାନର । ବଲାଙ୍ଗିର ଯୁବକମାନେ ବାହାର ରାଜ୍ୟକୁ ରୋଜଗାର ପାଇବା ଆଶାରେ ଯାଉଥିଲେ । ତେବେ ଆଜିର ଏହି ଓଭୋ ଫାର୍ମ ବଲାଙ୍ଗିରରେ ରୋଜଗାର ଏବଂ ବିକାଶର ମୂଳଦୁଆ ପକେଇଲା । ଏହି କାରଖାନା ରାଜ୍ୟର ଯୁବ ଉଦ୍ୟୋଗୀ ତଥା ଭାରତବର୍ଷର ଦୁର୍ଗମ ଅଞ୍ଚଳର ଯୁବଗୋଷ୍ଠୀଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବଢାଇବା ସହ ଅନୁପ୍ରାଣିତ କରିବ । ବଲାଙ୍ଗିର ଜିଲ୍ଲାରେ ଶିଳ୍ପ ପାଇଁ ବାତାବରଣ ସୃଷ୍ଟି କରିବା ପାଇଁ ଶ୍ରୀ ପ୍ରଧାନ ଆହ୍ୱାନ କରିଥିଲେ । ଚଳିତଥର ଫିଫାର ମ୍ୟାଚରେ ଓଭୋ ଫାର୍ମ ଅଣ୍ଡାର ବ୍ୟବହାର ହେବା ପ୍ରଶଂସନୀୟ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ମିଳିଲାନି ନିମନ୍ତ୍ରଣ...

ତା'ସହ କହିଛନ୍ତି ହେଲେ ଦଳ ସହ ମୁଁ ରହିଛି, ଚକ୍ରାନ୍ତ କଥା ଜାଣିନି । ସେମିତି ଶଶି ବେହେରା ଆଜିର ଘଟଣାରେ ଆଶ୍ଚର୍ଯ୍ୟ ପ୍ରକଟ କରି କହିଛନ୍ତି 'ମୋତେ କାହିଁକି ଡକାଯାଇନି, ସେକଥା ଦଳର ସାଂଗଠନିକ କଥା ବୁଝୁଥିବା ବ୍ୟକ୍ତି ହିଁ କହି ପାରିବେ ।' ତେବେ ବିଜେଡି ଷ୍ଟେଟ୍ କାଉନସିଲ୍ ମିଟିଂକୁ କାହିଁକି ଆସିଲେନି ଶଙ୍ଖ ଦଳର ବହୁ ଅଭିଜ୍ଞ ନେତା ? କଣ ମେଳି କରିଥିବା ନେତାଙ୍କ ପତ୍ତା କଟିଲା କି ? ତାକୁ ନେଇ ଆରମ୍ଭ ହୋଇଛି ନାନା ଚର୍ଚ୍ଚା । ଯେହେତୁ ୱକଫ୍ ବିଲ୍ ଭୋଟିଂ ଦ୍ୱନ୍ଦ୍ୱ ପରଠୁ ନେତାଙ୍କ ବୟାନବାଜି ସହ ଘନ ଘନ ମେଳି ଚାଲିଥିଲା, ତେଣୁ ସେତେବେଳେ ଗଣମାଧ୍ୟମ ଆଗରେ ମୁହଁ ଖୋଲିଥିବା ନେତାମାନଙ୍କୁ ସାଇଡ୍ କରାଯାଇଥିବା ବି ଆଲୋଚନା ହେଉଛି । ଯେମିତି କି ପ୍ରଫୁଲ୍ଲ ମଲ୍ଲିକ, ପାଣ୍ଡିଆନଙ୍କୁ ସମର୍ଥନ ଦେଇ ନବୀନ ଦେଇଥିବା ବୟାନକୁ ସେତେବେଳେ ସେ କଡ଼ା ସମାଲୋଚନା କରିଥିଲେ । ତା'ସହ ଦଳରେ କେହି ଚାକିରି କରିନାହାନ୍ତି ଯେ ତାଙ୍କୁ ନାଲି ଆଖି ଦେଖାଇବେ ବୋଲି ବି କହିଥିଲେ । ସେହିଭଳି ନବୀନଙ୍କୁ ବାହ୍ୟଶକ୍ତି ଦୁର୍ବଳ କରିବାକୁ ଚାହିଁଲେ ପ୍ରତିହତ କରିବୁ ବୋଲି କହିଥିଲେ ଶଶି ବେହେରା । ଯାହାକି ସିଧା ଦ୍ୱିତୀୟ କ୍ଷମତାକେନ୍ଦ୍ରକୁ ମାଡ଼ ହୋଇଥିଲା । ସେହିପରି ଅନ୍ୟତମ ବରିଷ୍ଠ ନେତା ରଣେନ୍ଦ୍ର ପ୍ରତାପ ସ୍ୱାଇଁ ବିଜେଡି ସଂଗଠନକୁ ହାଇଜ୍ୟାକ୍ କରିବାକୁ ଦିଆନଯାଉ ବୋଲି ନବୀନଙ୍କୁ ଚିଠି ଲେଖିଥିଲେ । ଯାହାର ପରିଣାମ ସ୍ୱରୂପ ଆଜି ଦଳର କାର୍ଯ୍ୟକ୍ରମକୁ ଏସବୁ ନେତାମାନଙ୍କୁ ଡକାଯାଇନି ବୋଲି କୁହାଯାଉଛି । ଅପରପକ୍ଷେ ଏହି ପ୍ରସଙ୍ଗରେ ପ୍ରତିକ୍ରିୟା ରଖି ବିଜେଡି ନେତା ନୃସିଂହ ସାହୁ ଓ ଦେବୀ ମିଶ୍ର କହିଛନ୍ତି, ଦଳରେ ସେଭଳି କୌଣସି ଅସନ୍ତୋଷ ନାହିଁ । ଦଳ ଆଗକୁ ଠିକ୍ ରେ ବଢ଼ିବ । ଯେଉଁମାନେ ଆଜି କାର୍ଯ୍ୟକ୍ରମରେ ଅନୁପସ୍ଥିତ ଅଛନ୍ତି, ତାହା ସେମାନଙ୍କ ବ୍ୟକ୍ତିଗତ କାରଣ ହୋଇପାରେ । ଏସବୁ ଭିତରେ ଦଳ ସଭାପତି ଯେଉଁଦିନ ନିର୍ବାଚିତ ହେବେ, ସେଦିନ ବିଜେଡିର ୮୧ ଜଣିଆ କାର୍ଯ୍ୟକାରିଣୀ ସଦସ୍ୟଙ୍କ ନାଁ ବି ଘୋଷଣା ହେବା କଥା । ହେଲେ ତାହା ଆଜି ହୋଇନି । ଚର୍ଚ୍ଚା ହେଉଛି ବିଦ୍ରୋହ ଭୟରେ ନବୀନ ଏହାକୁ ଚାପି ରଖିଛନ୍ତି ।

### ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ...

ସନ୍ଦେହ ସୃଷ୍ଟି ହୋଇଥିଲା । ଏବେ ନବୀନ ଓଡ଼ିଶା ସ୍ୱାର୍ଥ ପାଇଁ ଲଢେଇ କଥା କହି କେନ୍ଦ୍ର ବିରୋଧରେ ଆଭିମୁଖ୍ୟକୁ ସ୍ପଷ୍ଟ କରିଛନ୍ତି ବୋଲି ନେତାଙ୍କ ମତ । ସେପଟେ ନବୀନଙ୍କ ମିଛ ପ୍ରଚାର ବୟାନ ଉପରେ ବିଜେପି ରାଜ୍ୟସଭାପତି ମନମୋହନ ସାମଲ କହିଛନ୍ତି- ଫଲସ୍ ନାରେଟିଭ୍ ଯୋଗୁଁ ନୁହେଁ, ବରଂ ବିଜେଡି ନିଜ ଅଯୋଗ୍ୟତାରୁ ହାରିଲା । ଏଣେ ନବୀନ ସଭାପତି ଭାବେ ନିର୍ବାଚିତ ହେବା ପରେ ଦଳର ତୁଙ୍ଗ ନେତୃମଣ୍ଡଳି ଓ କର୍ମୀ ବେଶ୍ ଉତ୍ସାହିତ । ଦୀର୍ଘ ଦିନ ପରେ ଶଙ୍ଖ ଭବନରେ କର୍ମୀ ଓ ନେତାଙ୍କ ଗହଳି ଦେଖିବାକୁ ମିଳିଥିଲା । କିନ୍ତୁ ଅସନ୍ତୋଷର କଳାବାଦଲ ଏବେ ବି ଘେରି ରହିଛି । କ୍ଷମତା ଯିବା ପରେ ନେତାଙ୍କ ଉପରେ ନବୀନଙ୍କ ପକଡ଼ ଖସୁଛି । ଯେଉଁଥିପାଇଁ କିଏ ମେଳି କରୁଛି ତ ଆଉ କିଏ ନେତୃତ୍ୱ ବିରୋଧରେ ପ୍ରଶ୍ନ ଉଠାଉଛି । ନବୀନଙ୍କ ନବମ ପାଳିରେ ରାଜ୍ୟ କମିଟି ଓ ଛାମୁଆ ସଂଗଠନ ଦାୟିତ୍ୱ ବାଣ୍ଟିବା ସମୟରେ ଅନେକ ଆହ୍ୱାନ ରହିବ । ପ୍ରଥମ ଆହ୍ୱାନ ହେବ, ଅସନ୍ତୁଷ୍ଟ ବରିଷ୍ଠ ଓ ଯୁବ ନେତାଙ୍କୁ କିପରି ଥଇଥାନ କରିବେ । ଦ୍ୱିତୀୟରେ ୨୪ ବିପର୍ଯ୍ୟୟର କାରଣ ସାଜିଥିବା ଆଗଧାଡିର ନେତାଙ୍କୁ ଆଉଟ୍ କରିବେ ନା ରଖିବେ ? କାରଣ ଯୁବ ଚେହେରାଙ୍କୁ ଦାୟିତ୍ୱ ଦେବାକୁ ଦାବି ଉଠିଲାଣି । ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ ହେଲା ପାଣ୍ଡିଆନ୍ ଫାକ୍ଟର । ତିନି ତିନି ଥର ପାଣ୍ଡିଆନଙ୍କ ସପକ୍ଷରେ ନବୀନ ମୁହଁ ଖୋଲି ନେତା ଓ କର୍ମୀଙ୍କୁ ଅସନ୍ତୁଷ୍ଟ କରିଛନ୍ତି । ଯେଉଁଥିପାଇଁ ନବୀନ ନିବାସ ଭିତରେ ଓ ବାହାରେ ପାଣ୍ଡିଆନ୍ ଗୋ ବ୍ୟାକ୍ ନାରା ପଡିଥିଲା । ସଂଗଠନ ରଖିବାକୁ ହେଲେ ପାଣ୍ଡିଆନଙ୍କୁ ନେଇ ନବୀନ ଅଧିକ ସ୍ପଷ୍ଟତା ଆଣିବାର ଆବଶ୍ୟକତା ଅଛି ବୋଲି ଚର୍ଚ୍ଚା ହେଉଛି । ସେପଟେ ଦଳରେ ଅସନ୍ତୁଷ୍ଟ ଥିବା କିଛି ନେତା ଏହି କଥାକୁ ଖୋଲାଖୋଲି ସ୍ୱୀକାର କରିଛନ୍ତି । ଅନ୍ୟପଟେ ନେତାଙ୍କ ଏକାଠି ବୈଠକକୁ କେହି ରୋକି ପାରିବେ ନାହିଁ ବୋଲି ମଧ ସ୍ୱର ଉଠିଛି । ସେପଟେ ବିବାଦ ପାଇଁ ଆହୁରି ୧୫ଟି ସାଂଗଠନିକ ଜିଲ୍ଲାରେ ସଭାପତି ଘୋଷଣା ହୋଇନି । ଏପରିକି ନବୀନଙ୍କ ନିର୍ବାଚନ ମଣ୍ଡଳୀ ଥିବା ଗଞ୍ଜାମରେ ବି ସହମତି ହୋଇପାରୁନି । ଖୁବ୍ ଶୀଘ୍ର ନବୀନ ନୂଆ ଟିମ୍ ଗଠନ କରିବେ । ତେବେ ନବୀନଙ୍କ ନୂଆ ଟିମ୍ କେମିତି ହେଉଛି ଆଉ କିଛି ସଂସ୍କାର ଆସୁଛି ନା ନାହିଁ ତା'ଉପରେ ସମସ୍ତଙ୍କ ନଜର ।

### ରାଉରକେଲାରେ ପୁଲିସ...

ପୋଲିସ କର୍ମୀ ଆହତ ହୋଇଥିବା ବେଳେ ମୁହାଁମୁହିଁ ବେଳେ ୩ ଆନ୍ଦୋଳନକାରୀ ମଧ ଆହତ ହୋଇଛନ୍ତି । ସମସ୍ତଙ୍କୁ ରାଉରକେଲା ସରକାରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଆରଏସପିର ତୃତୀୟ ରେଳ ଲାଇନକୁ ବିରୋଧ କରି ମାସେରୁ ଅଧିକ ସମୟ ହେଲା ବନ୍ଧମୁଣ୍ଡା ବରକାନି ଗାଁ ନିକଟରେ ଧାରଣା ଦେଇଆସୁଛନ୍ତି ସ୍ଥାନୀୟ ବାସିନ୍ଦା । ଆଜି ନିର୍ମାଣ କାମ ଚାଲିଥିବା ବେଳେ ମଧ ସ୍ଥାନୀୟ ବାସିନ୍ଦା ବିରୋଧ ପ୍ରଦର୍ଶନ କରିଥିଲେ । ତେବେ ଜେସିବିରେ ଚାପି ହୋଇ ଆନ୍ଦୋଳନକାରୀଙ୍କ ମଧ୍ୟରୁ ଜଣେ ଯୁବକଙ୍କ ମୃତ୍ୟୁ ପରେ ହଠାତ୍ ପରିସ୍ଥିତି ଅଣାୟତ୍ତ ହୋଇପଡିଥିଲା । ତେବେ କେଉଁ ସ୍ଥିତିରେ ଏମିତି ଘଟଣା ଘଟିଲା ତା'ର ତଦନ୍ତ ଚାଲିଛି । ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖାଯାଇଥିବା ଉତ୍ତରାଞ୍ଚଳ ଡିଆଇଜି ସୂଚନା ଦେଇଛନ୍ତି ।

### ଆଗାମୀ ୬ ଦିନ...

ମାଲକାନଗିରି, କୋରାପୁଟ ଓ ରାୟଗଡ଼ା ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଏହି ସବୁ ଜିଲ୍ଲା ଗୁଡ଼ିକର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ମଧ୍ୟାହ୍ନ/ସନ୍ଧ୍ୟା ସମୟରେ ଘଡ଼ଘଡ଼ି ସହ ଝଟକା ପବନ (୩୦-୪୦) କିଲୋମିଟର ପ୍ରତି ଘଣ୍ଟା ହେବାର ସମ୍ଭାବନା ରହିଛି । ଅନ୍ୟପଟେ ୨୪ରୁ ୨୬ ତାରିଖ ପର୍ଯ୍ୟନ୍ତ କୋରାପୁଟ ଓ ମାଲକାନଗିରି ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ମଧ୍ୟାହ୍ନ/ସନ୍ଧ୍ୟା ସମୟରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା କିମ୍ବା ବଜ୍ରପାତ ସହିତ ବର୍ଷା ହେବାର ସମ୍ଭାବନା ରହିଥିବା ପୂର୍ବାନୁମାନ କରିଛି ସତର୍କ କରାଇଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର ।

### ଅଶାନ୍ତ ବାଂଲାଦେଶ...

ଭାବରେ ମଧ କାର୍ଯ୍ୟ କରିଥିଲେ।ବିରାଲ ପୋଲିସ ଷ୍ଟେସନର ଅଧିକାରୀମାନେ କହିଛନ୍ତି ପୋଲିସ ସମ୍ପୃକ୍ତ ସନ୍ଦିଗ୍ଧଙ୍କୁ ଚିହ୍ନଟ କରି ପ୍ରକ୍ରିୟା ଜାରୀ ରହିଛି। ଏଠି ଅନୁମାନ କରନ୍ତୁ ଯଦି ଜଣେ ନେତାଙ୍କୁ ହତ୍ୟା କରାଯାଉଛି ଆଉ ଘଟଣାର ୧୦ ଘଣ୍ଟା ପରେ ବି ପୋଲିସର ହାତ ଖାଲି , ସେହି ଦେଶରେ ହିନ୍ଦୁଙ୍କ ଅବସ୍ଥା କେମିତି ଥିବ ଓ ତାଙ୍କୁ କେମିତି ନ୍ୟାୟ ମିଳୁଥିବ ଚିନ୍ତା କରନ୍ତୁ। ସ୍ଥାନୀୟ ଗଣମାଧ୍ୟମ ସହିତ କଥାବାର୍ତ୍ତା କରି ଭାବେଷଙ୍କ ପତ୍ନୀ ଶାନ୍ତନା ରାୟ କହିଛନ୍ତି ,ଗୁରୁବାର ଦିନ ଚାରି ଜଣ ବ୍ୟକ୍ତି ଦୁଇଟି ମୋଟରସାଇକେଲରେ ଆସି ଘରୁ ଭାବେଶଙ୍କୁ ଅପହରଣ କରି ନେଇଥିଲେ। ଆକ୍ରମଣକାରୀ ମାନେ ପରେ ଭାବେଶଙ୍କୁ ନାରାବାରି ଗାଁକୁ ନେଇଯାଇଥିଲେ, ଯେଉଁଠାରେ ତାଙ୍କୁ ନିର୍ମମ ଭାବରେ ମାଡ଼ ମାରିଥିଲେ ଏବଂ ମୃତ୍ୟୁ ପରେ ଶବକୁ ଘର ରଖି ଚାଲିଯାଇଥିଲେ । ଭବେଶଙ୍କୁ ତୁରନ୍ତ ଦିନାଜପୁର ମେଡିକାଲ କଲେଜ ହସ୍ପିଟାଲକୁ ନିଆଯାଇଥିଲା, ଯେଉଁଠାରେ ପହଞ୍ଚିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୂଚନା ଅନୁସାରେ ଭାବେଶଙ୍କୁ ଅପହରଣ ପରେ ତାଙ୍କୁ ହିନ୍ଦୁ ଧର୍ମ ଛାଡି ଇସଲାମ ଧର୍ମ ଗ୍ରହଣ କରିବାକୁ ବାଧ କରାଯାଇଥିଲା ଏବଂ କୁହାଯାଇଥିଲା ଇସଲାମ ଧର୍ମ ଗ୍ରହଣ ନକଲେ ହତ୍ୟା କରିବୁ । ହତ୍ୟାପରେ ବାଂଲାଦେଶର କିଛି ସ୍ତାନରେ ପ୍ରତିବାଦ ଦେଖିବାକୁ ମିଳିଛି ।ଶେଖ୍ ହସିନାଙ୍କୁ କ୍ଷମତାଚ୍ୟୁତ କରିବା ପରେ, ସାରା ଦେଶରେ ସଂଖ୍ୟାଲଘୁ ସମ୍ପ୍ରଦାୟ ଉପରେ ବିଶେଷକରି ହିନ୍ଦୁ ସମ୍ପ୍ରଦାୟ ଉପରେ ଆକ୍ରମଣର ଅନେକ ଘଟଣା ଘଟିଛି। ଢାକାସ୍ଥିତ ମାନବାଧିକାର ସଂଗଠନ ଏକ ରିପୋର୍ଟରେ ଉଲ୍ଲେଖ କରିଛି, ବାଂଲାଦେଶରେ ହିନ୍ଦୁ ସମ୍ପ୍ରଦାୟଙ୍କ ଘର, ମନ୍ଦିର ଏବଂ ବ୍ୟବସାୟ ପ୍ରତିଷ୍ଠାନରେ ମୋଟ ୧୪୭ଟି ଭଙ୍ଗାରୁଜା ଘଟଣାର ରିପୋର୍ଟ ରହିଛି ।ଗତ ବର୍ଷ ଅଗଷ୍ଟରେ ମହମ୍ମଦ ୟୁନୁସ୍ ସରକାର ଗ୍ରହଣ କରିବା ପରେ ବାଂଲାଦେଶ ପ୍ରାୟତଃ ଅସ୍ଥିର ରହିଛି । ଭାରତ ବାଂଲାଦେଶରେ ହିନ୍ଦୁ ଏବଂ ଅନ୍ୟାନ୍ୟ ସଂଖ୍ୟାଲଘୁଙ୍କ ଉପରେ ହେଉଥିବା ଅତ୍ୟାଚାର ବିରୁଦ୍ଧରେ ବାରମ୍ବାର ଚିନ୍ତା ପ୍ରକାଶ କରିଛି। ବୈଦେଶିକ ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସୱାଲ କହିଛନ୍ତି ଆମେ ବାଂଲାଦେଶର ଜଣେ ହିନ୍ଦୁ ସଂଖ୍ୟାଲଘୁ ନେତା ଭାବେଶ ଚନ୍ଦ୍ର ରାୟଙ୍କ ଅପହରଣ ଏବଂ ନିର୍ମମ ହତ୍ୟାକୁ ଦୁଃଖର ସହିତ ଦେଖୁଛୁ। ଏହି ହତ୍ୟାକାଣ୍ଡ ଅନ୍ତରୀଣ ସରକାରଙ୍କ ଅଧୀନରେ ହିନ୍ଦୁ ଅଳ୍ପସଂଖ୍ୟଙ୍କ ଉପରେ ବ୍ୟବସ୍ଥିତ ହତ୍ୟାକାଣ୍ଡ ଥିଲା,ଯେତେବେଳେ ଏପରି ଅତୀତର ଘଟଣାର ଅପରାଧୀମାନେ ଦଣ୍ଡରୁ ମୁକ୍ତି ପାଇଁ ବୁଲୁଛନ୍ତି । ଭାରତ ଭବେଶଙ୍କ ମୃତ୍ୟୁ ଘଟଣାକୁ ଗୁରୁତର ସହ ନେଇଛି ଆଗକୁ ଦେଖିବାକୁ ବାକି ରହିଲା ୟୁନୁସ ସରକାର ଦୋଷୀଙ୍କ ବିରୋଧରେ କଣ କାର୍ଯ୍ୟାନୁଷ୍ଠାନ ନେଉଛନ୍ତି।

# କରଞ୍ଜମାଳରେ ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ

ଭଦ୍ରକ, ୧୯/୪ (ନି.ପ୍ର): ଭଦ୍ରକ ଜିଲା ଧାମରା ନିକଟସ୍ଥ କରଞ୍ଜମାଳ ପଂଚାୟତ ଧାନକୁଟା ଗ୍ରାମରେ ହନୁମାନ ମନ୍ଦିରର ପ୍ରଥମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ପାଳିତ ହୋଇ ଯାଇଛି। ଏହି ଉପଲକ୍ଷେ ଧାନକୁଟା ଗ୍ରାମର ସଧବା ନାରୀ ମାନେ ୧୦୮କଳସ ଶୋଭାଯାତ୍ରାରେ ଆଣି ପ୍ରତିଷ୍ଠା କରିବା ପରେ ବିଦ୍ଧିବଦ୍ଧ ଭାବେ ପୂଜାର୍ଚ୍ଚନା ହୋଇଥିଲା। ପ୍ରଥମେ ଅଧିବାସ ପରେ ସୂର୍ଯ୍ୟପୂଜା ,ଯଜ୍ଞଆରମ୍ଭ ଏବଂ ପରେ ଅଙ୍କୁରୋପଣ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହୋଇ ଯାଇଛି। ଏହି ପ୍ରଥମ ବାର୍ଷିକ ମନ୍ଦିର ପ୍ରତିଷ୍ଠା ଉତ୍ସବ ୩ ଦିନ ଧରି ଚାଲିଥିବା ବେଳେ ପ୍ରତ୍ୟେହ ସନ୍ଧ୍ୟାରେ ରାମଚରିତ ମାନସ ଓ ହନୁମାନ କଥାମୃତ ପ୍ରବଚନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ପ୍ରବଚକ ନିରଞ୍ଜନ ମହାପାତ୍ର ଏଥିରେ ଯୋଗ ଦେଇଥିଲେ। ହନୁମାନଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ବହୁ ବେଦଜ୍ଞ ପଣ୍ଡିତ ମାନେ ଯୋଗ ଦେଇଥିବା ବେଳେ ଧାନକୁଟା ଗ୍ରାମର ଶ୍ରୀପତି ଦାସ, ରମେଶ ନାୟକ, ହୃଶିକେଶ ମଣ୍ଡଳ, ସୁବାଶ ଦାସ, ଅଜାତ ଶତ୍ରୁ ଦାସ, ମାର୍କଣ୍ଡ ଦାସ, ଅଶ୍ୱିନୀ ନାୟକ, ସତ୍ୟଭାମା ଦାସ, ଅନୁସୟା ମାହୁନ୍ତ, କୌଶଲ୍ୟା ଦାସ, ଶାନ୍ତିଲତା ସ୍ୱାଇଁ, ପଂଚାନନ ମଣ୍ଡଳ, ବିଜୟ କୁମାର ଦାସ, ଉଦୟକର ମାହୁନ୍ତ, ସୁରେନ୍ଦ୍ର ନାୟକ, ପ୍ରଦ୍ୱୀପ ସ୍ୱାଇଁ, ପଂଚାନନ ଦାସ, ଶ୍ରୀକାନ୍ତ ଜେନା, ଦିବାକର ଦାସ, ଦୁଶାସନ ଦାସ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ରବିବାର, ଏପ୍ରିଲ ୨୦, ୨୦୨୫

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# କୋକିଳମଣି ସଂସ୍କୃତ ବିଦ୍ୟାପୀଠରେ ବୈଠକ

ବାଲିଆପାଳ/ଲଙ୍ଗଳେଶ୍ୱର ୧୯/୪ (ନିପ୍ର) : ବାଲିଆପାଳ ବ୍ଲକ କୁମାରୀ ପଞ୍ଚାୟତରେ ଥିବା କୋକିଳ ମଣି ସଂସ୍କୃତ ବିଦ୍ୟାପୀଠ ପରିସରରେ ଶନିବାର ପୂର୍ବାହ୍ନ ୧୧ଟା ରେ ଅଭିଭାବକ, ଶିକ୍ଷକ, ଶିକ୍ଷୟିତ୍ରୀ ବିଦ୍ୟାଳୟ ପରିଚାଳନା ଓ ଉନ୍ନୟନ କମିଟିର ମିଳିତ ବୈଠକ ବିଦ୍ୟାପୀଠ ର ପ୍ରଧାନ ପଣ୍ଡିତ ବିରେନ୍ଦ୍ର କୁମାର ସାହୁ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ଶିକ୍ଷାନିତି ୨୦୨୦ ନିୟମ ଅନୁଯାୟୀ ଛାତ୍ର ଛାତ୍ରୀ ମାନଙ୍କୁ ଗୁଣାତ୍ମକ ଶିକ୍ଷାଦାନ ଓ ଶିକ୍ଷା କ୍ଷେତ୍ରରେ ସୁଦୃଢ ଭିତ୍ତିଭୂମି ଉପରେ ବୈଠକରେ ଆଲୋଚନା ହୋଇଥିଲା।ଏକ ଉତ୍ତମ ଶିକ୍ଷାନୁଷ୍ଠାନ ଗଠନ କରିବାରେ ଗୋଷ୍ଠୀର ଭୂମିକା ଗୁରୁତ୍ୱପୂର୍ଣ୍ଣ ଅଟେ। ପରସ୍ପର ମଧ୍ୟରେ ଉତ୍ତମ ସମ୍ପର୍କ ରହିଲେ ରୂପାୟନ ଓ ଉନ୍ନୟନ କାର୍ଯ୍ୟରେ ବିକାଶ ହୋଇପାରିବ। ପିଲାମାନଙ୍କ ପାଇଁ ନିରାପଦ ଓ ପ୍ରୋତ୍ସାହନ ଜନକ ଆନନ୍ଦ ଦାୟକ ଶିକ୍ଷଣୀୟ ପରିବେଶ, ସୈକ୍ଷିକ ଅଭିଜ୍ଞତା, ଉନ୍ନତ ଭିତ୍ତିଭୂମି, ଶିକ୍ଷଣୀୟ ଉପଯୋଗୀ ଉପଲବ୍ଧତା ତଥା ଶିକ୍ଷାର୍ଥୀ ନିଜକୁ ସ୍ୱାଗତଯୋଗ୍ୟ ଓ ଯତ୍ନ୍ୱାନ ସମ୍ପର୍କରେ ମତ ବିନିମୟ ହୋଇଥିଲା। ଏହି ବୈଠକରେ ପରିଚାଳନା କମିଟିର ସମ୍ପାଦକ ମୃତ୍ୟୁଞ୍ଜୟ ମହାପାତ୍ର, ଏକାଦଶୀ ସିଂ, ସୁଶିଲ କୁମାର ଦେ ସେହିପରି ଉନ୍ନୟନ କମିଟିର ପ୍ରଭାକର ଜେନା, ଲକ୍ଷ୍ମୀ ମୂର୍ମୁ ,ମୁରଲୀ ଧର ମହାପାତ୍ରଙ୍କ ସମେତ ଛାତ୍ର ଅଭିଭାବକ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶିକ୍ଷକ ତ୍ରିଲୋଚ ବାଗ, ପରେଶ କୁମାର ମିଶ୍ର, ନାରାୟଣ ପରିଡା, ହରେକୃଷ୍ଣ ନନ୍ଦୀ,ସସ୍ମିତା ମହାପାତ୍ର,ଅଣ ଶିକ୍ଷକ ସୁରେନ୍ଦ୍ର ନାଥ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜୀବିକାମିଶନ ଯୋଜନାରେ କୋଟିକୋଟି ଅର୍ଥ ହଡ଼ପ: ଧୋବଶିଳା ପଞ୍ଚାୟତରେ ହୋଇଥିବା ଦୁର୍ନୀତିର ତଦନ୍ତ ନେଇ ଜିଲ୍ଲାପାଳଙ୍କୁ ଚିଠି ଲେଖିଲେ ସାଂସଦ



ନୀଳଗିରି, ୧୯/୪ (ନି.ପ୍ର): ମହିଳାଙ୍କୁ ସ୍ୱାବଲମ୍ବୀ କରିବାପାଇଁ କେନ୍ଦ୍ର ଏବଂ ରାଜ୍ୟସରକାର କୋଟିକୋଟି ଟଙ୍କାର ଅର୍ଥରାଶି ପ୍ରଦାନ କରିଥିଲା ବେଳେ ନୀଳଗିରି ବ୍ଲକରେ କୋଟିକୋଟି ଟଙ୍କା ବିଭାଗୀୟ ଅଧିକାରୀ, ଏମବିକେ ଓ ସିଆରପିଙ୍କ ମିଳିଭଗତରେ ଆତ୍ମସାତ ହୋଇଥିବା ସୂଚନା ମିଳିଛି। ଏଭଳି ମହାଦୁର୍ନୀତିକୁ ଲୁଚାଇଦେବା ଏବଂ ପ୍ରମାଣ ନଷ୍ଟ ପାଇଁ କାର୍ଯ୍ୟାଳୟ ପରିସରରେ ଚାଲିଛି ଜୋରଦାର ପ୍ରୟାସ।ତେବେ ଘଟଣାର ସତ୍ୟାସତ୍ୟ ଉନ୍ମୋଚନ ପାଇଁ ଭିଜିଲାନସ୍ ତଦନ୍ତ ପାଇଁ ଦାବୀ ହୋଇଥିବା ସୂଚନା ମିଳିଛି। ବ୍ଲକର ବିଭିନ୍ନ ପଞ୍ଚାୟତରେ ଏଭଳି ଦୁର୍ନୀତି ଅଭିଯୋଗ ହୋଇଥିଲା ବେଳେ ବ୍ଲକର ଧୋବଶିଳା ପଞ୍ଚାୟତର ସ୍ୱୟଂ ସହାୟିକା ମହିଳା ଗୋଷ୍ଠୀର ୧୦୦ଜଣ ମହିଳାଙ୍କୁ ଛେଳିଚାଷ ପାଇଁ ୩ଶହରୁ ଉର୍ଦ୍ଧ୍ୱ ଛେଳି କିଣିବାପାଇଁ ଅର୍ଥ ମଞ୍ଜୁର ହୋଇଥିବା ବେଳେ ମାତ୍ର ୧୦ଟି ରୁଗଣ ଛେଳି କିଣି ବାକି ଅର୍ଥ ଆତ୍ମସାତ ହୋଇଥିବା ଅଭିଯୋଗ ହୋଇଛି। ଏନେଇ ମହିଳାଗୋଷ୍ଠୀର ଅନେକ ସଦସ୍ୟା ବାଲେଶ୍ୱର ସାଂସଦଙ୍କ ନିକଟରେ ଫେରାଦ ହୋଇଥିଲେ। ସାଂସଦ ମହୋଦୟ ଘଟଣାରେ ଅନିୟମିତତା ଏବଂ ଅର୍ଥ ହରିଲୁଟ ହୋଇଥିବା ପ୍ରମାଣ ପାଇବାପରେ ବାଲେଶ୍ୱର ଜିଲ୍ଲାପାଳଙ୍କୁ ଗତ ଏପ୍ରିଲ ୧୧ତାରିଖରେ ଚିଠି କରିଥିଲେ। ଶନିବାର ସନ୍ଧ୍ୟାରେ ନୀଳଗିରି ଉପଜିଲ୍ଲାପାଳ ଶୁଭଶ୍ରୀ ରଥ ଏବଂ ସ୍ଥାନୀୟ ବିଡ଼ିଓ ବିକ୍ରମ କେଶରୀ ପରିଡ଼ାଙ୍କ ସହିତ ସାଂସଦ ଶ୍ରୀଯୁକ୍ତ ଷଡ଼ଙ୍ଗୀ ଧୋବଶିଳା ପଞ୍ଚାୟତ କାର୍ଯ୍ୟାଳୟରେ ବିଭାଗୀୟ ଅଧିକାରୀ (ବିପିଏମ) ଅର୍ଜୁନ ପାଲଙ୍କ ସହିତ ଏମବିକେ ରଶ୍ମିତା ସ, ଜିପିଏଲଏଫ୍ ସଭାପତି ପ୍ରଭାତୀ ସ୍ୱାଇଁ, ସମ୍ପାଦକ ସୁମିତ୍ରା ସିଂଙ୍କ ଉପସ୍ଥିତିରେ ଦୁର୍ନୀତିର ତଦନ୍ତ କରିଥିଲେ। ଏହି ଆତ୍ମନିର୍ଭର ଯୋଜନାରେ ଜିପିଏଲଏଫ୍ ପାଣ୍ଠିରୁ ଲକ୍ଷାଧିକ ସରକାରୀ ଅର୍ଥ ଆତ୍ମସାତ କରିଥିବା ବିଭାଗୀୟ ଅଧିକାରୀ ଅର୍ଜୁନ ପାଲଙ୍କ ସମେତ ପଞ୍ଚାୟତର ଏମବିକେ, ଜିପିଏଲ୍ଏଫ୍ ସଭାପତି, ସମ୍ପାଦକ ସ୍ୱୀକାର କରିଥିଲେ। ଏମବିକେ ୧ଲକ୍ଷ,ସଭାପତି ୫୫ହଜାର, ସମ୍ପାଦକ ୪୫ହଜାର, ଏବଂ ବିପିଏମ ୫୦ହଜାର ଟଙ୍କା ନିଜନିଜ ମଧ୍ୟରେ ବାଣ୍ଟି ନେଇଥିବା ଉପଜିଲ୍ଲାପାଳ, ବିଡିଓ ଏବଂ ସାଂସଦଙ୍କ ଉପସ୍ଥିତିରେ ଲିଖିତ ସ୍ୱୀକାର କରିଥିଲେ। ତେବେ କେବଳ ଧୋବଶିଳା ପଞ୍ଚାୟତରେ ନୁହେଁ ନୀଳଗିରି ବ୍ଲକର ବିଭିନ୍ନ ପଞ୍ଚାୟତରେ ଏଭଳି ଦୁର୍ନୀତି ହୋଇଥିବା ସୂଚନା ମିଳିଥିବା ବେଳେ କେବେ ଉଚ୍ଚସ୍ତରୀୟ ତଦନ୍ତ କିମ୍ବା ଭିଜିଲାନ୍ସ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଦେଖିବାକୁ ବାକି ରହିଲା।

## ବିଦ୍ୟୁତ ଆଘାତରେ ଯୁବକ ମୃତ

ଜଳେଶ୍ୱର, ୧୯/୪ (ନି.ପ୍ର): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ଶ୍ୟାମ ନଗର ପଞ୍ଚାୟତର କଣ୍ଡରାଗଡିଆ ଗ୍ରାମରେ ରାମଚନ୍ଦ୍ର ମାରାଣ୍ଡିଙ୍କ ପୁତ୍ର ପାରାଓ ମାରାଣ୍ଡି (୪୫) ବିଦ୍ୟୁତ ଆଘାତରେ ପ୍ରାଣ ହରାଇଛନ୍ତି। ସୂଚନା ଅନୁସାରେ ଆଜି ସକାଳ ସମୟରେ କଣ୍ଡରା ଗଡିଆ ଗ୍ରାମରେ ଏକ ସରକାରୀ ଉଠା ଜଳ ସେଚନ ପ୍ରକଳ୍ପର ବିଦ୍ୟୁତ ସଂଯୋଗି କରଣ ପାଇଁ ବିଲରେ ତିନିଜଣ ଇଲେକ୍ଟ୍ରି ଖୁଣ୍ଟ ପୋତିବା ସମୟରେ ଉକ୍ତ ଖୁଣ୍ଟ ପାଖରେ ଥିବା ଇଲେଭେନ୍ କେଭିର ତାରରେ ଖୁଣ୍ଟଟି ଲାଗିଯିବାରୁ ଦୁଇ ଜଣ ଆହାତ ହୋଇଥିଲେ ଏବଂ ପାରାଓ ମାରାଣ୍ଡି ଦୂରକୁ ଛିଟିକି ତାଙ୍କର ଚେତା ହରେଇ ବସିଥିଲେ। ସ୍ଥାନୀୟ ଲୋକ ମାନେ ତାଙ୍କୁ ହାତୀଗଡ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ ସେଠାରେ ତାଙ୍କୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।ପରେ ଶବ ବ୍ୟବଚ୍ଛେଦ ପାଇଁ ଜଳେଶ୍ୱର ପଠାଇଛନ୍ତି। ମୃତକଙ୍କ ପରିବାରରେ ସ୍ତ୍ରୀ ଏବଂ ଦୁଇ ଝିଅ ଏକ ନାବାଳକ ପୁତ୍ର ବୃଦ୍ଧା ମା ରହିଛନ୍ତି। ତେଣୁ ପରିବାରର ପ୍ରତିପୋଷଣ ପାଇଁ ସରକାରୀ ସହାୟତା ଯୋଗେଇ ଦେବା ପାଇଁ ପରିବାର ଲୋକ ଦାବୀ କରିଛନ୍ତି। ଘଟଣା ସ୍ଥଳରେ ପଂଚାୟତର ସରପଂଚ ଗିରିଜା ଶଙ୍କର ସାସମଲ ଏବଂ ଅନ୍ୟ ଗ୍ରାମବାସୀ ଉପସ୍ଥିତ ଥିଲେ।

# ରେମୁଣା ବିଜେପିର ସକ୍ରିୟ ସଦସ୍ୟ ସମ୍ମିଳନୀ ଅନୁଷ୍ଠିତ




ବାଲେଶ୍ୱର, ୧୯/୪ (ନି.ପ୍ର): ଶନିବାର ସକାଳ ୧୦ ଘଟିକା ସମୟରେ ରେମୁଣା ବିଜେପି ପକ୍ଷରୁ ଖାନନଗର ସ୍ଥିତ ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ସକ୍ରିୟ ସଦସ୍ୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ରେମୁଣା ବିଧାୟକ ପ୍ରତିନିଧି କାର୍ତ୍ତିକ ଚନ୍ଦ୍ର ଗିରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସାଂସଦ ପ୍ରତିନିଧି ଉମାକାନ୍ତ ପଣ୍ଡା ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ କରିଥିଲେ। ମୁଖ୍ୟ ଅତିଥି ବାଲେଶ୍ୱର ସାଂସଦ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସରକାରୀ ଉପମୁଖ୍ୟ ସଚେତକ ତଥା ବିଧାୟକ ରେମୁଣା ଶ୍ରୀଯୁକ୍ତ ଗୋବିନ୍ଦ ଚନ୍ଦ୍ର ଦାସ, ଜିଲ୍ଲା ସଭାପତି ଶ୍ରୀଯୁକ୍ତ ଈଶ୍ୱର ଚନ୍ଦ୍ର ବେହେରା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଶୋଭନା ମହାନ୍ତି, ଜିଲ୍ଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା, ଜିଲ୍ଲା ଅନୁସୂଚିତ ଜନଜାତି ମୋର୍ଚ୍ଚା ସଭାପତି ବିପିନ ମାରାଣ୍ଡି, ଜିଲ୍ଲା ଉପସଭା ନେତ୍ରୀ ମିନାକ୍ଷୀ ମହାପାତ୍ର, କମଳା ବିନ୍ଧାଣି, ରେମୁଣା ନିର୍ବାଚନ ମଣ୍ଡଳୀ ପ୍ରଭାରୀ ଆଶିଷ ଘୋଷ, ସକ୍ରିୟ ସଦସ୍ୟ ସମ୍ମିଳନୀ ସହ ସଂଯୋଜକ ଭୋଳାନାଥ ପାତ୍ର, ସିମୁଳିଆ ନିର୍ବାଚନମଣ୍ଡଳୀ ସାଂଗଠାନିକ ପ୍ରଭାରୀ ଚନ୍ଦ୍ର ଶେଖର ନନ୍ଦ ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ତାଙ୍କ ଅଭିଭାଷଣରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ସମ୍ବନ୍ଧରେ ଉପସ୍ଥିତ କର୍ମକର୍ତ୍ତାଙ୍କୁ ସୂଚନା ଦେବା ସଙ୍ଗେ ସଙ୍ଗେ ଘର ଘର ବୁଲି ପ୍ରଚାର ପ୍ରସାର କରିବା ପାଇଁ ଆହ୍ୱାନ ଦେଇଥିଲେ, ଜିଲ୍ଲା ସଭାପତି ତାଙ୍କ ବକ୍ତବ୍ୟରେ ଗତ ୨୦୨୫ ସାଧାରଣ ନିର୍ବାଚନର ସଫଳତା ଓ ସଂଗଠନାତ୍ମକ ବିସ୍ତାର ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ, ରେମୁଣା ବିଧାୟକ ଶ୍ରୀ ଦାସ ଭାରତୀୟ ରାଜନୀତିରେ ବିଜେପି ଦ୍ୱାରା ଆସିଥିବା ପରିବର୍ତ୍ତନ ସମ୍ବନ୍ଧରେ ଉପସ୍ଥିତ କର୍ମକର୍ତ୍ତାଙ୍କୁ କହିଥିଲେ, ବାଲେଶ୍ୱର ସାଂସଦ ଶ୍ରୀଯୁକ୍ତ ଷଡ଼ଙ୍ଗୀ ତାଙ୍କ ଅଭିଭାଷଣରେ ପ୍ରଧାନମନ୍ତ୍ରୀ ରୂପେ ମୋଦୀ ଜୀଙ୍କ ନେତୃତ୍ୱରେ ବିକଶିତ ଭାରତ ଦିଗରେ ୧୧ ବର୍ଷର ସଫଳ ଯାତ୍ରା ସମ୍ବନ୍ଧରେ ଉପସ୍ଥିତ କର୍ମକର୍ତ୍ତାଙ୍କୁ ବୁଝାଇଥିଲେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସାଧାରଣ ସମ୍ପାଦକ ଓ ରେମୁଣା ନିର୍ବାଚନମଣ୍ଡଳୀ ପ୍ରଭାରୀ ନୂତନ ଭାବେ ଦାୟିତ୍ୱ ପାଇଥିବା ମଣ୍ଡଳ ସଭାପତି ମାନଙ୍କୁ ନୂତନ ମଣ୍ଡଳ କମିଟିର ସଂରଚନା ଓ ଦାୟିତ୍ୱ ବିଷୟରେ କହିଥିଲେ। ଶେଷରେ ପୂର୍ବତନ ରେମୁଣା ବ୍ଲକ ଅଧକ୍ଷ ସୁଶାନ୍ତ ପଟ୍ଟନାୟକ ସମସ୍ତଙ୍କୁ ଧନ୍ୟବାଦ ଜଣାଇ ସଭା ସାଙ୍ଗ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସଦର ବ୍ଲକ ରେମୁଣା ବିଧାୟକ ପ୍ରତିନିଧି ଲମ୍ବୋଦର ପ୍ରଧାନ,ମଣ୍ଡଳ ସଭାପତି ଉମାକାନ୍ତ ଜେନା, ରଘୁନାଥ ପରିଡ଼ା, ମାନସ କୁମାର ମହାନ୍ତି, ମାୟାଧର ପ୍ରଧାନ, ପ୍ରଫୁଲ୍ଲ ଦ୍ୱିବେଦୀ, ବିବେକ ବିକାଶ ରାଉତ, ଜିଲ୍ଲା ଯୁବମୋର୍ଚ୍ଚା ଉପସଭାପତି ନାରାୟଣ ମହନ୍ତ, ରାଜ୍ୟ କୃଷକ ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ସୁବୋଧ ଚନ୍ଦ୍ର ପଣ୍ଡା, ପୂର୍ବତନ ମଣ୍ଡଳ ସଭାପତି କୃଷ୍ଣ ଚନ୍ଦ୍ର ସାହା, ବିଭୂତି ରଞ୍ଜନ ସେନାପତି, ପ୍ରମୁଖ ଉପସ୍ଥିତ ଥିଲେ।

## କର୍ମଚାରୀଙ୍କ ପରିବାର ବର୍ଗଙ୍କୁ ସମବେଦନା ଜଣାଇଲା ଓଷ୍ଟା ସଂଘ

ବେତନଟୀ , ୧୯/୪ (ନି.ପ୍ର): ବେତନଟୀ ନିକଟରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ରେ ମେର୍ଦା ହାଇସ୍କୁଲ ର ପିଅନ ୰ ତିମିର କୁମାର ଓଝା ମୃତ୍ୟୁବରଣ କରିଥିଲେ। ତାଙ୍କର ପୈତୃକ ଗୃହ ବେତନଟୀ (ସୁଖିଲାହାର) ଠାରେ ତାଙ୍କର ତାଙ୍କର କ୍ରିୟା କର୍ମ ପରିବାର ବର୍ଗଙ୍କ ପକ୍ଷରୁ ସମ୍ପାଦିତ ହୋଇଯାଇଛି। ଓଷ୍ଟା ଶିକ୍ଷକ ସଂଘ ର ଜିଲ୍ଲା ସଂପାଦକ କିଶୋର କୁମାର ଆଚାର୍ଯ୍ୟ ଙ୍କ ନେତୃତ୍ୱ ରେ ଏକ ପ୍ରତନିଧି ମଣ୍ଡଳୀ ମୃତକଙ୍କ ଘରେ ପହଞ୍ଚି ପରିବାର ବର୍ଗଙ୍କୁ ସମବେଦନା ଜଣାଇବା ସହ ସହାୟତା ରାଶି ପ୍ରଦାନ କରିଥିଲେ। ସେହିଭଳି ମେର୍ଦା ହାଇସ୍କୁଲ ର ପ୍ରଧାନ ଶିକ୍ଷୟିତ୍ରୀ ମାଳତୀ ହେମ୍ବ୍ରମ ଙ୍କ ସହ ବିଦ୍ୟାଳୟ ର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ ମଧ ତାଙ୍କ ପରିବାରର ବର୍ଗଙ୍କୁ ସମବେଦନା ଜଣାଇବା ସହ ଆର୍ଥିକ ସହାୟତା ପ୍ରଦାନ କରିଥିଲେ।

# ଗ୍ରାମ୍ୟ ଜଳଯୋଗାଣ ବିଭାଗର ନିର୍ଦ୍ଦେଶକୁ କଣ୍ଟ୍ରାକ୍ଟରଙ୍କର ବେଖାତିର



ବାଲେଶ୍ୱର, ୧୯/୪ (ନି.ପ୍ର): ସଦର ବ୍ଲକ୍ ଅନ୍ତର୍ଗତ କୁଅଁରପୁର ଗ୍ରାମରେ ମଂଗଳା ମନ୍ଦିର ଓ ଜଗନ୍ନାଥ ମନ୍ଦିର ନିକଟରେ ଏକ ପାନୀୟ ଜଳ ନଳକୂପ ଖୋଳାଯିବା ପାଇଁ ୨୦୨୪ ମାର୍ଚ୍ଚ ମାସରେ ସରକାରଙ୍କ ପ୍ରସ୍ତାବ ମଞ୍ଜୁରୀ ହୋଇ ଜନୈକ କଣ୍ଟ୍ରାକ୍ଟର ଜଗନ୍ନାଥ ପାଣିଗ୍ରାହୀ ଖୋଳିବା କାର୍ଯ୍ୟ ଆରମ୍ଭ କରିଥିଲେ। ନଳକୂପ ଖନନ କାର୍ଯ୍ୟ ଅଧା କରି କଣ୍ଟ୍ରାକ୍ଟର କୁଆଡ଼େ ଉଭାନ୍ ହୋଇଗଲେ। ପୁଣି ଚଳିତ ମାର୍ଚ୍ଚ ମାସରେ ଉକ୍ତ ବ୍ୟକ୍ତି କିଛି ଲୋକଙ୍କୁ ପଠାଇ ଖୋଳାକାମ ଆରମ୍ଭ କରାଇଲେ। କିନ୍ତୁ ଯଥା ପୂର୍ବ ତଥା ପରମ୍ ନୀତିରେ ଆଜକୁ ୨ ମାସ ସରିବାକୁ ଗଲାଣି ନଳକୂପ ଖୋଳା କାର୍ଯ୍ୟ ଆରମ୍ଭ କିମ୍ବା ଶେଷ ହୋଇପାରୁନାହିଁ। ଏ ବିଷୟରେ ଗ୍ରାମବାସୀମାନେ ସଂପୃକ୍ତ ବାଲେଶ୍ୱର ସଦର କନିଷ୍ଠଯନ୍ତ୍ରୀ ଓ ସହକାରୀ ନିର୍ବାହ ଯନ୍ତ୍ରୀଙ୍କୁ ଅନୁରୋଧ କଲାପରେ ମଧ କୌଣସି ସୁଫଳ ମିଳି ପାରିନଥିଲା। ତେଣୁ ବାଧ ହୋଇ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ଅଭିଯୋଗ ଦାଖଲ କରିଥିଲେ। ଅଭିଯୋଗ ଦାଖଲ କରିବା ୪ ମାସ ବିତିଗଲେ ମଧ ଦୈନିକ କଣ୍ଟ୍ରାକ୍ଟର ନଳକୂପ ଖୋଳିବା କାର୍ଯ୍ୟ ସଂପୂର୍ଣ୍ଣ କରୁନାହାନ୍ତି, ଯାହା ଫଳରେ ସେଠାରେ ବସବାସ କରୁଥିବା ୫୦ରୁ ଅଧିକ ଲୋକମାନେ ପିଇବା ପାଣିରୁ ବଂଚିତ ହେଉଛନ୍ତି। ତେଣୁ ଉକ୍ତ କାର୍ଯ୍ୟକୁ କର୍ତ୍ତୃପକ୍ଷ ଧ୍ୟାନ ଦେବାପାଇଁ ଗ୍ରାମବାସୀମାନେ ଦାବି କରୁଛନ୍ତି।

# ବାର ବର୍ଷର ପ୍ରତୀକ୍ଷା ପରେ ମଧ ବିଧବାଙ୍କୁ ମିଳିଲାନାହିଁ ସାମାଜିକ ସୁରକ୍ଷା

ଉଦଳା , ୧୯/୪ (ନି.ପ୍ର): ଯେ ହେଉଛି କପ୍ତିପଦା ବ୍ଲକର ମଝିଗଡ଼ିଆ ପଂଚାୟତ ଅନ୍ତର୍ଗତ ଟୁଲୁକବାଡ଼ି ଗ୍ରାମର ଦୃଶ୍ୟ । ଏହି ଗ୍ରାମର ବାସିନ୍ଦା ଡ଼ମ୍ବରୁ ସିଂଙ୍କର ଦେହାନ୍ତ ହୋଇଯିବା ପରେ ତାଙ୍କର ସହଧର୍ମିଣୀ ପାଲ ସିଂ ଆଜକୁ ବାର ବର୍ଷ ଧରି ବିଧବା ଜୀବନ ବିତାଇବା ସାଙ୍ଗକୁ ଦିନମଜୁରିଆ ଭାବରେ କାମ କରି ନିଜର ଦୈନନ୍ଦିନର ଗୁଜୁରାଣ ମେଂଟାଉଛନ୍ତି । ବିଧବା ମା' ମାନଙ୍କୁ ସାମାଜିକ ସୁରକ୍ଷା ଯୋଜନାରେ ସରକାର ଯେଉଁ ଭତା ଯୋଗାଇ ଦେଉଛନ୍ତି ତାହା ପାଇବାରୁ 'ପାଲ' ଏ ପର୍ଯ୍ୟନ୍ତ ବଂଚିତ ଅଛନ୍ତି । ଏଥିପାଇଁ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟରେ ବାରମ୍ବାର ଗୁହାରି ଜଣାଇଲେ ମଧ କେହି କର୍ଣ୍ଣପାତ କରୁନଥିବାର କଥା 'ପାଲ' ଅଭିଯୋଗ କରିଛନ୍ତି । ବିଭାଗୀୟ କତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଜନଜାଗୃତି ମଂଚ ତରଫରୁ ଦାବି ହେଉଛି ।

# ସ୍ୱେଚ୍ଛାକୃତ ରକ୍ତଦାନ କରି ଶମ୍ଭୁନାଥ ହାଇସ୍କୁଲର ପ୍ଲାଟିନମ ଉତ୍ସବ ପାଳନ



ବସ୍ତା, ୧୯/୪ (ନି.ପ୍ର): ବାଲେଶ୍ୱର ଜିଲା ବସ୍ତା ଶମ୍ଭୁନାଥ ସରକାରୀ ହାଇସ୍କୁଲରେ ପ୍ଲାଟିନମ ଜୁବଲୀ ଉତ୍ସବର ଦ୍ୱିତୀୟ ଦିବସରେ ଏକ ରକ୍ତଦାନ ଶିବିର ଜିଲା ରକ୍ତଦାତା ସଂଘ ଓ ବସ୍ତା ଶାଖା ରକ୍ତଦାତା ସଂଘ ର ମିଳିତ ସହଯୋଗ ରେ ଆୟୋଜିତ ହୋଇଥିଲା. ଜୁବିଲି କମିଟିର ସଭାପତି ଗଗନ ବିହାରି ଜେନା, ସମ୍ପାଦକ ସୂର୍ଯ୍ୟନାରାୟଣ ମିଶ୍ର, ପ୍ରାକ୍ତନ ସରପଞ୍ଚ ଅନିଲ କୁମାର ମହାନ୍ତି, ସତ୍ୟନାରାୟଣ ଗୁପ୍ତା,ଶିଶିର ସାହୁ, ପୂର୍ବତନ ସମିତି ସଭ୍ୟ ରବୀନ୍ଦ୍ର ଦାସ,ଶଙ୍କର କର, ଜିଲା ରକ୍ତ ଦାତା ସଂଘ ପକ୍ଷରୁ ଅଧ୍ୟାପକ ଗୌରାଙ୍ଗ ପଣ୍ଡା, ଗୋପୀକୃଷ୍ଣ ମହାନ୍ତି, ପ୍ରଦୀପ ପରିଡା, ଗଦାଧର ପତି, ରବିରତନ ପରିଡା, ଶମ୍ଭୁନାଥ ଭୁଇଆଁ ପ୍ରମୁଖ ଏହି ଉଦ୍ଘାଟନ ଉତ୍ସବରେ ଯୋଗଦେଇ 'ରକ୍ତ ଦାନ ହେଉଛି ମହତ ଦାନ' ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ୮୨ ଜଣ ସ୍ୱେଚ୍ଛାସେବୀ ରକ୍ତ ଦାନ କରି ଜୟନ୍ତୀ ଉତ୍ସବକୁ ସହଯୋଗ କରିଥିଲେ। ଓଡିଶା ରକ୍ତ କେନ୍ଦ୍ର ର ମେଡିକାଲ ଅଫିସର ଡ଼ା. ଅଞ୍ଜଳି ଯାଦବ, ଡ଼ା. ଆଦିତ୍ୟ ପୁହାଣ, ଦେବାଶିଷ ଦତ୍ତ, ମୋନାଲିସା ମହାନ୍ତି। କ୍ଷୀରୋଦ ବେହେରା, ସବନମ ଦାସ, ଦିବ୍ୟସୁନ୍ଦର ମହାନ୍ତି ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ।

# ରାଜ୍ୟ ସରକାରଙ୍କ ଦ୍ୱାରା ବରିଷ୍ଠ ନାଗରିକଙ୍କ ତୀର୍ଥ ଭ୍ରମଣ




ବାଲେଶ୍ୱର , ୧୯/୪ (ନି.ପ୍ର): ବାଲେଶ୍ୱରରୁ ଅଯୋଧ୍ୟା ଓ ବନାରସ ନିମନ୍ତେ ଦ୍ୱିତୀୟ ପର୍ଯ୍ୟାୟ ବରିଷ୍ଠ ନାଗରିକଙ୍କ ତୀର୍ଥଯାତ୍ରା କାର୍ଯ୍ୟକ୍ରମ ବାଲେଶ୍ୱର ବରେଣ୍ୟ ସାଂସଦ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଙ୍କ ଦ୍ୱାରା ଶୁଭାରମ୍ଭ ହୋଇଯାଇଛି । ଏହି ବରିଷ୍ଠ ନାଗରିକଙ୍କ ତୀର୍ଥଯାତ୍ରା ଯୋଜନାରେ ବାଲେଶ୍ୱର , ମୟୂର ଭଞ୍ଜ , ଭଦ୍ରକ , କେଉଁଝର , ଯାଜପୁର ରୁ ୫ ଗୋଟି ଜିଲ୍ଲାରୁ ମୋଟ ୭୭୫ ଜଣ ତୀର୍ଥଯାତ୍ରୀ ସହ ୨୫ ଜଣ ସୁରକ୍ଷା ଅଧିକାରୀ ସାମିଲ ହୋଇଛନ୍ତି । ଏହି ଶୁଭାଯାତ୍ରା ନିମନ୍ତେ ୧୭ ତାରିଖ ଦିନ ୫ ଟି ଜିଲ୍ଲାରୁ ସମସ୍ତ ଯାତ୍ରୀଙ୍କୁ ବାଲେଶ୍ୱର ପଦ୍ମାବତୀ ପାର୍କ ରେ ରଖାଯାଇଥିଲା । ୧୮ ତାରିଖ ଦିନ ୧୧ ଘଟିକା ସମୟରେ ସମସ୍ତ ଯାତ୍ରୀ ମାନଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା କରି ସେମାନଙ୍କ ଯାତ୍ରା ସମୟରେ ସମସ୍ତ ଆବଶ୍ୟକୀୟ ଔଷଧ ଠାରୁ ଶୃଙ୍ଖଳା ଖାଦ୍ୟ ପ୍ଲାଟ ଫର୍ମରେ ଯୋଗାଇ ଦିଆ ଯାଇଥିଲା। ଏହି ତୀର୍ଥ ଯାତ୍ରା ଅବସରରେ ଏକ ସାଧାରଣ ସଭା ପ୍ରଶାସନ ପକ୍ଷରୁ ଆୟୋଜନ କରାଯାଇଥିଲା । ଏହି ସଭାରେ ମାନ୍ୟବର ସାଂସଦ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ,ସଦର ବିଧାୟକ ମାନସ କୁମାର ଦତ୍ତ, ବସ୍ତା ବିଧାୟକ ସୁବାସିନୀ ଜେନା ବାଲେଶ୍ୱର ଜିଲ୍ଲା ପରିଷଦ ଅଧକ୍ଷ ଶ୍ରୀଯୁକ୍ତ ନାରାୟଣ ପ୍ରଧାନ ବାଲେଶ୍ୱର ପୌରଧକ୍ଷ ଶ୍ରୀମତୀ ସବିତା ସାହୁ, ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ, ରାଜ୍ୟ ପର୍ଯ୍ୟଟନ ସଚିବ ଶ୍ରୀଯୁକ୍ତ ନାଲ ମୁକୁନ୍ଦ ଭୂୟାଁ ଆଇଆର ଟିଶି ପରିଚାଳକ ପ୍ରମୁଖ ମଞ୍ଚାଶୀନ ହୋଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବରିଷ୍ଠ ନାଗରିକ ମାନଙ୍କୁ ପ୍ରତି ଏକ ସମ୍ମାନ ପୂର୍ବତନ ଯୋଜନା ରେ ଗରିବ ଓ ଦୁଃଖ ଲୋକଟିଏ ଯାହାର ବୟସ ୬୦ ରୁ ୭୦ ମଧ୍ୟରେ ହୋଇଥିବ । ଏହି ଯୋଜନାରେ ସାମିଲ ହୋଇ ତୀର୍ଥ ଯାତ୍ରାର ସମସ୍ତ , ସୁବିଧା ପାଇବା ସହିତ ଆଧାତ୍ମିକ ଚେତନାରେ ଏକ ଭବ୍ୟ ଅନୁଭବ ପାଇବେ ବୋଲି ମତ ବ୍ୟକ୍ତ କରିଥିଲେ । ଏହା ପରେ ମୁଖ୍ୟ ଅତିଥି ସମେତ ଜିଲ୍ଲା ପ୍ରଶାସନ କର୍ମକର୍ତ୍ତା ଙ୍କ ଉପସ୍ଥିତିରେ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ରେଲକୁ ପତାକା ଦେଖାଇ ଶୁଭ ଯାତ୍ରାରେ ସଙ୍କେତ ଦେଇଥିଲେ ।

# ଗୁଡିଖାଲ ଶିବମୁନି ଯୋଗ ଶିକ୍ଷାକେନ୍ଦ୍ରରେ ବ୍ରହ୍ମଯଜ୍ଞ




ଗୁଡିଖାଲ , ୧୯/୪ (ନି.ପ୍ର): ଗୁଡ଼ିଖାଲ ଶିବମୁନି ଯୋଗ ଶିକ୍ଷାକେନ୍ଦ୍ରରେ, ଆଶ୍ରମର ବରିଷ୍ଠ ଆତ୍ମଜ୍ଞାନୀ ଯୋଗୀ କୃପାସିନ୍ଧୁ ମୁନିଜୀଙ୍କ ସଭାପତିତ୍ୱରେ, ଆତ୍ମଜ୍ଞାନୀ ଯୋଗୀ ପରମାନନ୍ଦ ମୁନିଜୀଙ୍କ ସୁ ପୁତ୍ର ଆୟୁଷ୍ମାନ ଇ-ନିଶୀଥ ନୟନ ବାରିକଙ୍କର ୪୧ ତମ ଏବଂ ସୁପୁତ୍ରବଧୂ ମୁନିମତୀ ଡ:ଲିପିକା ବାଛିନୀଙ୍କର ୩୩ତମ ଶୁଭ ଜନ୍ମଦିନ ମହାସମାରୋହରେ ପାଳିତ ହୋଇଯାଇଛି । ମୁଖ୍ୟଅତିଥି ଥିଲେ ଆତ୍ମଜ୍ଞାନୀ ଯୋଗଶିକ୍ଷୟତ୍ରୀ ଶାନ୍ତିଲତା ବେହେରା ମହୋଦୟା ।ମୁଖ୍ୟବକ୍ତାଥିଲେ ବ୍ରହ୍ମଜ୍ଞାନୀ ଭାଗବତାଚାର୍ଯ୍ୟ ଯୋଗାଚାର୍ଯ୍ୟ ଜାମୋଦରମୁନିଜୀ ମହୋଦୟ । ପଞ୍ଚ ପରିଚାଳନା କରିଥିଲେ ଆତ୍ମଜ୍ଞାନୀ ଯୋଗୀ ଅରୁଣମୁନିଜୀ ମହୋଦୟ । ଅତିଥି ପରିଚୟ ସହିତ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ ଆଶ୍ରମର ସମ୍ପାଦକ ଆତ୍ମଜ୍ଞାନୀ ମୁନରାଜ ଗୋପାଳ ମହାପାତ୍ର ମହୋଦୟ । ମଞ୍ଚାସୀନଥିଲେ ଯୋଗୀ ଚିତ୍ତରଞ୍ଜନ ମୁନି, ବରିଷ୍ଠ ଯୋଗସାଧକ ଯୋଗୀ ପରମାନନ୍ଦ ସୁନି, ଯୋଗୀ ଅନ୍ତର୍ଯ୍ୟାମି ମୁନି, ବରିଷ୍ଠ ଯୋଗୀ ପ୍ରଫୁଲ୍ଲ ମୁନି, ଯୋଗୀ ଅବ୍ଦୁଲ ଅବ୍ କର, ଏବଂ ଆତ୍ମଜ୍ଞାନୀ ଯୋଗୀ ବଳରାମ ମୁନି ପ୍ରମୁଖ । ପ୍ରଥମେ ସମୂହ ପ୍ରଣବ,ଶୁଭଭାବନା, ବେଦପାଠ, ଶାନ୍ତି ପାଠ କରାଯାଇ ପୁତ୍ର ନିଶୀଥ ନୟନ ବାରିକଏବଂ ପୁତ୍ରବଧୂ ଲିପିକା ବାଛିନୀଙ୍କୁ ଦୀର୍ଘ ନିରୋଗ ନିରାମୟ ଆନନ୍ଦମୟ ଜୀବନର ସମୂହ ଶୁଭ ଆଶୀର୍ବାଦ ପ୍ରଦାନ କରାଯାଇଥିଲା । ମୁନି ସଙ୍ଗୀତ ଏବଂ ଜନ୍ମଦିନ ସଙ୍ଗୀତ ଗାନ କରିଥିଲେ,ଯୋଗ ଶିକ୍ଷୟତ୍ରୀ ବନ୍ଦିନୀ ବିଶ୍ୱାଳ,ମଞ୍ଜୁଲତା କେହେରା, କମଳକାମିନୀ ଦେ,ସୁବାସିନୀ ମହାନ୍ତି,ଶକୁନ୍ତଳା ପରିଡା ପ୍ରମୁଖ । ଉପସ୍ଥିତ ଥିଲେ, ମୁନି ଧୀରୋଜ ବିଶ୍ୱାଳ, ମୁନିରାଜ୍ଞୀ ସୁମତୀ ଜଳାଇ, ମୁନିମତୀ ସରସ୍ୱତୀ ନନ୍ଦ, ଜୟନ୍ତୀ ପାତ୍ର, ମିନତୀ ବର ପ୍ରମୁଖ ବହୁ ଆଶ୍ରମରୁ ଆସିଥିବା ଶତାଧିକ ଯୋଗ ସାଧକ ପସାଧିକା ମାନେ । ଯମ ନିୟମ ପାଳନ କରି ପ୍ରତିଦିନ ଯୋଗ ସାଧନ କରି ଚାଲିଲେ ଜଣେ ସର୍ବଦା ସୁସ୍ଥ ସବଳ ନିରୋଗ ନିରାମୟ ଆନନ୍ଦମୟ ଜୀବନଯାପନ ନିଶ୍ଚୟ କରିପାରିବ ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ ।ଶେଷରେ ପିତା ଯୋଗୀ ପରମାନନ୍ଦମୁନି ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida